

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୯ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 19 NOVEMBER 2021

Vol.No. 32 ■ No. 295 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଭାରତ ସୀମାରେ ଚୀନ୍ ବିସ୍ତାର କରୁଛି ସାମ୍ରାଜ୍ୟ



ନୂଆଦିଲ୍ଲୀ,୧୮/୧୧: ପ୍ରକୃତ ନିୟନ୍ତ୍ରଣ ରେଖା ପାର କରି ଭାରତ ସୀମା ଭିତରେ ଚୀନ ପ୍ରସ୍ତୁତ କରିଛି ଗାଁ । ଅରୁଣାଚଳ ପ୍ରଦେଶ ସୀମାର ୬ କିଲୋମିଟର ଏରିଆ ଭିତରେ ଚୀନର ଏନକ୍ଲେଭ ଦେଖିବାକୁ ମିଳିଛି । ଏହି ସାଟେଲାଇଟ୍ ଇମେଜକୁ ଦେଖିବା ପରେ ଚୀନର ମନମାନି ଜଣାପଡିଛି । ମାତ୍ର ୨ ବର୍ଷ ଭିତରେ ଭାରତ ସୀମାରେ ପ୍ରବେଶ କରି ଭିତିଭୂମି ସ୍ଥାପନ କରିଛି ଡ୍ରାଗନ । ଭାରତ ସୀମା ଭିତରେ ଜବରଦଖଲ କରି ନିଜ ଚୀନ ନିଜ ସାମ୍ରାଜ୍ୟ ବିସ୍ତାର କରୁଥିବା ଏହି ସାଟେଲାଇଟ୍ ଇମେଜୁ ସ୍ପଷ୍ଟ ଜଣା ପଡୁଛି । ଅରୁଣାଚଳ ପ୍ରଦେଶରୁ ନେଇ ଲଦାଖ ଯାଏଁ ଚୀନର ଭାରତ ସହିତ ରହିଛି ସୀମା ବିବାଦ । ଅରୁଣାଚଳ ପ୍ରଦେଶର ଅନେକ ଅଂଚଳରେ ଯେଉଁ ଅଂଚଳକୁ ବିବାଦୀୟ ବୋଲି କୁହାଯାଇଥାଏ ତାହା ମଧ୍ୟରେ ରହିଛି ଲଦାଖ, ନେପାଳ, ଭୁଟାନ, ଅରୁଣାଚଳ ପ୍ରଦେଶ । ସେହି ସ୍ଥାନରେ ଚୀନ ଗାଁ ନିର୍ମାଣ କରିଥିବା ସ୍ପଷ୍ଟ ହୋଇଛି । ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରେ ଦେଖିବାକୁ ମିଳିଛି ଏହିସବୁ ସାଟେଲାଇଟ୍ ଇମେଜ୍ । ଏଥିରେ ଭାରତ ସୀମା ଭିତରେ ଚୀନ ଭିତିଭୂମି ସ୍ଥାପନ କରୁଥିବା ସ୍ପଷ୍ଟ ଦେଖିବାକୁ ମିଳିଛି । ଲାଇନ ଅଫ୍ ଆକଚୁଆଲ୍ କଂଟ୍ରୋଲ ବା ପ୍ରକୃତ ନିୟନ୍ତ୍ରଣ ରେଖାକୁ ନେଇ ଭାରତ-ଚୀନ ମଧ୍ୟରେ ତିକ୍ତତା ଲାଗି ରହିଛି । ଖାସକରି ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଚୀନ ତାର ମନମାନି ଚଳାଇ ଆସୁଛି । ଆଉ ସୀମାରେ ବାରମ୍ବାର ଅଶାନ୍ତି ସୃଷ୍ଟି କରୁଛି । ହେଲେ ଭାରତ ସରକାର କହୁଛନ୍ତି ଚୀନ ସହ ମୁକାବିଲା ପାଇଁ ପ୍ରସ୍ତୁତ ଅଛି ଦେଶ । ତେବେ ପ୍ରକୃତ ନିୟନ୍ତ୍ରଣ ରେଖା ଡେଇଁ ଭାରତ ସୀମା ଭିତରକୁ ଯେପରି ମାଡି ଆସୁଛି ଡ୍ରାଗନ୍ ତାହା ନିଶ୍ଚିତ ରୂପେ ଚିନ୍ତାର ବିଷୟ ।

### ଜିଲ୍ଲାପାଳଙ୍କ ସମ୍ମୁଖରେ ତଳେ ଶୋଇ ଦାବି ଜଣାଇଲେ ଆଦିବାସୀ ମହିଳା

ଭୁବନେଶ୍ୱର,୧୮/୧୧(ନି.ପ୍ର): ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲପାଳଙ୍କ କାର୍ଯ୍ୟାଳୟକୁ ଦୌଡିଦୌଡି ନୟାନ୍ତ ହେଲେ । ହେଲେ ତାଙ୍କ ସହ ହୋଇଥିବା ଅନ୍ୟାୟର ବିଚାର ହେଲାନାହିଁ । ଅବିବାହିତ ଅନାଥ ଆଦିବାସୀ ମହିଳାଙ୍କ କଥା କେହି ଶୁଣିଲେ ନାହିଁ । ତେଣୁ ସୁନ୍ଦରଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ମହିଳା ଆଜି ଅଭିନବ ଉପାୟରେ ଜିଲ୍ଲାପାଳଙ୍କୁ ଦାବି ଜଣାଇଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୋଇ ପଡିଲେ ମହିଳା । ଚାକିରି ଫେରାଇ ଦେବାକୁ ଦାବି କରି ସୁନ୍ଦରଗଡ ଜିଲ୍ଲାପାଳ ନିଖୀଲ ପବନ କଲ୍ୟାଣଙ୍କ ▶▶ପୃଷ୍ଠା ୭

## ମମିତା ମାମଲା: ଷ୍ଟାଟସ ରିପୋର୍ଟ ମାଗିଲେ ହାଇକୋର୍ଟ



କଟକ,୧୮/୧୧ (ନି.ପ୍ର): ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡ ମାମଲାରେ ତଦନ୍ତ ନେଇ ସରକାରଙ୍କୁ ଷ୍ଟାଟସ ରିପୋର୍ଟ ମାଗିଲେ ହାଇକୋର୍ଟ । ତଦନ୍ତ କେତେ ଦୂର ଆଗେଇଛି ସେ ନେଇ ରିପୋର୍ଟ ମାଗିଛନ୍ତି କୋର୍ଟ । ଆସନ୍ତା ୩ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ଝିଅକୁ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମମିତାଙ୍କ ପରିବାର ଲୋକେ । ନିର୍ଦ୍ଦିଷ୍ଟ ସମୟ ଭିତରେ ତଦନ୍ତ ସାରିବାକୁ ଏଥିରେ ଆବେଦନ କରାଯାଇଥିଲା । ଗୃହ ସଚିବ, ଡିଜିପି, ବଲାଙ୍ଗିର ଜିଲ୍ଲାପାଳ ଓ ଏସପିଙ୍କୁ ପକ୍ଷଭୁକ୍ତ ପାଇଁ ଆବେଦନ କରାଯାଇଥିଲା । ସିନ୍ଧେକେଲା ଓଓଉଙ୍କୁ ମଧ୍ୟ ମାମଲାରେ ପକ୍ଷଭୁକ୍ତ କରିବାକୁ ଆବେଦନ କରିଥିଲେ ମମିତାଙ୍କ ପରିବାର ସଦସ୍ୟ । ଲମ୍ବା ସମୟ ଧରି ତଦନ୍ତ ହେବା ଦ୍ୱାରା ମାନସିକ ଚାପରେ ପରିବାର ଲୋକେ ଥିବା କୋର୍ଟରେ ଦର୍ଶା ଯାଇଛି । ତ୍ୱରିତ ଶୁଣାଣି ଓ ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର ପାଇଁ ଅପିଲ କରିଥିଲେ ପରିବାର ଲୋକେ ।

## ଭିଜିଲାନ୍ସ ଜାଲରେ ପୁଣି ଜଣେ କୋଟିପତି ସରକାରୀ ବାବୁ



ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡିଛନ୍ତି ଆଉ ଜଣେ ସରକାରୀ ବାବୁ । ଆୟବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ନୟାଗଡ଼ ରଣପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀଙ୍କ ଘରେ ଚଢାଉ ବେଳେ ତାଙ୍କ ଘର ଦେଖି କାବା ହୋଇଯାଇଛନ୍ତି ଭିଜିଲାନ୍ସ ଅଧିକାରୀ । ତାଙ୍କ ଘରେ କୋଟି କୋଟି ଟଙ୍କାର ସାଜସଜା ହୋଇଛି । କୌଣସି ରାଜମହଲ ଠାରୁ କମ ଲାଗୁନାହିଁ ତାଙ୍କ କୋଠା । ଭୁବନେଶ୍ୱର ନିଳାଦ୍ରୀ ବିହାର ଅଂଚଳରେ ଥିବା ତାଙ୍କ ଘରର ମୂଲ୍ୟ କୋଟିଏରୁ ଅଧିକ ଟଙ୍କା ହେବ । ୭ ମାସ ପରେ ସରକାରୀ ଚାକିରୀରୁ ଅବସର ନେଇଥାନ୍ତେ ସରକାରୀ ଯନ୍ତ୍ରୀ ରଷିନାଥ ବରାଳ । କିନ୍ତୁ ଚାକିରୀ ଛାଡିବା ପୂର୍ବରୁ ଖୋଲିଗଲା ଅସଲ ମୁଖା । ଘରୁ ମିଳିଲା ପୁଳା ପୁଳା ଟଙ୍କା । ନୟାଗଡ ଜିଲ୍ଲାର ରଣପୁରରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ସହକାରୀ ଯନ୍ତ୍ରୀ ଭାବେ କାମ କରୁଥିବା ରଷିନାଥ ବରାଳଙ୍କ ସମ୍ପତି ଦେଖି ଭିଜିଲାନ୍ସ ଅଧିକାରୀମାନେ କାବା ହୋଇଯାଇଛନ୍ତି । ସେମାନେ ବୁଝିପାରୁନାହାନ୍ତି ସରକାରୀ ଚାକିରୀରେ ଥାଇ ଜଣେ କେମିତି ଏତେ ମାଲାମାଲ ହେବ । ଏ ବାବୁଙ୍କ ଘର ଭିତରେ ପଶିଗଲେ ଆପଣ ବୁଝିପାରିବେ ନାହିଁ ଜଣେ ସହକାରୀ ଯନ୍ତ୍ରୀ ଏମିତି ଘରକୁ ରାଜମହଲ ଭଳି ସଜାଇପାରିବେ । ଯୁଆଡେ ଦେଖିବେ ନାମୀଦାମୀ କମ୍ପାନୀର ଉପକରଣ ଲାଗିଛି । କେମିତି ଏତେ ଟଙ୍କା ଖର୍ଚ୍ଚ ହୋଇଛି ଓ ଏ ଟଙ୍କା କେଉଁଠୁ ଆସିଲା ତାର ବି ହିସାବ ଦେଇପାରୁନାହାନ୍ତି ରଷିନାଥ । ପୁରୁଣା ୫ ଶହ ଟଙ୍କିଆ ନୋଟ ବିଡା । ୫ ବର୍ଷ ପୂର୍ବରୁ ଏହି ନୋଟ ଅଚଳ ହେଲାଣି । ▶▶ପୃଷ୍ଠା ୭

### ପ୍ରେସର୍ ଦେବା ହେଲା କାଳ : ଚକା ଫାଟି ନାବାଳକର ହାତ ଛିଡ଼ିଲା

ବାଲେଶ୍ୱର,୧୮/୧୧ (ନି.ପ୍ର): ଟ୍ରାକ୍ଟରରେ ପ୍ରେସର ଦେବା ହେଲା କାଳ। ଚକାଫାଟି ଛିଡିଗଲା ନାବାଳକର ହାତ। ଉକ୍ତ ନାବାଳକର ଅବସ୍ଥା ଗୁରୁତର ରହିଛି। ଏଭଳି ଏକ ଦୁର୍ଘଟଣା ଘଟିଛି ନୀଳଗିରି ଅଞ୍ଚଳରେ। ସୂଚନା ମୁତାବକ, ନୀଳଗିରି ପଞ୍ଚଲିଙ୍ଗେଶ୍ୱର ରାସ୍ତା ମାନଗଡ ଠାରେ ଟ୍ରାକ୍ଟରରେ ପ୍ରେସର ଦିଆଚାଲିଥିଲା। ଏହି ସମୟରେ ନିକଟରେ ଜଣେ ନାବାଳକ ଠିଆ ହୋଇଥିଲେ। ବାପା ମା’ ନିକଟ ଇଟା ଭାରିରେ କାମ କରୁଥିବା ବେଳେ ଉକ୍ତ ନାବାଳକ ଟ୍ରାକ୍ଟରରେ ବସି ଆସିଥିଲା। ତେବେ ଏହି ସମୟରେ ଟ୍ରାକ୍ଟର ଚକାରେ ପ୍ରେସର କମ୍ ଥିବାରୁ ଦୋକାନୀଙ୍କୁ ପ୍ରେସର ଦେବାକୁ କୁହାଯାଇଥିଲା। ଚକାରେ ପ୍ରେସର ଅନ୍ କରି ଦୋକାନୀ ଅନ୍ୟ କାମରେ ବ୍ୟସ୍ତ ରହିଥିଲା। ଏହି ସମୟ ଅତ୍ୟଧିକ ପ୍ରେସର ହେତୁ ଟ୍ରାକ୍ଟର ଚକା ଫାଟି ପାଖରେ ଥିବା ଉକ୍ତ ନାବାଳକଟି ଉପରୁ ଉଠିଯାଇଥିଲା ଏବଂ ତା’ ହାତଟି ଛିଡି ତଳେ ପଡିଯାଇଥିବା ଦେଖିବାକୁ ମିଳିଥିଲା। ଏହାପରେ ତାକୁ ଗୁରୁତର ଅବସ୍ଥାରେ ପ୍ରଥମେ ନୀଳଗିରି ଓ ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତା’ଅବସ୍ଥା ସଙ୍କଟାପନ୍ନ ରହିଛି। ଉକ୍ତ ନାବାଳକଟି ମୂଳାଗଡ଼ି ଅଞ୍ଚଳର ବୋଲି ସୂଚନା ମିଳିଛି।

## ଘରର କୋଣରେ ଲୁଚି ରହିପାରେ କରୋନା

### ଆଇଆଇଟି ବମ୍ବେର ଅନୁସନ୍ଧାନ



ନୂଆଦିଲ୍ଲୀ,୧୮/୧୧: କରୋନା ସ୍ଥିତି ଧୀରେ ଧୀରେ ସୁଧୁରୁଥିବା ବେଳେ କଟକଣା ବି କୋହଳ ହେଉଛି । ଲୋକ ବାହାରକୁ ବାହାରୁଛନ୍ତି । ହେଲେ ସତର୍କତା କମ୍ କରନ୍ତୁ ନାହିଁ । ଘରର ସଫାସୁତରା ପ୍ରତି ବିଶେଷକରି ଧ୍ୟାନ ଦିଅନ୍ତୁ । କାରଣ ଘରର କୋଣରେ ଲୁଚି ରହିପାରେ କରୋନା । ବ୍ୟବହାର ହେଉନଥିବା ଓ ପରିଷ୍କାର କରାଯାଉ ନଥିବା କୋଣ ଗୁଡ଼ିକରେ ସଂକ୍ରମିତ କଣିକା ୧୦ ଗୁଣା ଅଧିକା ସମୟ ରହିପାରେ । ୱାଶରୁମରେ ୱାସବେସିନର ଉପରଭାଗ ଅଂଚଳ, କବାଟର ପଛପାଖ, ଆସବାବପତ୍ର ପାଖ ଅଂଚଳ, ଘରର କୋଣ ଏହିସବୁ ଅଂଚଳରେ ଛପି ରହିପାରେ କରୋନାର କଣିକା । ଆଇଆଇଟି ବମ୍ବେର ଏକ ଗବେଷକ ଦଳ ନିଜ ଗବେଷଣାରୁ ଏପରି ତଥ୍ୟ ପାଇଛନ୍ତି । ଏକ ସର୍ବସାଧାରଣ ୱାଶରୁମରେ ବାୟୁ ଚଳାଚଳକୁ ଅନୁଧ୍ୟାନ କରି ଗବେଷକ ଦଳ ଏପରି ତଥ୍ୟ ପାଇଛନ୍ତି । ସେମାନଙ୍କ କହିବା କଥା ଗୋଟିଏ ଜାଗା ବା ଘରେ ଉପଯୁକ୍ତ ବାୟୁ ଚଳାଚଳ ପାଇଁ ସୁବିଧା ରହିବା ଆବଶ୍ୟକ । ହେଲେ ଘରର କୋଣ, କବାଟ ପଛ ପରି ଜାଗାରେ ବାୟୁଚଳାଚଳ ଖୁବ୍ କମ୍ ହୋଇଯାଇଥାଏ । ଯଦିଓ ଝରକା, ଏସି କିମ୍ବା ଫ୍ୟାନ୍ ଘର ଭିତରେ ବାୟୁ ଚଳାଚଳ ପାଇଁ ସୁବିଧା କରାଏ, ଏହି ସବୁ କୋଣ ଜାଗାରେ ବାୟୁ ଠିକ୍ ଭାବେ ପହଂଚିପାରେ ନାହିଁ । ଯଦି କୌଣସି ଆକ୍ରାନ୍ତଙ୍କ ସମ୍ପର୍କରେ ଆସିଥିବା କଣିକା ସଂକ୍ରମିତ ହୋଇପଡ଼େ ଓ ଏସବୁ ଜାଗାରେ ରହିଯାଇଥାଏ । ତେବେ ଚିନ୍ତାର କଥା ହେଲା ବାୟୁ ଚଳାଚଳ କରୁଥିବା ଜାଗା ଠାରୁ ବାୟୁ ଚଳାଚଳ କରୁ ନଥିବା ଏପରି ସବୁ ଜାଗାରେ ସଂକ୍ରମିତ କଣିକା ୧୦ ଗୁଣା ଅଧିକ ସମୟ ରହିଯାଇଥାଏ । ଏହି ନୂଆ ତଥ୍ୟ ଏବେ ବେଶ୍ ଗୁରୁତ୍ୱ ବହନ କରିଛି । କାରଣ ଏବେ ସର୍ବସାଧାରଣ ଜାଗା ଖୋଲିବାରେ ଲାଗିଲାଣି, ଆଉ ଏସବୁ ଜାଗାରେ ଲୋକେ ଜମା ହେଲେଣି । ମଲ, ସିନେମା ହଲ, ରେଷ୍ଟୁରାଂଟ, ସ୍କୁଲ, କଲେଜ ସବୁ ପର୍ଯ୍ୟାୟକ୍ରମେ ଖୋଲିଛି ।

## ଚେନ୍ନାଇକୁ ବର୍ଷା ଭୟ : ଆହୁରି ୨ ଦିନ ଲଗାଣ ବର୍ଷାର ପୂର୍ବାନୁମାନ



ଚେନ୍ନାଇ,୧୮/୧୧: ପୁଣି ଚେନ୍ନାଇକୁ ବର୍ଷା ଭୟ । ଲଗାଣ ବର୍ଷା ନେଇ ତାମିଲନାଡୁ ରାଜଧାନୀ ସମେତ ବିଭିନ୍ନ ସ୍ଥାନରେ ରେଡ୍ ଆଲର୍ଟ ଜାରି କରିଛି ଆଂଚଳିକ ପାଣିପାଗ ବିଭାଗ । ତେବେ ଚିନ୍ତାର ବିଷୟ ହେଉଛି ଗତ ଲଘୁଚାପ ବର୍ଷାରେ ବେହାଲ ହୋଇଥିବା ଚେନ୍ନାଇ ଅବସ୍ଥା ଏବେ ବି ସୁଧୁରି ନାହିଁ । ଆଉ ଶୁକ୍ରବାର ଚେନ୍ନାଇ ସମେତ ଏହାର ଆଖପାଖ ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ଥିବା ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ ବିଭାଗ । ଏହାକୁ ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରୀ କରିଛି ଆଂଚଳିକ ପାଣିପାଗ ବିଭାଗ । ଅନ୍ୟପଟେ ସୁରକ୍ଷାକୁ ଦୃଷ୍ଟିରେ ରଖି ଅନେକ ଜିଲ୍ଲାରେ ସ୍କୁଲ ଓ କଲେଜ ଗୁଡିକୁ ଛୁଟି ଘୋଷଣା କରିଛି ତାମିଲନାଡୁ ସରକାର । ଲୋକମାନଙ୍କୁ ଘରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁତ ରଖିବାକୁ ଚେନ୍ନାଇ ମେଟ୍ରୋ କର୍ପୋରେସନ ପରାମର୍ଶ ଦେଇଛି । ସେହପରି ଅତି ଜରୁରୀ ନଥିଲେ ଘରୁ ନ ବାହାରିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି ।

### ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଯୁବମୋର୍ଚ୍ଚାର ଦସ୍ତଖତ ଅଭିଯାନ ଓ କଳା ମାକ୍ସ ବଂଟନ

ଭୁବନେଶ୍ୱର,୧୮/୧୧ (ନି.ପ୍ର): ଶିକ୍ଷୟିତ୍ରୀ ମମିତା ମେହେରଙ୍କ ବିଭତ୍ସ ହତ୍ୟା ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ଦିବ୍ୟଶଙ୍କର ମିଶ୍ର ଗୃହ ବିଭାଗ ମନ୍ତ୍ରୀ ପଦରେ ରହି ସମସ୍ତ ତଥ୍ୟ ଓ ପ୍ରମାଣ ନଷ୍ଟ କରିବାର ପ୍ରୟାସ ଜାରି ରଖିବା ସହିତ ତଦନ୍ତ ପ୍ରକ୍ରିୟାକୁ ବାଟବଣା କରୁଛନ୍ତି । ମମିତାକୁ ନ୍ୟାୟ ପ୍ରଦାନ ପାଇଁ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା ସହ ଘଟଣାର ନିରପେକ୍ଷ ତଦନ୍ତ ସିବିଆଇ ଦ୍ୱାରା କରାଇବା ଦାବୀରେ ଗୁରୁବାର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡ ସମ୍ମୁଖରେ ଦସ୍ତଖତ ଅଭିଯାନ କରାଯାଇ ଦସ୍ତଖତ ସଂଗ୍ରହ କରାଯାଇଛି । ଗତ କାଲି ମାଷ୍ଟର କ୍ୟାଂଟିନ ଛକରେ ଏହି ଅଭିଯାନର ଆରମ୍ଭ ହୋଇଥିଲା । ଏହି ଅଭିଯାନରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ସଭାପତି ବାବୁ ସିଂ, ରାଷ୍ଟ୍ରୀୟ ଯୁବମୋର୍ଚ୍ଚା ଉପାଧକ୍ଷା ଅର୍ପିତା ବଡଜେନା, ଜିଲ୍ଲା ସାଧାରଣ ସମ୍ପାଦକ ▶▶ପୃଷ୍ଠା ୭

## ମମିତା ମାମଲା: ଦିବ୍ୟଶଙ୍କରଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ହାଇକୋର୍ଟରେ ଆବେଦନ



କଟକ,୧୮/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସନ୍ ?ସାଇନ୍ ପବ୍ଲିକ୍ ସ୍କୁଲ୍ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ହାଇକୋର୍ଟରେ ଆବେଦନ କରାଯାଇଛି। ଭାରତୀୟ ବିକାଶ ପରିଷଦ ହାଇକୋର୍ଟରେ ଏନେଇ ଇଣ୍ଟେରିମ୍ ଆପ୍ଲିକେସନ ଦେଇଛି। ମୂଳ ମାମଲାରେ ସାନି ଆବେଦନ ଯୋଡ଼ିଛି ଏହି ସଂଗଠନ। ସିବିଆଇ ତଦନ୍ତ ଓ ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ପୂର୍ବରୁ ଭାରତୀୟ ବିକାଶ ପରିଷଦ ଆବେଦନ କରିଥିଲା। ହାଇକୋର୍ଟରେ ମାମଲା ଦାୟର ପରେ ନୂଆ ନୂଆ ତଥ୍ୟ ସାମନାକୁ ଆସୁଛି। ମନ୍ତ୍ରୀଙ୍କ ସଂପୃକ୍ତି ନେଇ ପୀଡ଼ିତାଙ୍କ ବାପା ମଧ୍ୟ ଅଭିଯୋଗ କରିଛନ୍ତି। ତେଣୁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଦାବି କରିଛି ପରିଷଦ। ଏହା ସହିତ ଉତ୍ତରାଞ୍ଚଳ ଡିଆଇଜି, ବଲାଙ୍ଗିର ଏସ୍‌ପିଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଅନୁରୋଧ କରାଯାଇଛି। ଅପରାଧୀଙ୍କୁ ଖସାଇବା ପାଇଁ ଉଭୟ ଷଡ଼ଯନ୍ତ୍ରରେ ସାମିଲ ଥିବାର ଅଭିଯୋଗ ଅଛି। ତେଣୁ ଉଭୟଙ୍କ ନାଁରେ ମାମଲା ସହ ତଦନ୍ତ ପରିସରଭୁକ୍ତ କରିବାକୁ ଅପିଲ କରିଛି ପରିଷଦ।

## ଓଏସପିଏଚଡବ୍ଲୁସି ପୂର୍ବତନ ଡେପୁଟି ମ୍ୟାନେଜର ପ୍ରତାପ ସାମଲଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର,୧୮/୧୧ (ନି.ପ୍ର): ରାଜ୍ୟ ସରକାର ଓଡିଶା ରାଜ୍ୟ ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମର ପୂର୍ବତନ ଡେପୁଟି ମ୍ୟାନେଜର ପ୍ରତାପ କୁମାର ସାମଲଙ୍କୁ ଅପାରଗତା ଓ ଦୁର୍ନୀତି ଯୋଗୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ପୂର୍ବରୁ ବ୍ୟାପକ ଦୁର୍ନୀତି ଅଭିଯୋଗରେ ଶ୍ରୀ ସାମଲ ନିଲମ୍ବିତ ହୋଇଥିଲେ। ନିକଟରେ ତାଙ୍କ ବାସଭବନ ଉପରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଚଢଉ କରଯାଇ ବ୍ୟାପକ ପରିମାଣର ଆୟ ବହିର୍ଭୁତ ସମ୍ପତି ଜବତ କରାଯାଇଥିଲା। ଏହାକୁ ମିଶାଇ ବର୍ତମନ ସୁଦ୍ଧା ୧୩୧ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ବା ଚାକିରୀରୁ ବହିଷ୍କାର କରାଗଲାଣି । ନିକଟରେ ଭିଜିଲାନ୍ସ ପକ୍ଷରୁ ହୋଇଥିବା ଚଢାଉ ବେଳେ ପ୍ରତାପଙ୍କରଭୁବନେଶ୍ୱର ଓ ଖୋର୍ଦ୍ଧାରେ ୧୭ଟି ପ୍ଲଟ, ୧ଟି ଫ୍ଲାଟ ଓ ଗୋଟିଏ ବିଲ୍ଡିଂ ରହିଥିବା ଜଣାପଡିଥିଲା। ତାଙ୍କର ମୋଟ ସମ୍ପତିର ମୂଲ୍ୟ ରହିଛି ୧୪ କୋଟି ୮୮ ଲକ୍ଷ ୯୧ ହଜାର ୧୯୪ ଟଙ୍କା । ତାଙ୍କ ବାସଭବନରୁ ନଗଦ ୩୮ ଲକ୍ଷ ୧୨ ହଜାର ୯୦୦ ଟଙ୍କା ଭିଜିଲାନ୍ସ ଜବତ କରିଥିଲା । ସେହିଭଳି ଭୁବନେଶ୍ୱର ଗୋଠପାଟଣାରେ ୨୦,୩୫୦ ସ୍କୋୟାର ଫୁଟ ଅଂଚଳରେ ନିର୍ମିତ ୫ ମହଲା କୋଠା ଯାହାର ମୂଲ୍ୟ ୩.୫ କୋଟି , ଆଇଆରସି ଭିଲେଜରେ ଥିବା ୪ ମହଲା କୋଠାର ଦାମ ୬୫ ଲକ୍ଷ ଟଙ୍କା ବାଲେଶ୍ୱର ବେତଡାରେ ଥିବା ୨ ମହଲା କୋଠା ଯାହାର ମୂଲ୍ୟ ୪୪ ଲକ୍ଷ, ଭଦ୍ରକ ବାସୁଦେବପୁରରେ ଥିବା ୪ଟି ପ୍ଲଟ ଓ ଗୋଟିଏ ବିଲ୍ଡିଂ ଯାହାର ମୂଲ୍ୟ ୧.୫ କୋଟି ରହିଛି ତାହାକୁ ଜବତ କରିଛି ଭିଜିଲାନ୍ସ । ଏହା ବ୍ୟତୀତ ସେୟାର ମାର୍କେଟରେ ୧ କୋଟି ୭ ଲକ୍ଷ ୪୧ ହଜାର ୮୩୧ ଟଙ୍କା ନିବେଶ କରିଛନ୍ତି ପ୍ରତାପ। ଏହାସହ ୧.୬ କୋଟି ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଡିପୋଜିଟ୍ ରହିଛି, ୫୭ ଲକ୍ଷ ୭୧ ହଜାର ୧୫୦ ଟଙ୍କାର ଜୀବନ ବୀମା ରହିଛି। ଏହାବାଦ୍ ୧.୨ କୋଟି ଟଙ୍କା ଅନ୍ୟ ଆକାଉଂଟକୁ ପଠାଯାଇଛି । ୨ଟି ଓଡ଼ିଆ ଫିଲ୍ମରେ ୫୦ ଲକ୍ଷରୁ ଅଧିକ ଟଙ୍କା ନିବେଶ କରିଛନ୍ତି। ରାଧା କ୍ରିଷ୍ଣ ପ୍ରଡକ୍ସନ ଜରିଆରେ ଟଙ୍କା ନିବେଶ କରାଯାଇଛି । ଏହାସହ ୧୩ ଲକ୍ଷ ୪୩ ହଜାର ଟଙ୍କା ମୂଲ୍ୟର ଏକ ହୁଣ୍ଡାଇ କାର ରହିଛି।

## କେନ୍ଦୁଝର ଜିଲ୍ଲାର ୪.୨ ଲକ୍ଷ ପରିବାର ପାଇବେ ସ୍ମାର୍ଟ କାର୍ଡର ସୁବିଧା

ଭୁବନେଶ୍ୱର,୧୮/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି କେନ୍ଦୁଝର ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ପ୍ରାୟ ୪.୨୦ ଲକ୍ଷ ପରିବାରଏହି ସୁବିଧା ପାଇବେ। କେନ୍ଦୁଝର ସହିତ ରାଜ୍ୟର ୧୩ଟି ଜିଲ୍ଲା ଏହି କାର୍ଯ୍ୟକ୍ରମରେ ସାମିଲ ହେଲା । ଏହି ଅବସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସାରା ଦେଶକୁ ବାଟ ଦେଖାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲା ପାଇଁ ୧୪୩୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । କେନ୍ଦୁଝରକୁ ଏକ ସମୃଦ୍ଧ ଜିଲ୍ଲା ଭାବରେ ଗଢିବା ସରକାରଙ୍କ ଲକ୍ଷ୍ୟ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଭଲ ପିଇବା ପାଣି ଉପରେ ଗୁରୁତ୍ୱ ଦେଇଆସୁଛନ୍ତି । କେନ୍ଦୁଝରର ସବୁ ଗାଁ, ସବୁ ସହର ଓ ସବୁ ପରିବାରକୁ ଡିସେମ୍ବର ୨୦୨୨ ସୁଦ୍ଧା ପାଇପ ପାଣି ସଂଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଜନଜାତି ଭାଇ ଭଉଣୀ ମାନଙ୍କ ରୋଜଗାର ବୃଦ୍ଧି ପାଇଁ ରାଜ୍ୟ ସରକାର ୩୬ କୋଟି ଟଙ୍କାରେ ବୃହତ କୁକୁଡା ପାଳନ ପ୍ରକଳ୍ପ ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହାଦ୍ୱାରା ୩୦ ହଜାର ▶▶ପୃଷ୍ଠା ୭

# କନ୍ଧମାଳର ଉତ୍ପାଦିତ ପନିପରିବା ବାହାରକୁ ଯାଉଛି : କଳିଙ୍ଗା ଉଦ୍ୟାନ କୃଷି ବିଭାଗର ଶୀତଳ ଭଣ୍ଡାର ଖତ ଖାଉଛି

କନ୍ଧମାଳ,୧୮/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଧିକାଂଶ ବ୍ଲକରେ ବିଭିନ୍ନ ପ୍ରକାରର ପନିପରିବା ପ୍ରଚୁର ଭାବରେ ଉତ୍ପାଦନ ହେଉଛି । ରାଜ୍ୟର ଅନ୍ୟ ଯାଗାର ପନିପରିବା ଠାରୁ କନ୍ଧମାଳରେ ଉତ୍ପାଦିତ ପନିପରିବାରେ ରାସାୟନିକ ସାର ଓ କୀଟନାଶକର ବ୍ୟବହାର ଜିଲ୍ଲାର କିଛି ଅଂଚଳରେ କମ୍ ମାତ୍ରାରେ ହେଉଥିବା ଏବଂ ଆଉ କିଛି ଅଂଚଳରେ ଜମା ହେଉନଥିବାରୁ ଏହି ପନିପରିବାର ଚାହିଦା ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ରାଜ୍ୟର ଅନ୍ୟାନ୍ୟ ଅଂଚଳରେ ଅଧିକ ରହିଛି । ସେଥିପାଇଁ ଜିଲ୍ଲାରେ ଉତ୍ପାଦିତ ସବୁ ପନିପରିବା ଅନ୍ୟ ଜିଲ୍ଲାକୁ ପଠାଯାଉଛି । ଅନ୍ୟପକ୍ଷରେ ଜିଲ୍ଲାରେ ଉତ୍ପାଦିତ ସବୁଜ ପନିପରିବା ଗୁଡିକ ଗଚ୍ଛିତ ରଖିବା ପାଇଁ ଶୀତଳ ଭଣ୍ଡାରର ଅଭାବ ହେତୁ ଏହି ଜିଲ୍ଲାର ପନିପରିବା ଓ ଅନ୍ୟାନ୍ୟ ଉତ୍ପାଦନ ଗୁଡିକ ସାଇତି ରଖିବା ପାଇଁ ବିଶେଷ ସୁବିଧା ନାହିଁ । ଏହାନୁହେଁ ଯେ, ଜିଲ୍ଲାରେ ଜମା ଶୀତଳ ଭଣ୍ଡାର ନାହିଁ । କଳିଙ୍ଗା ଠାରେ ରହିଛି ଜିଲ୍ଲା ଉଦ୍ୟାନ କୃଷି ବିଭାଗର ଗୋଟିଏ ଶୀତଳ ଭଣ୍ଡାର, ହେଲେ ତାହା ଦୀର୍ଘ ୨୦ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟକ୍ଷମ ହୋଇପାରିନାହିଁ । ସେହି ଶୀତଳ ଭଣ୍ଡାରଟିକୁ କାର୍ଯ୍ୟରେ ଲଗାଇଲେ ଜିଲ୍ଲାର ବିଭିନ୍ନ ଋତୁରେ ଉତ୍ପାଦନ ହେଉଥିବା ପନିପରିବା ଏଠାରେ ରଖା ଯାଇପାରନ୍ତା ବୋଲି ଆଖପାଖ ଅଂଚଳର ଚାଷୀମାନେ କହିଛନ୍ତି । ଏହା ବ୍ୟତୀତ ବେସରକାରୀ ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷଙ୍କୁ ଯଦି ଶୀତଳଭଣ୍ଡାର ପ୍ରତିଷ୍ଠା ନେଇ ଅନୁମତି ମିଳିପାରନ୍ତା, ତେବେ ଉତ୍ପାଦିନ ପନିପରିବାକୁ ଅଧିକ ଦିନ ସଂରକ୍ଷିତ ରଖାଯାଇପାରନ୍ତା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲାର ୧୨ ଟି ବ୍ଲକରେ ଚାଷ ହେଉଥିବା ଏବଂ ଋତୁ ଅନୁସାରେ ଫଳୁଥିବା ଆମ୍ବ, ପିଜୁଳି, କମଳା ଭଳି ବିଭିନ୍ନ ଫଳ ସବୁ ଠିକ୍ ସମୟରେ ବିକ୍ରୀ ନହେବା କିମ୍ବା ସାଇତି ରଖାନଯିବାରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ପରିମାଣରେ ନଷ୍ଟ ହେଉଛି । ଏହି ସବୁକୁ ସେଠାରେ ରଖାଯାଇ ପାରନ୍ତା ଏବଂ ସେଗୁଡିକୁ ବାହାର ରାଜ୍ୟର ବିଭିନ୍ନ ଖାଦ୍ୟ ଉତ୍ପାଦନକାରୀ କମ୍ପାନୀ ମାନେ କିଣି ନେଇପାରନ୍ତେ । ଫଳରେ ପ୍ରତିବର୍ଷ ଜିଲ୍ଲାରେ ହେଉଥିବା ଶହଶହ କ୍ୱିଣ୍ଟାଲ ଦେଶୀ ଆମ୍ବ ସଂଗ୍ରହ କରି ଗ୍ରାମାଂଚଳର ଲୋକେ ମଧ କିଛି ରୋଜଗାର କରିପାରନ୍ତେ । ଶୀତ ଋତୁରେ ହୋଇଥିବା ପନିପରିବା ସବୁକୁ ଏଥିରେ ସାଇତି ରଖାଯାଇପାରନ୍ତା ଓ ଗ୍ରୀଷ୍ମ ଋତୁରେ ଜିଲ୍ଲାର ଲୋକେ ଏହି ପନିପରିବା ପାଇପାରନ୍ତେ । କଳିଙ୍ଗାଠାରେ ଥିବା ଶୀତଳ ଭଣ୍ଡାର ଅନେକ କାରଣରୁ ଦିର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ଦ ହୋଇଯାଇଛି । ଏହାକୁ ପୁନର୍ବାର କାର୍ଯ୍ୟକ୍ଷମ କରାଗଲେ ଏହି ଶୀତଳ ଭଣ୍ଡାରର ଲାଭ ଜିଲ୍ଲାର ଚାଷି ଏବଂ ଖାଉଟି ନେଇପାରନ୍ତେ । ଇତିମଧ୍ୟରେ ଜିଲ୍ଲାରେ ଆଉ କୌଣସି ଯାଗାରେ ନୂତନ ଭାବରେ ଶୀତଳ ଭଣ୍ଡାର ତିଆରି ମଧ ହୋଇପାରିଲାନାହିଁ । କୃଷି ବିଭାଗ, ଶିଳ୍ପ ବିଭାଗ କିମ୍ବା ନାବାର୍ଡ ତରଫରୁ ଏଥିପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ । ନାବାର୍ଡ ତରଫରୁ ୱାଡି ଏବଂ ଅନ୍ୟାନ୍ୟ ଯୋଜନାରେ ଆମ୍ବ ତଥା ଅନ୍ୟାନ୍ୟ ଫଳ ଓ ପନିପରିବା ଉତ୍ପାଦନ ପାଇଁ ଲକ୍ଷ ଲକ୍ଷ ଟଙ୍କାର ସହାୟତା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ପ୍ରଦାନ କରାଯାଉଛି । ତେବେ ଉତ୍ପାଦିତ ଫଳ ଓ ପନିପରିବା ସବୁର ରକ୍ଷଣାବେକ୍ଷଣ ପାଇଁ ଭବିଷ୍ୟତରେ ଏକ ଶୀତଳ ଭଣ୍ଡାରର ନିହାତି ଆବଶ୍ୟକ । ତେଣୁ ସରକାରଙ୍କ ପକ୍ଷରୁ ଜିଲ୍ଲାର କେତେକ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ କରାଯିବା ଦରକାର । ଏଥିପାଇଁ କିଛି ଶୀଳ୍ପଉଦ୍ୟୋଗୀ କିମ୍ବା ଆଗ୍ରହୀ ବ୍ୟକ୍ତି ଯଦି ଆଗ୍ରହ ପ୍ରକାଶ କରନ୍ତି ତେବେ ସେମାନଙ୍କ ଜରିଆରେ ଋଣ ପ୍ରଦାନ କରାଯାଇ ଜିଲ୍ଲାରେ ଶୀତଳ ଭଣ୍ଡାର ସ୍ଥାପନା କରାଯାଇପାରିବ । ତେବେ ଇତିମଧ୍ୟରେ କିଛି ଉଦ୍ୟୋଗୀ ଜିଲ୍ଲାରେ କିଛି ଯାଗାରେ ଶୀତଳଭଣ୍ଡାର ନିର୍ମାଣ ପାଇଁ ଆବେଦନ କରିଥିଲେ ମଧ କୃଷି ବିଭାଗ ଓ ଋଣପ୍ରଦାନକାରୀ ସଂସ୍ଥା ମଧ୍ୟରେ ତାଳମେଳ ନରହିବା, ବିଭାଗୀୟ କର୍ମଚାରୀ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରୁନଥିବା ଅଭିଯୋଗ ହୋଇଛି । କୃଷି ବିଭାଗ ତରଫରୁ କେତେକ ବ୍ଲକରେ ଛୋଟଛୋଟ ଶୀତଳ ଭଣ୍ଡାର ୟୁନିଟ ପ୍ରଦାନ କରାଯାଇଥିଲା । କିନ୍ତୁ, ସେଗୁଡିକ ମଧ ବର୍ତମାନ ଅଚଳ ହୋଇପଡିଥିବା ଜଣାପଡିଛି ଏବଂ ଏହି ୟୁନିଟ ଗୁଡିକରେ ଚାଷିଙ୍କ ଉତ୍ପାଦିତ ପନିପରିବା ରଖିବାପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି କହିଛନ୍ତି ସେହି ଅଂଚଳର ଚାଷିମାନେ । ବର୍ତମାନ ଜିଲ୍ଲାର କିଛି ପନିପରିବା ଦଶପଲ୍ଲା ଓ ନୟାଗଡକୁ ଯାଉଛି ଏବଂ ଗ୍ରୀଷ୍ମଋତୁରେ ସେହି ପନିପରିବା ସବୁ ଜିଲ୍ଲାବାସୀ ଚଢ଼ା ଦରରେ କିଣୁଛନ୍ତି । ସେଥିପାଇଁ ଜିଲ୍ଲାରେ ଥିବା ପନିପରିବା ଉତ୍ପାଦନ ଅଂଚଳ ଗୁଡିକରେ ଅନ୍ତତଃ ଶୀତଳ ଭଣ୍ଡାର ନିର୍ମାଣର ଆବଶ୍ୟକତା ଜରୁରୀ ହୋଇପଡିଛି । ରାଜ୍ୟ ସରକାର ତଥା ବିଭାଗୀୟ ମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ସମ୍ବଲପୁରରେ ଜାନୁଆରୀ ୬ ରୁ ପଲ୍ଲିଶ୍ରୀ ମେଳା

ସମ୍ବଲପୁର,୧୮/୧୧ (ନି.ପ୍ର): ଜାନୁଆରୀ ୬ ତାରିଖରୁ ୧୪ ତାରିଖ ମଧ୍ୟରେ ସମ୍ବଲପୁର ପି.ଏଚ.ଡି ପଡିଆ ଅଇଁଠାପାଲ୍ଲୀ ଠାରେ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ । ଚଳିତ ବର୍ଷ ମେଳାରେ ୧୦୦ ଷ୍ଟଲ୍ ସ୍ଥାନ ପାଇବା ସହିତ କୋଭିଡ୍ ନିୟମ ପାଳନ ପୂର୍ବକ ମେଳା ଆୟୋଜନ କରାଯିବ । ବିଭିନ୍ନ ଜିଲ୍ଲାର ଏସ.ଏଚ ଜି ଗ୍ରୁପ ଏହି ମେଳାରେ ସାମିଲ ହେବେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି । ଗ୍ରାମାଞ୍ଚଳରେ ଉତ୍ପାଦିତ ଦ୍ରବ୍ୟର ବିକ୍ରୟକୁ ଅଗ୍ରାଧିକାର ଦେବା ନିମନ୍ତେ ମେଳାର ଆୟୋଜନ କରାଯାଉଛି । ଆଜି ସ୍ଥାନୀୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ବଳ ଅଧ୍ୟକ୍ଷତା କରିଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଡି.ଏସ.ପି. ସଦର ଜୋତ୍ସ୍ନାମୟୀ ପ୍ରଧାନ, ସି. ଡି. ଏ. ଓ ଦିଲ୍ଲୀପ ନାୟକ, ଡେପୁଟି ଡିରେକ୍ଟର ଉଦ୍ୟାନ ବିଭାଗ ରଞ୍ଜନ ଦାସ ମହାପାତ୍ର, ଡି.ଡବ୍ଲୁ.ଓ. ଭାଗିରଥି ପଟେଲ, ଡିପିଡି ଆତ୍ମା ଜଗନ୍ନାଥ ଦାସ, ଅସିଷ୍ଟାଣ୍ଟ ଫାୟର ଅଫିସର ଜିତେନ୍ଦ୍ର କୁମାର ବିଶ୍ୱାଳ, ଏପିଡି ଡ. ମନୋରଞ୍ଜନ ହୋତା, ଏ.ଡି.ଭି.ଓ. ଡ. ଅଞ୍ଜନ କୁମାର ଦାସଙ୍କ ସମେତ ଅନ୍ୟ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ ।

## ଜୁଆ ଆଡ୍ଡା ଉପରେ ଚଢ଼ଉ : ୧୪ ଗିରଫ

ଖୋର୍ଦ୍ଧା,୧୮/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ପୋଲିସ ପକ୍ଷରୁ ବିଭିନ୍ନ ଜୁଆ ଆଡ୍‌ଡାରେ ଚଢ଼ଉ କରାଯାଇ ୧୪ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି । ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡା ପଚାଂୟତର କେତେକ ସ୍ଥାନରେ ଜୁଆ ଆଡ୍ଡା ଚାଲିଥିବାର ଟାଙ୍ଗୀ ପୋଲିସ ଖବର ପାଇଥିଲେ । ଖବର ପାଇବା ପରେ ଟାଙ୍ଗୀ ଥାନା ପୋଲିସ ଏକ ଟିମ୍ ଗଠନ କରି ସେସବୁ ଅଂଚଳରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ବିଭିନ୍ନ ସ୍ଥାନରୁ ୧୪ ଜଣ ଜୁଆଡ଼ିଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ୧୧ ଟି ମୋବାଇଲ, ୬ ଟି ବାଇକ୍ ଓ ନଗଦ ୫୧ ହଜାର ୨ ଶହ ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଟାଙ୍ଗୀ ଥାନାରେ କେସ ନମ୍ବର ୪୪୫/୨୧ ରେ ୩ ଓପିଜି ଅଧିନିୟମ ଅନୁଯାୟୀ ମାମଲା ରୁଜୁ ହେବା ସହ ଆଜି ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ଆଇଆଇସି ବିଜୟ ମଲ୍ଲିକ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି, ପୂର୍ବରୁ ମଧ ଟାଙ୍ଗୀ ଆଇଆଇସିଙ୍କ ଏକାଧିକ ଚଢ଼ଉ ଦ୍ୱାରା ଚଣ୍ଡେଶ୍ୱର ବେଣୀପଥର ଅଂଚଳ ଜୁଆ ମୁକ୍ତ ହୋଇଥିବାବେଳେ ଗତକାଲିର ଏହି ଚଢ଼ଉ ଜୁଆଡ଼ିଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ତେବେ ଆଗକୁ ମଧ ଟାଙ୍ଗୀ ଥାନା ଅଂଚଳରେ ଚାଲିଥିବା ବିଭିନ୍ନ ଜୁଆ ଆଡ୍ଡା ଉପରେ ଚଢ଼ଉ ଜାରି ରହିବ ବୋଲି ଆଇଆଇସି ଶ୍ରୀ ମଲ୍ଲିକ କହିଛନ୍ତି ।

## ମହିଳା ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ଭୁବନ,୧୮/୧୧ (ନି.ପ୍ର): ଭୁବନ ମହିଳା ମହା ବିଦ୍ୟାଳୟରେ ଜାତୀୟ ସେବା ଯୋଜନା, ସ୍କାଉଟଗାଇଡ୍ସ, ରେଡକ୍ରସ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସହ ସମସ୍ତ ଛାତ୍ରୀଙ୍କୁ ନେଇ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି । ୧ ନଭେମ୍ବର ୨୦୨୧ ସୁଦ୍ଧା ଯେଉଁଛାତ୍ରୀ ମାନଙ୍କୁ ୧୮ ବଷ ହେଉଛି ସେମାନେ ନିଜ ୱାର୍ଡ କିମ୍ବା ବୁଥ୍ ରେ ନିଜର ନାମ ଫଂଜିକରଣ କରି ଭୋଟରକାର୍ଡ ପାଇବାକୁ ସଚେତନ କରାଯାଇଥିଲା । ଜଣେ ସଚେତନ ନାଗରିକହିସାବରେ ନିଜସାହିରେ ଥିବା ଅନ୍ୟ ଯୋଗ୍ୟ ବ୍ୟକ୍ତିଙ୍କୁ ସଙ୍ଗରେ ନେଇ ସେମାନଙ୍କ ନାମ ପଂଜିକରଣ କରିବାକୁ କୁହାଯାଇଥିଲା । ପ୍ରଥମ ଦିନ ଭୋଟର ଆପ ବିଷୟରେ ସଚେତନ କରାଯାଇଥିଲା । ଦ୍ୱିତୀୟ ଦିନ ଛାତ୍ରୀମାନେ ପ୍ଲାକାର୍ଡ ଧରିମହିଳା ହାୟର ସେକେଣ୍ଡାରୀ ସ୍କୁଲର ଅଧକ୍ଷ ସୁରେନ୍ଦ୍ରପୋଥାଳ, ଅଧାପିକାସୁପ୍ତିମୟୀସେନ ଙ୍କ ତତ୍ତ୍ୱାବଧାନରେ ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଅଧକ୍ଷ ଦିଲ୍ଲୀପ କୁମାର ଦାସ, ଅଧାପକ ନିରଂଜନ ନାୟକ ପରିଚାଳନା କରିଥିଲେ ।

## ଯୋଗ୍ୟ ହିତାଧିକାରିଙ୍କୁ ଆବାସ ଯୋଜନାରେ ସାମିଲ୍ ପାଇଁ ଦାବି

ଜୟପୁର,୧୮/୧୧ (ନି.ପ୍ର): ପବ୍ଲିକ ରାଇଟ୍ସ ଆସୋସିଏସନର ସଦସ୍ୟମାନେ ଜୟପୁର ବିଡିଓଙ୍କୁ ସାକ୍ଷାତ କରି ବିଭିନ୍ନ ଦାବୀ ଉପରେ ଆଲୋଚନା କରିଛନ୍ତି । ଆସୋସିଏସନର ଅବିଭକ୍ତ କୋରାପୁଟ ଜିଲା ସଭାପତି ଦେବେନ୍ଦ୍ର ବାହିନିପତିଙ୍କ ସହ ସଦସ୍ୟ ମାନେ ଜୟପୁର ବିଡିଓ ସୁରଜ ପଟ୍ଟନାୟକଙ୍କ ସହ ଆଲୋଚନା କରିଛନ୍ତି । ଜୟପୁର ବ୍ଲକ ଅଧିନରେ ଥିବା ଯୋଗ୍ୟ ହିତାଧିକାରିଙ୍କୁ ତୁରନ୍ତ ଆବାସ ଯୋଜନାରେ ସାମିଲ୍ କରାଯାଉ । ଅହେତୁକ ବିଳମ୍ବ ବିଷୟରେ ଆଲୋଚନା କରିବା ସହ ଯୋଗ୍ୟ ହିତାଧିକାରିଙ୍କୁ ତୁରନ୍ତ ଆବାସ ଯୋଗାଇବା ପାଇଁ ଦାବୀ କରିଥିଲେ । ଏହି ଆଲୋଚନା ସମୟରେ ଜୟପୁର ବ୍ଲକ ସଭାପତି ନରସିଂହ ନାୟକ, ଶ୍ୟାମସୁନ୍ଦର ବେହେରା, ଲକ୍ଷ୍ମୀ ନାରାୟଣ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୂରାରୋଗରେ ପୀଡ଼ିତ ଶିଶୁ ରାଜବୀର ରଣା, ଜୀବନ ବଂଚାଇବାକୁ ଆବଶ୍ୟକ ୧୬ କୋଟି ଟଙ୍କାର ଇଞ୍ଜେକସନ

କନ୍ଧମାଳ,୧୮/୧୧ (ନି.ପ୍ର): କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଗଂଜୁଗୁଡା ପଂଚାୟତ ଆମ୍ବପଡା ଗ୍ରାମର ରାଜବୀର ରଣା । ଏବେ ତାଙ୍କୁ ମାତ୍ର ୨୦ ମାସ । ହେଲେ ସେ ଏକ ଦୂରାରୋଗରେ ପିଡୀତ । ଏହି ରୋଗ ପାଇଁ ଯେ ଏତେ ଅର୍ଥ ଆବଶ୍ୟକ ତାହା ଯେ କେହି ବିଶ୍ୱାସ ବି କରିବ ନାହିଁ । ପିଲାକୁ ବଂଚାଇବାକୁ ହେଲେ ଗୋଟିଏ ଇଂଜେକସନ ଦେବାକୁ ପଡିବ । ଏହାର ଦାମ୍ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିବ । ଇଂଜେକସନ ଦାମ ୧୬ କୋଟି ଟଙ୍କା । ଏହା ଭାରତରେ ମିଳିବ ନାହିଁ । ଟଙ୍କା ଯୋଗାଡ ହେଲେ ଆମେରିକାରୁ ଏହି ଇଂଜେକସନ ମଗାଯିବ । ଯାହା ଦ୍ୱାରା ରାଜବୀରଙ୍କ ଜୀବନ ବଂଚାଇ ହେବ । କୁଳମଣୀ ରଣା ଏବଂ ତମଲିକା ଦାସଙ୍କ ପୁଅ ହେଉଛନ୍ତି ରାଜବୀର ରଣା । ୨୦୨୦ ମାର୍ଚ୍ଚ ମାସ ୨୨ ତାରିଖରେ ସେ ଜନ୍ମ ଗ୍ରହଣ କରିଥିଲେ । ୬ ମାସ ପର୍ଯ୍ୟନ୍ତ ତାଙ୍କଠାରେ ସବୁ ସ୍ୱାଭାବିକ ଲକ୍ଷଣ ପରିଲକ୍ଷିତ ହୋଇଥିଲା । ହେଲେ କିଛି ଦିନ ପରେ ସେ ଅସ୍ୱାଭାବିକ ଭଳି ଲାଗିଲେ । ତାଙ୍କ ଗୋଡ, ହାତ, ପିଠି ସବୁ ତୁଳା ପରି ନରମ ଲାଗିଲା । ମେଡିକାଲ ନେବାରୁ ସେ ସ୍ପାଇନାଲ ମସକ୍ୟୁଲାର ଆଟ୍ରୋଫି ଟାଇପ-୨ରେ ପୀଡିତ ଥିବା ଜଣାପଡିଲା । କୁଳମଣୀ ବାଙ୍ଗାଲୋରରେ ସ୍ୱିଗି ଡେଲିଭରି ବୟ ଭାବେ କାମ କରନ୍ତି । ମାସକୁ ରୋଜଗାର ମାତ୍ର ୧୫ ହଜାର ଟଙ୍କା । ଏଭଳି ସ୍ଥିତିରେ ପୁଅ ଦେହ ଖରାପ ହେବାରୁ ସେ ବାଙ୍ଗାଲୋର ସ୍ଥିତ ବାପିଷ୍ଟ ହସ୍ପିଟାଲରେ ପିଲାର ଚିକିତ୍ସା କରାଉଛନ୍ତି । ଏ ପର୍ଯ୍ୟନ୍ତ ୫ ଲକ୍ଷ ଟଙ୍କା ଖର୍ଚ୍ଚ ସରି ଗଲାଣି । ଆଉ ସେତେ ଟଙ୍କା ବି ତାଙ୍କ ପାଖରେ ନାହିଁ । ଏପଟେ ସୋସିଆଲ ମିଡିଆ ଏବଂ ଫେସବୁକ୍‌ରେ ନିବେଦନ କରିବାରୁ ତାଙ୍କ ଆକାଉଂଟରେ ପାଖାପାଖି ୪ ଲକ୍ଷ ଟଙ୍କା ଜମା ହୋଇଥିବା କୁଳମଣୀ କହିଛନ୍ତି । ପୁଅକୁ ବଂଚାଇବାକୁ ହେଲେ ୧୬ କୋଟି ଟଙ୍କା ଆବଶ୍ୟକ । ଏହି ଟଙ୍କାରେ ପୁଅକୁ ଜୋଲଗେନ୍ସମା ଇଂଜେକସନ ଆମେରିକାରୁ କିଣାଯାଇ ଦିଆଯିବ । ପ୍ରତ୍ୟେକଙ୍କ ସ୍ତରରେ ଏବଂ ସରକାରୀ ସହାୟତା ମିଳିଲେ ପୁଅ ବଂଚି ପାରିବ ବୋଲି କୁଳମଣୀ ଆକୁଳ ନିବେଦନ କରିଛନ୍ତି । ଏଥିସହ ତାଙ୍କ ସ୍ତ୍ରୀ ତମଲିକା ମଧ ସୋସିଆଲ ମିଡିଆରେ ପୁଅର ଚିକିତ୍ସା ଲାଗି ସମସ୍ତଙ୍କର ସହାୟତା ଲୋଡ଼ିଛନ୍ତି । କୌଣସି ସହୃଦୟ ବ୍ୟକ୍ତି ସହାୟତା ଦେବାକୁ ଚାହିଁଲେ କୁଳମଣୀଙ୍କୁ ଫୋନ ପେ ଏବଂ ଗୁଗୁଲ ପେ ୬୩୬୦୩୭୧୫୯୫ ନଂରେ ଯୋଗାଯୋଗ କରିପାରିବେ ଏବଂ ସିଧାସଳଖ ଅର୍ଥ ଜମା କରିବାକୁ ଚାହିଁଲେ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ଫୁଲବାଣୀ ଶାଖା-୬୨୫୦୦୨୦୧୦୦୧୧୬୦୦ ନଂ ଆକାଉଂଟରେ ଦେଇ ପାରିବେ ।

## ଚାଇଲ୍ଡ ଫଣ୍ଡ ଇଣ୍ଡିଆ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମାଗଣା ଚକ୍ଷୁ ପରୀକ୍ଷା

ଭବାନୀପାଟଣା,୧୮/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଟେକପଡ଼ା ପ୍ରାଥମିକ ବିଦ୍ୟାଳୟ ଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚାଇଲ୍ଡ ଫଣ୍ଡ ଇଣ୍ଡିଆ ଓ ଲେପ୍ରା ସୋସାଇଟି ଇଣ୍ଡିଆର ମିଳିତ ଆନୁକୁଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ମୋଟ୍ ଦୁଇଶହ ପଚାଶ ଜଣ ଛାତ୍ର ଛାତ୍ରୀ ଚକ୍ଷୁ ପରୀକ୍ଷା କରାଇ ଥିଲେ । ଯେଉଁ ଛାତ୍ର ଛାତ୍ରୀ ମାନଙ୍କୁ ଚଷମା, ଔଷଧ ଆବଶ୍ୟକ ସେମାନଙ୍କୁ ଜୁନାଗଡ଼ ନେତ୍ର ଚିକିତ୍ସାଳୟ ତରଫରୁ ମାଗଣାରେ ଯୋଗାଇ ଦିଆଯିବା ବ୍ୟବସ୍ଥା ରହିଛି । ଏହି ଶିବିରରେ ଜୁନାଗଡ଼ ନେତ୍ର ଚିକିତ୍ସାଳୟ ଲିପ୍ରା ସୋସାଇଟି ସ୍ୱାସ୍ଥ୍ୟ ଶିକ୍ଷାବିତ୍ ମନୋଜ ପରିଡ଼ା, ଦୟାନିଧି ମହାନ୍ତି, ଭିଜନ ଟେକ୍ନିସିଆନ ଉମାଶଙ୍କର ରଣା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନାରେ ଚାଇଲ୍ଡ ଫଣ୍ଡ ଇଣ୍ଡିଆର ଫିଲ୍ଡ କୋଡ଼ିନେଟର ଅଜିତ ବୁଦ୍ଧିଆ, ଗୋଷ୍ଠୀ ପ୍ରେରକ ସୁବ୍ରତ ପଣ୍ଡା, ଶିକ୍ଷା ସହାୟକ ପ୍ରଭୂଲାଲ ସା ଓ ରତନ ତାଣ୍ଡି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଅନୁଷ୍ଠାନର ଏପରି ମହତ୍ କାର୍ଯ୍ୟକୁ ଅଂଚଳବାସୀ ପ୍ରଶଂସା କରିଛନ୍ତି ।

## ମାରୱାଡ଼ି ମହିଳା ଗୋଷ୍ଠୀ ପକ୍ଷରୁ ସାମୁହିକ ଏକାଦଶୀ ଉଦ୍‌ଯାପିତ

ବଲାଙ୍ଗିର,୧୮/୧୧ (ନି.ପ୍ର): ଅଖିଳ ଭାରତୀୟ ମାରୱାଡ଼ି ମହିଳା ଗୋଷ୍ଠୀର ଅଧକ୍ଷା ଶ୍ରୀମତୀ ନିରୁ ଅଗ୍ରୱାଲଙ୍କ ନେତୃତ୍ୱରେ ସାମୂହିକ ଏକାଦଶୀ ଉଦଯାପନ କାର୍ଯ୍ୟକ୍ରମ ବଲାଙ୍ଗିରରେ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ପାଳନ କାର୍ଯ୍ୟକ୍ରମରେ ବାଲାଙ୍ଗିର ସହର ସହ ଭୁବନେଶ୍ୱର, ବରଗଡ, ଦେଓଗାଁ, କଂଟାବାଞ୍ଜି, ଚନ୍ଦନଭାଟିର ଶତାଧିକ ଜାତିଭାଇମାନେ ଏହି ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଗତ ୧୪ ତାରିଖରେ ସ୍ଥାନୀୟ ସରକାରୀ ଡାକ୍ତରଖାନା ନିକଟରେ ଥିବା ଶ୍ରୀ ରାଧାକୃଷ୍ଣ ମନ୍ଦିରରେ ପଣ୍ଡିତମାନଙ୍କୁ ପ୍ରଥମେ ଫଳ ପ୍ରସାଦ ସହିତ ନିମନ୍ତ୍ରଣ କରାଯାଇଥିଲା । କଳସ ଯାତ୍ରା, ଉଜାଗର, ଭଜନ ସନ୍ଧ୍ୟା ଏବଂ ପାରାୟଣ କାର୍ଯ୍ୟକ୍ରମ ପଣ୍ଡିତଙ୍କ ଉପସ୍ଥିତିରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା । ନଭେମ୍ବର ୧୫ରେ ପ୍ରାୟ ୨୧ଜଣ ବିବାହିତ ଦମ୍ପତି ପୂଜା କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ଏଥିରେ ଗୋ-ଦାନ, ସୁନା ଦାନ, ରୂପା ଦାନ, ଖାଦ୍ୟ ଦାନ ସମେତ ସମସ୍ତ ପୂଜାପାଠ କାର୍ଯ୍ୟ ଆଇନ ଅନୁଯାୟୀ କରାଯାଇଥିଲା । ୫୭ ଜଣ ପଣ୍ଡିତ ଏବଂ ପ୍ରାୟ ୬ଶହ ଭକ୍ତଙ୍କୁ ସାମୁହିକ ପ୍ରସାଦ ଅର୍ପଣ କରାଯାଇଥିଲା । କମିଟିର ସବିତା ଅଗ୍ରୱାଲ, କମଳା ଅଗ୍ରୱାଲ, ବବିତା ଅଗ୍ରୱାଲ, ଅନୀତା ଚୌଧୁରୀ, ରୁକ୍ମା ଅଗ୍ରୱାଲ, ମମତା ଅଗ୍ରୱାଲ, କୋଶଳ ଅଗ୍ରୱାଲ, ମୀନା ଚୌଧୁରୀ, ଅନୀତା ଅଗ୍ରୱାଲ, ନିର୍ମଳା ଜୈନ, ସଞ୍ଜୁ ଅଗ୍ରୱାଲ, ମଞ୍ଜୁ ଅଗ୍ରୱାଲ, ସନ୍ତୋଷ ଜୈନ, ସବିତା ଜୈନ, ବସନ୍ତି ଅଗ୍ରୱାଲ, କ୍ରିଷ୍ଣା ଅଗ୍ରୱାଲ, କଳ୍ପନା ଅଗ୍ରୱାଲ, ରେଣୁ ଅଗ୍ରୱାଲ, ଚମେଲି ଅଗ୍ରୱାଲ, ମୀରା କେଜ୍ରିୱାଲ, ସୁଧା ଅଗ୍ରୱାଲଙ୍କ ସହ ସମସ୍ତ ଭଉଣୀ ଓ ଗଜାନନ ଅଗ୍ରୱାଲଙ୍କ ସହଯୋଗରେ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି ।

## ଶରତରାସ ଓ କାର୍ତିକେଶ୍ୱର ପୂଜାରେ ଭୁଷଳ ଉତ୍ସବ ମୁଖର

ଭୁବନ,୧୮/୧୧ (ନି.ପ୍ର): ଭୁବନ ନିକଟସ୍ଥ ଭୂଷଳ ଗ୍ରାମର ପାରମ୍ପରିକ ଶରତ ରାସ ଯାତ୍ରା ଓ କାର୍ତିକେଶ୍ୱର ପୁଜାକୋଭିଡ ନିୟମାବଳୀକୁ ପାଳନ କରି ଅନୁଷ୍ଠିତ ହେଉଛି । କାର୍ତିକ ଶୁକ୍ଲଏକାଦଶୀ ତିଥୀରୁ ଆରମ୍ଭ ହୋଇଥିବା ଏହିଉତ୍ସବ ପୂର୍ଣ୍ଣମୀ ଦିନ ଉଦଯାପିତହେବ । ଭଗବାନ ଶ୍ରୀକୃଷ୍ଣରାସେଶ୍ୱରୀ ଶ୍ରୀରାଧାଙ୍କ ସହ ବୃନ୍ଦାବନର କୁଞ୍ଜକାନନରେ ରାସରଚନା କରିଥିଲେ । ସେହି ମଧୁର ପ୍ରତିଛବିକୁଭୂଷଳର ରାସକୁଞ୍ଜ ମାନଙ୍କରେ ଉପସ୍ଥାପନା କରାଯାଉଛି । ରାଧାକୃର୍ଷ୍ଣଙ୍କ ଅମୃତପ୍ରେମ କଥାକୁ ସଚିତ୍ର ଆକାରରେ ବିଭିନ୍ନ ରାସକୁଞ୍ଜରେ ଗାନ କରାଯାଉଛି । ସ୍ଥାନୀୟକଳାକାରମାନଙ୍କୁ ନେଇ ନୃତ୍ୟଗୀତ ମାଧ୍ୟମରେଏହା ପରିବେଷଣକରାଯାଉଛି । ଏହି ଅବସରରେ ପ୍ରତ୍ୟେକ ରାସମଣ୍ଡପରେ ରାଧାକୃର୍ଷ୍ଣଙ୍କ ତୈଳ ଚିତ୍ର ସ୍ଥାପନା କରାଯାଇଛି । ପ୍ରତ୍ୟହ ସଂନ୍ଧ୍ୟାରେ ତୁଳସୀ ବନ୍ଦନା, ଆକାଶ ଦୀପ ପ୍ରତିଷ୍ଠା, ମଙ୍ଗଳ ଆରତୀ ସହିତ ଭାଗବତର ଦଶମ ସ୍କନ୍ଦର ୩୦ ରୁ ୩୪ ଅଧ୍ୟାୟରେ ବର୍ଣ୍ଣିତ ରାସଲୀଳା କଳାକାରମାନଙ୍କ ଦ୍ୱାରା ଉପସ୍ଥାପନା କରାଯାଉଛି । ଏଥି ସହିତଭଜନ କିର୍ତନ, ଭଜନ ସଂନ୍ଧ୍ୟା, କୃଷ୍ଣ କଥାଚରିତାମୃତ ଗ୍ରାମକୁ ଏକ ଆଧ୍ୟାତ୍ମିକ ପରିବେଶରେ ପରିଣତ କରିଛି । ଏହି ରାସ ଉତ୍ସବକୁ ପ୍ରଥମେ ଭୂଷଳ ଶାନ୍ତି ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ତ୍ରିଗୁଣାନନ୍ଦ ସରସ୍ୱତୀ ୧୯୮୦ ମସିହାରେ ଅୟମାରମ୍ଭ କରିଥିଲେ । ତାଙ୍କମାର୍ଗ ଦର୍ଶନରେ ୧୯୮୫ ମସିହାରେ ଶିକ୍ଷକ ଭରତଚନ୍ଦ୍ର ନାୟକଙ୍କ ପ୍ରଚେଷ୍ଟାରେ ଭୂଷଳ ନୂଆସାହିରେ ରାସ ଯାତ୍ରା ଆରମ୍ଭ କରାଯାଇଥିଲା । ୧୯୯୦ ମସିହାରୁଭୂଷଳ ନିଗମ ନଗର, ୧୯୯୪ ମସିହାରୁଭୂଷଳ ଯଜ୍ଞ ମଣ୍ଡପ ସାହିରେଏହିରାସଯାତ୍ରା ପରିବେଷିତ ହୋଇଆସୁଛି । ଏଥି ସହିତ ସଂମ୍ପର୍କ କ୍ଲବ, ବ୍ରାହ୍ମଣସାହି ଯୁବ ପରିଷଦ, ନୂଆସାହି ଯୁବସଂସଦ, ଉପରସାହି ଯୁବ ପରିଷଦ ଓ ମଝିସାହି ପକ୍ଷରୁ କାର୍ତିକେଶ୍ୱର ପୂଜା ଅନୁଷ୍ଠିତ ହେଉଛି । ଯଜ୍ଞମଣ୍ଡପରେ ଆଧାତ୍ମିକ ପ୍ରବଚନ ଅନୁଷ୍ଠିତ ହେଉଛି । ଆଲୋକ ସଜ୍ଜାରେ ସାରାଗ୍ରାମ ସୁଶୋଭିତ ହୋଇଛି । ଭୁଷଳ ଲୋକନାଥେଶ୍ୱର ଓ ଝରଣେଶ୍ୱର ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି ।

## ଚାକିରି ହରାଇବେ ୧୩୧ ଜଣ କମ୍ୟୁନିଟି ମୋବିଲାଇଜର : ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲା ସଂଘ

ନୂଆପଡ଼ା,୧୮/୧୧ (ନି.ପ୍ର): କେନ୍ଦ୍ର ଏବଂ ରାଜ୍ୟ ସରକାର ମନରେଗା ଯୋଜନା ଜରିଆରେ ଗ୍ରାମୀଣ ଶ୍ରମିକ ମାନଙ୍କୁ ଅଧିକ କାମଧନ୍ଦା ଯୋଗାଇ ରୋଜଗାରକ୍ଷମ କରାଇବା ଉଦ୍ଦେଶ୍ୟ ନେଇ ଗତ ୨୦୧୯ ମସିହା ଡିସେମ୍ବର ମାସରୁ ଏକ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରିଥିଲେ । ରାଜ୍ୟର ଦାଦନ ପ୍ରବଣ ୪ ଗୋଟି ଜିଲ୍ଲା ଯଥା ନୂଆପଡା, କଳାହାଣ୍ଡି, ବଲାଙ୍ଗିର ଓ ବରଗଡ ଜିଲ୍ଲାର ମୋଟ୍ ୨୦ ଗୋଟି ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିଲା । ଏହି ଯୋଜନାକୁ ସଫଳ କରିବାକୁ ନେଇ ପ୍ରତି ପଚାଂୟତରେ ଜଣେ ଲେଖାଏଁ କମ୍ୟୁନିଟି ମୋବିଲାଇଜରଙ୍କୁ ନିଯୁକ୍ତି ଦେଇଛନ୍ତି, ହେଲେ କମ୍ୟୁନିଟି ମୋବିଲାଇଜର ପଦବୀ ନିଯୁକ୍ତି ପରେ ପରେ ମନରେଗା ଯୋଜନାରେ ଅଧିକରୁ ଅଧିକ କାମ ହେବା ସହ ଅଧିକ ଶ୍ରମିକ ନିୟୋଜିତ ହେଉଥିଲେ । କିନ୍ତୁ, ଗତକାଲି ରାଜ୍ୟ ସରକାରଙ୍କ ପଚାଂୟତିରାଜ ଓ ପାନୀୟଜଳ ବିଭାଗ ମିଶନଶକ୍ତି ଅଧୁନା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ କମ୍ୟୁନିଟି ମୋବିଲାଇଜର ଭାବରେ ନିଯୁକ୍ତି ଦେବାକୁ ନିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହାକୁ ବିରୋଧ କରି କମ୍ୟୁନିଟି ମୋବିଲାଇଜର ସଂଘ ନୂଆପଡା ଜିଲାପାଳ ସୁଧାଦେବ ସିଂ, ମିକି ମଧୁଛନ୍ଦା ସାହୁ ଏବଂ ନୂଆପଡା ବିଧାୟକ ତଥା ଯୋଜନା ବୋର୍ଡ ଅଧକ୍ଷ ରାଜେନ୍ଦ୍ର ପ୍ରସାଦ କୋଲଲିଆଙ୍କୁ ସାକ୍ଷାତ କରି କମ୍ୟୁନିଟି ମୋବିଲାଇଜର ମାନଙ୍କୁ ନିଯୁକ୍ତି ଦେବାକୁ ଦାବୀ କରିଛନ୍ତି । ଜିଲା ପ୍ରଶାସନ ସହ ରାଜ୍ୟ ସରକାର କମ୍ୟୁନିଟି ମୋବିଲାଇଜର ମାନଙ୍କୁ ଅତିଶିଘ୍ର କମ୍ୟୁନିଟି ମୋବିଲାଇଜର ପଦବୀରେ ନିଯୁକ୍ତି ଦେବାକୁ ସାଧାରଣରେ ଦାବୀ ହେଉଛି । ନଚେତ୍ ନୂଆପଡା ଜିଲାର ୧୩୧ ଜଣ କମ୍ୟୁନିଟି ମୋବିଲାଇଜରଙ୍କ ସହ ବରଗଡ଼, ବଲାଙ୍ଗିର ଏବଂ କଳାହାଣ୍ଡି ଜିଲ୍ଲାର କମ୍ୟୁନିଟି ମୋବିଲାଇଜର ମାନେ ସେମାନଙ୍କ ଚାକିରି ହରାଇ ବେକାରୀ ହୋଇଯିବେ ।

## ବିଭିନ୍ନ ଦାବି ନେଇ ଏମକେସିଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଆଉଟ ସୋର୍ସିଂ କର୍ମଚାରୀଙ୍କ ଧାରଣା

ଗଞ୍ଜାମ,୧୮/୧୧ (ନି.ପ୍ର): ବିଭିନ୍ନ ଦାବି ନେଇ ଏମକେସିଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଆଉଟ ସୋର୍ସି କର୍ମଚାରୀଙ୍କ ପକ୍ଷରୁ ବାହ୍ୟଚିକିତ୍ସା ଟିକେଟ୍ କାଉଂଟର ସମ୍ମୁଖରେ କଳାବ୍ୟାଚ୍ ପିନ୍ଧି ପ୍ରତିବାଦ ବିକ୍ଷୋଭ ଓ ଧାରଣା ଦିଆଯାଇଛି । ଦୀର୍ଘ ୧୨ ବର୍ଷ ଧରି ସେମାନେ କାର୍ଯ୍ୟ କରି ଆସୁଥିଲେ ମଧ ସେମାନଙ୍କର ନାର୍ଯ୍ୟ ଅଧିକାର ପାଇବାରୁ ବଂଚିତ ହୋଇଥିବାରୁ ଏହି ଧାରଣା ଦେଇଛନ୍ତି । ପୂର୍ବରୁ ବହୁବାର ସେମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଏନେଇ ଦାବିପତ୍ର ଦେଇଥିଲେ ମଧ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଆବାହକ ପ୍ରତାପ ପ୍ରଧାନ, ସଭାପତି ସି.ଏଚ. ସୁନିଲ ପାତ୍ର ଓ ସମ୍ପାଦକ ଏମ୍. ନିରଞ୍ଜନ ଦାଶଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଥିବା ଜଣାପଡିଛି । ଅନ୍ୟପକ୍ଷରେ ହସ୍ପିଟାଲ ଆଉଟ ସୋର୍ସିଂ କର୍ମଚାରୀଙ୍କ ଏହି ଆନ୍ଦୋଳନ ଯୋଗୁଁ ରୋଗୀ ସେବା ବିଶେଷ ଭାବେ ପ୍ରଭାବିତ ହୋଇଛି ।

## ବାସୁଦେବପୁର ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ



ବାସୁଦେବପୁର,୧୮/୧୧ (ନି.ପ୍ର): ବାସୁଦେବପୁର ସହରରେ ଥିବା ହୋଟେଲ ସ୍ନେହା ରେସିଡେନ୍ସି ସଭାକକ୍ଷରେ ବାସୁଦେବପୁର ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ବାଇଚଢ଼େଇ ପତ୍ରିକାର ସଂପାଦକ କବି ବିକାଶ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପେସ୍ କ୍ଲବର ସଭାପତି ରମାକାନ୍ତ ବାରିକ ଓ ସାମ୍ବାଦିକ ଦେବାଶିଷ ମହାନ୍ତି ଜାତୀୟ ପ୍ରେସ୍ ଦିବସର ତାତ୍ପର୍ଯ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ବୈଲୋଚନ ସାହୁ, ଲକ୍ଷ୍ମୀକାନ୍ତ ନାଥ, ଅମର ନାରାୟଣ ମହାନ୍ତି, ସତ୍ୟକାନ୍ତ ନାୟକ, କିରିଟ ଦାସ, ପ୍ରଶାନ୍ତ ଦାସ, ଗୌତମ ଦାସ, ସୂର୍ଯ୍ୟୋଦୟ ବିଶ୍ୱାଳ, ରଙ୍ଗରାଙ୍ଗର ସଂପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସାମ୍ବାଦିକ ମାନଙ୍କର ସୁରକ୍ଷା ଓ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ ।





## ମାସ ମଧ୍ୟେ କାର୍ତ୍ତିକ

### ପୁଷ୍ପାଞ୍ଜଳି ମିଶ୍ର

ବ୍ରତ ମଧ୍ୟରେ ପଞ୍ଚୁକ
ଓଷାରେ ଶ୍ରେଷ୍ଠ ବଡ ଓଷା
ରହିଛି ବିଧି
ଶ୍ରୀ ଶ୍ରୀ ଧବଳଶ୍ୱରଙ୍କ ର ପୂଜା
କାର୍ତ୍ତିକ ମାସରେ ହୁଏ ସଜା
ରାଇ ଦାମଦୋର ନାମେ
କଳା କହ୍ନାଇ ସେ
ରାଧା ନାମେ ମନେ ଉଚାରି
ରସିକ ନାଗର ରତ୍ନ ସିଂହାସନେ
ପାଆନ୍ତି ପୂଜା
ଥୁରୁ ଥୁରୁ ପାହାନ୍ତିଆ ଶୀତରେ
ନରେନ୍ଦ୍ର ରେ ବୁଡ ଦେଲେ ଥରେ
ସବୁ ପାପ ଯାଏ ଧୋଇ
ଶହ ଶହ ଭକ୍ତ ତା ପ୍ରେମ ରେ ବନ୍ଧା
ସ୍ନେହ ଡୋରିରେ ଦେଇଛି ବାନ୍ଧି
ଧରମ ମାସରେ ପଞ୍ଚୁକ ପାଳିଲେ
ସବୁ ଦୁଃଖ କଷ୍ଟ ଯାଏ ଦୂରେଇ
କାର୍ତ୍ତିକ ପୂର୍ଣ୍ଣିମା ତିଥିରେ
ବୋଇତ ବନ୍ଦାଣ ସାଧବପୁଅ ର
ପୂର୍ବ ପୁରୁଷ ରୁ ଚଳି ଆସୁଛି
ଉତ୍କଳ ର ଆମ ଦେଶର ସଂସ୍କୃତି
ପ୍ରଥା ପରମ୍ପରା ଚାଲିଛି
ଆ କା ମା ବ ଇ
ପାନ ଗୁଆ ଖାଇ
ପାନ ଗୁଆ ତୋର
ମାସକ ଯାକର ଧରମ ମୋର
ମାସରେ ସାର କାର୍ତ୍ତିକ ମାସ
ବରଷ କରେ ଥରେ
ଅଭିଷ କରନ୍ତି ଆମିଷ ଛାଡନ୍ତି
ଧରମ ମାସରେ ଗଣା
କାର୍ତ୍ତିକ ମାସରେ ନାମେ
ହୋଇଛି ସେ ପ୍ରସିଦ୍ଧ ।ଞ

ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
୯୫୫୬୬୪୩୯୨୧

## ଧନ୍ୟ ଆମର ଉତ୍କଳ

### ହରେରାମ ପଣ୍ଡା

ବରଷକେ ସାର କାର୍ତ୍ତିକ ପୁନେଇଁ
ପରବ ଆସିଛି ଆଜି,
ମନେପଡ଼େ ଆମ ସାଧବ ପୁଅଙ୍କ
ସକଳ କୀରତିରାଜି ।

ସାତ ଦରିଆକୁ ପାରୀ ହୋଇ ଦିନେ
ବଣିଜ କରିବା ପାଇଁ,
ଭିଡୁଥିଲେ ପୋତ ଆଜିର ଦିନରେ
ମନେ ଅଛି ଆମ ରହି ।

କାର୍ତ୍ତିକ ମାସର ପଞ୍ଚୁକ ବ୍ରତ ଯେ
ବ୍ରତ ମଧ୍ୟେ ଅଟେ ସାର,
ପବିତ୍ର ସ୍ନାହାନ ହବିଷ ଭୋଜନ
ପାପ ତାପ କରେ ଦୂର ।

ବିଗତ ଦିନର ଗୌରବଗାଥା
ସ୍ମରଣ କରିବା ପାଇଁ ,
ପିଲାଠାରୁ ବୁଢ଼ା ଆନନ୍ଦ ମନରେ
ବୋଇତ ଥାନ୍ତି ଭସେଇ ।

ସଭିଙ୍କ ମୁହଁରେ ଆ କା ମା ଭୈ
ପୁରିଉଠେ ନଦୀକୂଳ,
ଧନ୍ୟ ଆମର ସାଧବ ସନ୍ତାନ
ଧନ୍ୟ ଆମ ଉତ୍କଳ ।

+ କୁଆଁସ , ମେର୍ଦ୍ଦା କାଟିଆଛକ ,
ଯାଜପୁର ।
(ମୋ)୯୪୩୮୦୬୫୧୯୫

# ସନାତନ ଧର୍ମ: ଯାହାର ଆଦି ଅନ୍ତ ନାହିଁ



### ଗୋପାଳ ମହାପାତ୍ର

ସନାତନ ଧର୍ମ ଓ ହିନ୍ଦୁ ସଂସ୍କୃତିଙ୍କୁ ନେଇ ଅନେକ ସମୟରେ ଆଲୋଚନା ଚାଲେ। ଅନେକେ ମଧ୍ୟ ଭିନ୍ନ ଭିନ୍ନ ମତ ଦେଇଥାନ୍ତି। ପ୍ରକୃତରେ ସନାତନର ଅର୍ଥ ହେଉଛି ଯାହା ସଦୈବ ବା ଆବାହମାନ କାଳରୁ ରହିଆସିଛି ଓ ସଦୈବ ରହିବ। ଯାହାର ନା ପ୍ରାରମ୍ଭ ଅଛି ନା ଅନ୍ତ ଅଛି ଏବଂ ଯାହା ସବୁବେଳେ ନବୀନ ବା ନୂଆ ଭଳି ରହିଛି। ସନାତନ ଧର୍ମକୁ ହିନ୍ଦୁ ଧର୍ମ ବୋଲି କୁହାଯାଇଥାଏ। ତଥ୍ୟ ଅନୁସାରେ ସିନ୍ଧୁ ନଦୀର ଅବବାହିକାରେ ବସବାସ କରୁଥିବା ଲୋକଙ୍କୁ ହିନ୍ଦୁ କୁହାଗଲା ଓ ପରେ ସେମାନଙ୍କ ଧର୍ମକୁ ହିନ୍ଦୁ ଧର୍ମ ବୋଲି କୁହାଗଲା। ଭୌଗୋଳିକ ଆଧାରରେ ଧର୍ମର ନାମକରଣ 'ହିନ୍ଦୁ ଧର୍ମ' ହୋଇଯାଇଥିଲା। ଏଥିପୂର୍ବରୁ କିନ୍ତୁ ଧର୍ମର ବିଶେଷତା କାରଣରୁ ଏହାର ନାମ ସନାତନ ଧର୍ମ ଥିଲା। ସବୁ ଧର୍ବାବଲମ୍ବୀ ନିଜ ନିଜର ଧର୍ମକୁ ନେଇ ଗର୍ବ କରିଥାନ୍ତି ଏବଂ ତାକୁ ସବୁଠାରୁ ଶ୍ରେଷ୍ଠ ବୋଲି କହିଥାନ୍ତି। ଏଣୁ ମନେ ହୁଏ ଯେ ଆର୍ଯ୍ୟମାନେ ସେମାନଙ୍କର ଆସ୍ଥା ଏବଂ ବିଶ୍ୱାସ କାରଣରୁ ତାଙ୍କ ଧର୍ମକୁ ସନାତନ କହିବା ଆରମ୍ଭ କରିଦେଇଥିଲେ କିନ୍ତୁ ଏ ବାବଦରେ ଅଧିକ ତର୍ଜମା କଲେ ଜଣାପଡ଼େ ଯେ, ହିନ୍ଦୁ ଧର୍ମ ଯେଉଁ ତଥ୍ୟ ଏବଂ ସିଦ୍ଧାନ୍ତ ଉପରେ ଆଧାରିତ ତାହା ମାନବ ନିର୍ମିତ ନୁହେଁ ଏହା ସ୍ୱୟଂ ଅସ୍ତିତ୍ୱକୁ ଆସିଛି। ଏହା ସୃଷ୍ଟିର ସ୍ୱାଭାବିକ ଧର୍ମ ଅଟେ। ଏଣୁ ଏହା ସନତନ। ପ୍ରଥମେ ବିଜ୍ଞାନ କଥା ଭାବିବା। ପ୍ରକୃତିର ନିୟମ ସ୍ୱୟଂ ହିଁ ସୃଷ୍ଟି ହୋଇଥାଏ। ପ୍ରକୃତିର ନିୟମକୁ ଆମେ ଜାଣୁ ବା ନଜାଣୁ ପ୍ରକୃତି ସ୍ୱୟଂ ସୃଷ୍ଟ ନିୟମରେ ହିଁ ଚାଲିଥାଏ। ପ୍ରକୃତିର ଏହି ନିୟମ ବାବଦରେ ଅନୁସନ୍ଧାନ ହିଁ ବିଜ୍ଞାନ। ଯେତେବେଳେ ମଣିଷ ଗୁରୁତ୍ୱାକର୍ଷଣ ଉପରେ କିଛି ଜାଣିନଥିଲା। ସେତେବେଳେ ମଧ୍ୟ ଗଛରୁ ଫଳ ତଳକୁ ଖସୁଥିଲା। ନିୟମ ନଜାଣି ମଧ୍ୟ ପକ୍ଷୀ ଆକାଶରେ ଉଡୁଥିଲେ। ବିଜ୍ଞାନର ନିୟମ ଏହି ବ୍ରହ୍ମାଣ୍ଡରେ ସାର୍ବଭୌମିକ ଅଟେ। ଆମେରିକା ଏବଂ ଭାରତର ଭୌତିକ ବିଜ୍ଞାନ ଏକାପରି। ଆଫ୍ରିକା ଏବଂ ୟୁରୋପର ରୟାସନ ଶାସ୍ତ୍ର ମଧ୍ୟ ଏକା ଭଳି। ପୁରା ପୃଥିବୀର ଜୀବବିଜ୍ଞାନ ମଧ୍ୟ ଏକ୍। କେହି କେବେ କହିପାରିବ ନାହିଁ ଯେ ବର୍ତ୍ତମାନର ଭୌତିକୀର ନିୟମ ଉପରେ ତାର ଭରଷା ନାହିଁ ଓ ସେ ନିଜେ ଏକ ନୂଆ ଭୌତିକୀ ସୃଷ୍ଟି କରିପାରିବ। ଏହା ବିଶ୍ୱାସର କଥା ନୁହେଁ, ଅନୁଭବର କଥା ଯେ ବିଜ୍ଞାନ ସର୍ବତ୍ର ଏକାଭଳି।

ପ୍ରସିଦ୍ଧ ଭୌତିକ ବିଜ୍ଞାନୀ ଷ୍ଟିଫେନ ହକିଙ୍ଗ୍ ତାଙ୍କ ଲିଖିତ ପୁସ୍ତକ ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍‌ରେ ଲେଖିଛନ୍ତି ଯେ ଏବେଠାରୁ ପାଖାପାଖି ୧୩୫୦ କୋଟି ବର୍ଷ ପୂର୍ବେ ଘଟିଥିବା ମହାବିସ୍ଫୋରଣ କାରଣର ଆମ ବ୍ରହ୍ମାଣ୍ଡର ଉତ୍ପତ୍ତି ହୋଇଛି। ଏଥିସହ ସମୟର ସୃଷ୍ଟି ହୋଇଛି। ପଦାର୍ଥ ଏବଂ ଶକ୍ତି ପ୍ରକଟ ହୋଇଛି ଏପରିକି ପ୍ରକୃତିର ନିୟମ ମଧ୍ୟ ଅସ୍ତିତ୍ୱକୁ ଆସିଛି। ଏହି ନିୟମ ଅନୁସାରେ ବିଭିନ୍ନ ଆଣବିକ ଓ ରାସାୟନିକ କ୍ରିୟା ହେବାରେ ଲାଗିଲା, ଗୁରୁତ୍ୱାକର୍ଷଣ କାରଣରୁ ପିଣ୍ଡ ପରସ୍ପର ଆଡକୁ ଆକର୍ଷିତ ହେଲେ, ନାଭିକୀୟ ଏବଂ ବିଦ୍ୟୁତ୍ ଚୁମ୍ବକୀୟ ଶକ୍ତି ତାର କାର୍ଯ୍ୟ ଆରମ୍ଭ କରିଦେଇଥିଲା। ସେପିୟନ୍ସ ନାମକ ଏକ ପୁସ୍ତକର ଲେଖକ ନୋବା ହରାରି ଲେଖିଛନ୍ତି ଯେ ମହାବିସ୍ଫୋରଣ (ବିଗ୍ ବ୍ୟାଙ୍ଗ୍)ର ୩ ଲକ୍ଷ ବର୍ଷ ପରେ ପଦାର୍ଥ ଏବଂ ଶକ୍ତି ମିଶି ପରମାଣୁ ସୃଷ୍ଟି ହେଲା। ଏହା ରାସାୟନ ଶାସ୍ତ୍ରର ଜନ୍ମ ଥିଲା। ଏହାର ୩୮୦କୋଟି ବର୍ଷ ପରେ ପୃଥିବୀ ପୃଷ୍ଠରେ ଜୀବନର ପ୍ରାରମ୍ଭିକ ଜଟିଳ ସଂରଚନା ହୋଇଥିଲା ଓ ଜୀବ ବିଜ୍ଞାନର ସୃଷ୍ଟି ହୋଇଥିଲା। ବୈଜ୍ଞାନିକମାନେ ନିର୍ବିବାଦ ରୂପରେ ମାନୁଛନ୍ତି ଯେ, ବିଜ୍ଞାନର ଜନ୍ମ ବା ସୃଷ୍ଟି ଏହି ବ୍ରହ୍ମାଣ୍ଡରେ ହୋଇଛି ଓ ବିଜ୍ଞାନର ନିୟମ ଏହି ବ୍ରହ୍ମାଣ୍ଡ ସହ ସମ୍ବନ୍ଧିତ ଅଟେ। ତେଣୁ ଯେତେବେଳେ ବ୍ରହ୍ମାଣ୍ଡ ନିଶ୍ଚିହ୍ନ ହେବ ସେତେବେଳେ ନିୟମ ମଧ୍ୟ ଶେଷ ହୋଇଯିବ। ଅର୍ଥାତ୍ ମହାବିସ୍ଫୋରଣ ବା ବିଗ୍‌ବ୍ୟାଙ୍ଗ କାରଣରୁ ଯାହାର ସୃଷ୍ଟି ହୋଇନାହିଁ ସେଠାକାର ନିୟମ ଭିନ୍ନ ଏବଂ ଆମ ବିଜ୍ଞାନ ସେଠାରେ ଲାଗୁ ନୁହେଁ।

ଏବେ ଚେତନତାର କଥା କୁହାଯାଇପାରେ। ଜୀବିତ ଏବଂ ମୃତକଙ୍କ ମଧ୍ୟରେ ଥିବା ତଫାତ୍ ସମସ୍ତେ ଜାଣି। ଯାହା ସମାପ୍ତ ହୋଇଯାଏଶ ତାକୁ ଚେତନା କୁହାଯାଏ। କେତେକଙ୍କ ମତରେ ଚେତନା ପ୍ରକୃତିର ତତ୍ତ୍ୱରେ ସେହିପରି ସୃଷ୍ଟି ହୋଇଛି ଯେଭଳି ଶରୀର ସୃଷ୍ଟି ହୋଇଛି। ସେମାନଙ୍କ ମତହେଉଛନ୍ତି ଈଶ୍ୱରଙ୍କର ଅସ୍ତିତ୍ୱ ନାହିଁ। ବିଜ୍ଞାନ ହିଁ ସବୁ କିଛି। ଏଭଳି ଲୋକମାନେ ବିଜ୍ଞାନ ମଧ୍ୟରେ ସୀମିତ ହୋଇ ରହିଯାଇଥାନ୍ତି। କିନ୍ତୁ ମନେ ରଖିବା ଉଚିତ ଯେ, ବିଜ୍ଞାନର ପ୍ରଗତି ଉପରେ ମଧ୍ୟ ବିଜ୍ଞାନ ଚେନତା ସମ୍ପର୍କରେ ସଠିକ୍ ଜାଣିପାରିନାହିଁ। ଦ୍ୱିତୀୟତଃ କିଛି ଏମିତି ଲୋକ ଅଛନ୍ତି ଯେଉଁମାନେ ଚେତନତା ବାବଦରେ ଅଧିକ ଜାଣିବା ପାଇଁ ଆଗ୍ରହୀ। ଏହି ଚେତନତା ବା ଅସ୍ତିତ୍ୱର ସ୍ୱଭାବ ହିଁ ଅଧ୍ୟାତ୍ମ। ଏହି ପରମ ଚେତନା ଜାଣିବାର ଇଚ୍ଛା ବା ଅନୁଭବ କରିବାର ରାସ୍ତା ବତାଇବା ପାଇଁ ଧର୍ମର ଉଦୟ ହୋଇଛି। ଏହି ପ୍ରକ୍ରିୟା ବିଭିନ୍ନ ଧର୍ମରେ ବିଭିନ୍ନ ପ୍ରକାରରେ କୁହାଯାଇଛି ଓ ଏହି ପରମ ଚେତନାକୁ ଭିନ୍ନ ଭିନ୍ନ ନାମ ଦିଆଯାଇଛି ଯଥା-ବ୍ରହ୍ମା, ଈଶ୍ୱର, ପରମପିତା, ଗଡ୍ ଓ ଆଲ୍ଲା ଇତ୍ୟାଦି। ଯେଭଳି ପ୍ରକୃତିର ନିୟମ (ବିଜ୍ଞାନ) ସର୍ବତ୍ର ଏକା ଭଳି ସେହିପରି ଚେତନାର ନିୟମ ମଧ୍ୟ ସର୍ବତ୍ର ଏକାଭଳି। ପାର୍ଥକ୍ୟ ହେଉଛି ଯେ, ବିଜ୍ଞାନ ପ୍ରକୃତି ଉପରେ ଆଧାରିତ ଏଣୁ ସାରା ବ୍ରହ୍ମାଣ୍ଡରେ ଏକାଭଳି ଲାଗୁ ହୋଇଥାଏ କିନ୍ତୁ ଚେତନତା ଅଭୌତିକ ହୋଇଥିବା କାରଣରୁ ସୃଷ୍ଟି ଠାରୁ ଭିନ୍ନ ଓ ବ୍ରହ୍ମାଣ୍ଡର ଧାର୍ଯ୍ୟ ସୀମା ପରେ ବି ଏହା ପରିବ୍ୟାପ୍ତ। ପ୍ରଶ୍ନ ଉଠିପାରେ ଯେ ଏହି ଚେତନାର ଅନୁଭବ କେମିତି କରିପାରିବା? ଆମ ମସ୍ତିଷ୍କ ସେହି ତତ୍ତ୍ୱରେ ସୃଷ୍ଟି ଯାହା ପ୍ରକୃତିର ଅଂଶ ବିଶେଷ। ମସ୍ତିଷ୍କ ବ୍ରହ୍ମାଣ୍ଡ ଭିତରେ ସୀମିତ ତେଣୁ ତର୍କ ଏବଂ ବିଜ୍ଞାନକୁ ମସ୍ତିଷ୍କ ବୁଝିପାରିବ କିନ୍ତୁ ଚେତନତାର ଅନୁଭବ କରିପାରିବ ନାହିଁ। ଆମ ମସ୍ତିଷ୍କ ସମୟ ଏବଂ ମହାକାଶ (ଟାଇମ୍ ଆଣ୍ଡ୍ ସ୍ପେସ୍)ର ବାହାରକୁ ଯାଇପାରିବ ନାହିଁ।

ସନାତନ ଧର୍ମ କହେ ଯେ, ଚେତନା ଆମ ସମସ୍ତଙ୍କ ଭିତରେ ରହିଛି। ଆମେ ଚେତନାର ଅନୁଭବ କରିନପାରିବାର କାରଣ ହେଉଛି ମସ୍ତିଷ୍କରେ ଉତ୍ପାଦ-ମନ, ବୁଦ୍ଧି ଏବଂ ଅହଂକାର ଚେତନାକୁ ଘେରି ରହିଛନ୍ତି। ଏହି ଘେରି ରହିବାକୁ ମାୟା କୁହାଯାଏ। ସନାତନ ଧର୍ମ କହେ ଯେ, ଯେତେବେଳେ ଘେରି ରହିବା ବା ମାୟା ଦୂରେଇ ଯାଏ ସେତେବେଳେ ପରମ ଚେତନା ପ୍ରକାଶିତ ହେବାରେ ଲାଗେ। ସନାତନ ଧର୍ମରେ ମାୟା ଠାରୁ ଦୂରେଇବା ପାଇଁ ଯେଉଁ କଥା କୁହାଯାଇଛି ତାହା ସୃଷ୍ଟିରେ ସ୍ୱୟଂ ଅଭୁତ ତତ୍ତ୍ୱ ଓ ସିଦ୍ଧାନ୍ତ ଉପରେ ଆଧାରିତ ଏଣୁ ଏହା ସବୁ ମନୁଷ୍ୟଙ୍କ ପାଇଁ ସମାନ। ସନାତନ ଧର୍ମ କୌଣସି କଳ୍ପନା ଲୋକରେ ବିଚରଣ କରେ ନାହିଁ। ଏହା ମନୁଷ୍ୟର ଶରୀରରୁ ଆରମ୍ଭ ହୋଇଥାଏ। ମନୁଷ୍ୟର ଶରୀରରେ ସଂସାରକୁ ଅନୁଭବ କରିବା ପାଇଁ ଆଖି, ନାକ, କାନ, ଜିଭ ଏବଂ ତ୍ୱଚା ଭଳି ୫ଟି ଅଙ୍ଗ ରହିଛି ଯାହାକୁ ଜ୍ଞାନେନ୍ଦ୍ରିୟ କୁହାଯାଇଥାଏ। ସେହିଭଳି ସଂସାରରେ କାର୍ଯ୍ୟ କରିବା ପାଇଁ ୫ଟି ଅଙ୍ଗ ରହିଛି ଯାହା କର୍ମେନ୍ଦ୍ରିୟ ଅଟେ। ସେ ସବୁ ହେଉଚି ହାତ, ଗୋଡ଼, ମୁହଁ, ଲିଙ୍ଗ ଏବଂ ମଳଦ୍ୱାର। ଏହି ୫ କର୍ମେନ୍ଦ୍ରିୟର ନିୟନ୍ତ୍ରଣ ମନ ପାଖରେ ହିଁ ରହିଥାଏ। ଏଥିପାଇଁ ସନାତନ ଧର୍ମ ଶରୀର ମାଧ୍ୟମରେ ମନ ଉପରେ ନିୟନ୍ତ୍ରଣ କଥା କହିଥାଏ। ଶରୀରର ନିୟନ୍ତ୍ରଣ ପାଇଁ ଯମ, ନିୟମ, ଆସନ ଏବଂ ପ୍ରାଣାୟାମ କଥା କୁହାଯାଇଥାଏ। ନିୟନ୍ତ୍ରିତ ଶରୀର ଧ୍ୟାନ ସମାଧି ଭଳି ପ୍ରକ୍ରିୟା ମାଧ୍ୟମରେ ମନ, ବୁଦ୍ଧି ଏବଂ ଅହଂକାର କୁଜିଣି ପରମ ଚେତନାର ଅନୁଭବ କରିପାରେ। ସନାତନ ଧର୍ମ ଅନୁସାରେ ପ୍ରକୃତି ପଞ୍ଚ ମହାଭୁତ ଯଥା-ପୃଥିବୀ, ଜଳ, ଅଗ୍ନି, ଆକାଶ ଏବଂ ବାୟୁରେ ସୃଷ୍ଟି ହୋଇଛି। ବିଜ୍ଞାନ ପ୍ରକୃତିର ବିଶ୍ଳେଷଣ କରି ପରମାଣୁ ଆଉ ଏବେ କ୍ୱାଣ୍ଟମ୍ ପାଖରେ ପହଞ୍ଚିଲାଣି। କିନ୍ତୁ ପ୍ରକୃତିର ସମ୍ପୂର୍ଣ୍ଣତାକୁ ଦେଖିଲେ ଜଣାପଡ଼େ ଯେ, ପଞ୍ଚମହାଭୁତ ହିଁ ଭୌତିକ ପଦାର୍ଥର ଆଧାର। ସଂସାରର ଜୀବଜଗତ ଏପରିକି ସମସ୍ତ ଚର ଓ ଅଚର ବସ୍ତୁ ସବୁ ଏହି ପଞ୍ଚମହାଭୁତ ଉପରେ ଆଧାରିତ। ସନାତନ ଧର୍ମ ଈଶ୍ୱର ପ୍ରାପ୍ତି ପାଇଁ ସଂସାରକୁ ବାଧକ ନୁହେଁ ବରଂ ସହାୟକ ବୋଲି କହିଥାଏ। ଏଣୁ ଜୀବନ ଜିଇଁବାର ଏଭଳି ବ୍ୟବସ୍ଥା କଥା କହିଥାଏ। ଯେଉଁଥିରେ ସଂସାରର ଅନୁଭବ ହେବ ଏବଂ ମନୁଷ୍ୟର ଚେତନା ଉନ୍ନତସ୍ତରରେ ପହଞ୍ଚିପାରିବ। ଏହି କାରଣରୁ ଜୀବନକୁ ୪ ଭାଗରେ ବଣ୍ଟାଯାଇଛି। ଏସବୁ ହେଉଛି ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଏବଂ ସନ୍ୟାସ। ଧର୍ମ, ଅର୍ଥ, କାମ ଏବଂ ମୋକ୍ଷକୁ ଜୀବନର ୪ ପୁରୁଷାର୍ଥ ବୋଲି କୁହାଯାଇଛି। ଧର୍ମର ତାତ୍ପର୍ଯ୍ୟ ସମାଜର ନୈତିକ ନିୟମକୁ ନେଇ। ସନାତନ ଧର୍ମରେ ମନୁଷ୍ୟର ଅନ୍ତିମ ଲକ୍ଷ୍ୟ ହେଉଛି ମୋକ୍ଷ ପ୍ରାପ୍ତି ବା ପରମ ଚେତନା ସହ ସାକ୍ଷାତ।

ସନାତନ ଧର୍ମରେ ବ୍ୟକ୍ତିର ଆଧାତ୍ମିକ ବିକାଶ ପାଇଁ ଭିନ୍ନ ଭିନ୍ନ ଧାର୍ମିକ କାର୍ଯ୍ୟ କଥା କୁହାଯାଇଛି। ପ୍ରାରମ୍ଭିକ ସ୍ତର ହେଉଛି କର୍ମକାଣ୍ଡ ଓ ମୂର୍ତ୍ତିପୂଜା। ଏଥିରେ ଏକାଗ୍ରତାର ସହ ଈଶ୍ୱରଙ୍କ ନିକଟରେ ସମର୍ପଣ କରାଯିବା କଥା କୁହାଯାଇଛି। ଉପାସନା, ଧ୍ୟାନ ଏବଂ ଯଜ୍ଞ ଆଦି କରାଯିବାର କଥା ମଧ୍ୟ କୁହାଯାଇଛି। ସବୁ ବ୍ୟକ୍ତିଙ୍କର ମୂଳ ସ୍ୱଭାବ ପ୍ରକୃତି ପ୍ରଦତ୍ତ। ତେଣୁ ବ୍ୟକ୍ତି ନିଜ ମୂଳ ସ୍ୱଭାବର ଅନୁରୂପ କାର୍ଯ୍ୟକୁ ହିଁ ସର୍ବାଧିକ କୁଶଳତାର ସହ କରିଥାଏ। ସନାତନ ଧର୍ମ ଏପରି ଏକ ଧର୍ମ ଯାହାର ଆଦି ନାହିଁ କି ଅନ୍ତ ନାହିଁ। ଏହା ହେଉଛି ଚିର ନବୀନ।

+ ରାମଚନ୍ଦ୍ରପୁର
ରଣପୁର
ମୋ: ୯୪୩୮୪୮୫୦୯୪


# କଳିଙ୍ଗ ମାନଚିତ୍ରରେ ନୌ ଯାତ୍ରାର ଦୃଶ୍ୟପଟ

### ଇଂ. ଅଭୟ ସୂତାର

"କାର୍ତ୍ତିକ ମାସ ଶୁକ୍ଳପକ୍ଷ
ବୁଧବାର ଯେ ପୂର୍ଣ୍ଣମୀ
ଆ'କା ଭଇ ସ୍ନାନ ଦିନ
ଗଂଗାକୁ ଗଲେ କୁନ୍ତଭୋଜ ସ୍ୱାମୀ।
ସେହି ଗଂଗା ସ୍ନାହାନକୁ
ଭୀଷ୍ମେ ଯେ ଅଇଲେ
କୁନ୍ତଭୋଜ ରାଜା ସଂଗେ
ମଇତ୍ର ହୋଇଲେ।"

ଆଦିକବି ଶୁଦ୍ରମୁନି ସାରଳା ଦାସଙ୍କ ରଚିତ ଓଡ଼ିଆ ମହାଭାରତର ଆଦିପର୍ବରେ ଲିଖିତ ଉପରୋକ୍ତ ପଦଟି ଆଖିରେ ପଡ଼ିଲେ ସ୍ୱତଃ ଝଲସି ଉଠେ କଳିଙ୍ଗର ପୂର୍ବପୁରୁଷଙ୍କ ଜଳ ଯାତ୍ରାର ସ୍ମୃତିମାଳ। ପ୍ରତିଟି ଓଡ଼ିଆର ହଜିଲା ସ୍ମୃତିକୁ ଉଜ୍ଜୀବିତ କରେ କାର୍ତ୍ତିକ ପୂର୍ଣ୍ଣିମାର ବୋଇତ ବନ୍ଦାଣ ଉତ୍ସବ। ପ୍ରାଚୀନ କଳିଙ୍ଗର ଗୌରବୋଜ୍ଜ୍ୱଳ ନୌ-ବାଣିଜ୍ୟ ସର୍ବଗ୍ରାସୀ ଜଳର କରାଳ ସ୍ରୋତରେ ବିଲୀନ ହେଲେ ବି, ଏଯାବତ ଜନମାନସରେ ଜାଗ୍ରତ କରାଏ ସେଇ ନୌ-ଚାଳନାର ଅବର୍ଣ୍ଣନୀୟ ଅତୀତକୁ। କାର୍ତ୍ତିକ ପୂର୍ଣ୍ଣିମାର ପ୍ରତ୍ୟୁଷରୁ ଓଡ଼ିଶାର ଆବାଳବୃଦ୍ଧବନିତା ନଦୀ, ସମୁଦ୍ରରେ ବୁଡ଼ ପକାଇ କଦଳୀ ବାହୁଙ୍ଗାରେ ତିଆରି ଡ଼ଙ୍ଗାରେ ଦୀପଜାଳି ସେଥିରେ ପାନ, ଗୁଆ, ଲୁଣ, ସୋରିଷ, ଯଅ ଥୋଇ, 'ଆ, କା , ମା ଭୈ' - ପାନଗୁଆ ଥୋଇ - ପାନଗୁଆ ତୋ'ର - ମାସକ ଧର୍ମ ମୋର ବୋଲି କହି ଯେଉଁ ନୌକା ଭସାଣି ଉତ୍ସବ ପାଳନ କରିଥାନ୍ତି, ତାହା ଓଡ଼ିଶାର ପ୍ରତି ଘରେ ଘରେ ଏକ ହଜିଲା ଅତୀତର ଉଦ୍‌ବେଗାଭିମୁଖୀ ରୋମନ୍ଥନ ମାତ୍ର। ଆଜି ସବୁ କିଛି ବିସ୍ମୃତି ଗର୍ଭରେ ଲୀନ ହେଲେ ବି ତାର ମୁକସାକ୍ଷୀ ଏଇ କାର୍ତ୍ତିକ ପୂର୍ଣ୍ଣିମାର କୋଳାହଳମୁଖୀ ଶୁଭ ଶବ୍ଦ ଓ ଦୃଶ୍ୟର ପଟୁଆର।

ସମଗ୍ର ଭାରତ ବର୍ଷରେ କଳିଙ୍ଗର ସାଧବ ପୁଅମାନେ ଥିଲେ ନୌବାଣିଜ୍ୟ ଓ ନୌ ଯାତ୍ରାରେ ଧୁରୀଣ। ନିଜ ଦେଶର ଧନଧାନ୍ୟ ବିନିମୟରେ ସେମାନେ ଦୂର ବିଦେଶର ମଣି, ମୁକ୍ତା , ଅଜସ୍ର ଆବଶ୍ୟକୀୟ ସମ୍ପଦରେ ଭରି ଦେଇଥିଲେ ଉତ୍କଳର ଲକ୍ଷ୍ମୀ ଭଣ୍ଡାରକୁ। ମୌର୍ଯ୍ୟ ସାମ୍ରାଜ୍ୟ ପୂର୍ବରୁ ମଧ୍ୟ କଳିଙ୍ଗ ଏକ ଶକ୍ତିଶାଳୀ ରାଜ୍ୟ ରୂପେ ପରିଚିତ ଥିଲା। ସଂସ୍କୃତ ସାହିତ୍ୟରେ "କଳିଙ୍ଗାଃ ସାହାସିକାଃ" ବୋଲି ଯେଉଁ ବର୍ଣ୍ଣନା ଅଛି, ତାହା ବାସ୍ତବରେ କଳିଙ୍ଗର ସାଧବ ପୁଅ ଓ ସୌଦାଗରମାନଙ୍କ ନୌ-ବାଣିଜ୍ୟ ପାଇଁ ଉଦ୍ଦିଷ୍ଟ ଥିଲା।ଏହା ସତ୍ୟ ଯେ, କଳିଙ୍ଗାଧିବାସୀ ଅର୍ଣ୍ଣବ ପୋତ ବିଦ୍ୟା ଓ ସାମୁଦ୍ରିକ ବାଣିଜ୍ୟରେ ଅଦ୍ୱିତୀୟ କୃତିତ୍ୱ ଅର୍ଜନ କରିଥିଲେ। ଜାଭା, ସୁମାତ୍ରା, ବାଲିଦ୍ୱୀପ, ଇଣ୍ଡୋଚୀନ, ଇଣ୍ଡୋନେସିଆ, ସିଂହଳ, ବୋର୍ଣ୍ଣିଓ ଆଦି ଦେଶମାନଙ୍କରେ ନୌ-ବାଣିଜ୍ୟ କରିବା ସହ ଉପନିବେଶ ସ୍ଥାପନ କରି କଳିଙ୍ଗର ସଭ୍ୟତା, ସଂସ୍କୃତି, ଧର୍ମ, ଦର୍ଶନ, କଳା, ସ୍ଥାପତ୍ୟଆଦିର ପ୍ରସାର କରିଥିଲେ। ତତ୍ ସଙ୍ଗେ ସଙ୍ଗେ ସେଠାକାର ଅଧିବାସୀଙ୍କ ଭିତରେ ଜ୍ଞାନାଲୋକ ପ୍ରଦାନ କରି ଉତ୍କଳର ଗାରିମାକୁ ବଜାୟ ରଖିଥିଲେ, ଯାହା ଏଯାବତ୍ ଆମ ସଂସ୍କୃତିର ଅଲିଭା ସ୍ୱାକ୍ଷର ଭାବେ ସେହି ସ୍ଥାନମାନଙ୍କରେ ଦେଖିବାକୁ ମିଳେ।




ଟଲେମୀ (ଗ୍ରୀକ୍ ଭୂଗୋଳବିତ୍)ଙ୍କ ବିବରଣୀରୁ ଜଣାଯାଏ ଯେ, ଖ୍ରୀଷ୍ଟିୟ ଦ୍ୱିତୀୟ ଶତାବ୍ଦୀରେ ଓଡ଼ିଶାର ଉପକୂଳରେ ଅବସ୍ଥିତ ବନ୍ଦରସମୂହ ଉନ୍ନତ ଓ ବହୁ କାର୍ଯ୍ୟକ୍ଷମ ଥିଲା। ଏତଭିନ୍ନ ଖ୍ରୀଷ୍ଟପୂର୍ବରୁ ମଧ୍ୟ ଓଡ଼ିଶାର ବନ୍ଦର ଆନ୍ତର୍ଜାତିକ ଖ୍ୟାତି ଲାଭ କରିଥିଲା। ସମ୍ରାଟ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକ ହେବା ପରେ ବୌଦ୍ଧ ଧର୍ମ ପ୍ରଚାର ନିମିତ୍ତ ନିଜ ପୁଅ ମହେନ୍ଦ୍ର ଓ ଝିଅ ସଂଘମିତ୍ରାଙ୍କୁ ଏହି କଳିଙ୍ଗର ଉପକୂଳବର୍ତ୍ତୀ ବନ୍ଦରରୁ ସିଂହଳକୁ ପଠାଇଥିଲେ ବୌଦ୍ଧ ଧର୍ମର ପ୍ରଚାର ପାଇଁ ।

ଓଡ଼ିଶାର ଯେଉଁ ୯ଟି ବନ୍ଦର ସେତେବେଳେ କାର୍ଯ୍ୟକ୍ଷମ ଥିଲା , ତାହା ସୁବର୍ଣ୍ଣରେଖା, ଛନୁଆ, ବାଲେଶ୍ୱର, ଲଇଛନପୁର, ଚୁଡ଼ାମଣି, ଧାମରା - ଚାନ୍ଦବାଲି, ଫଲସପଏଣ୍ଟ, ପୁରୀ ଓ ତାମଲୁକ (ହଣ୍ଟରଙ୍କ ଓଡ଼ିଆ ଇତିହାସ ପ୍ରଥମ ଖଣ୍ଡ) । ଚୀନ୍ ପରିବ୍ରାଜକ ହୁଏନସାଂଙ୍କ ବିବରଣୀରୁ ଜଣାଯାଏ, ଚେଳିତାଲୋ ଓ ଚରିତ୍ରବନ୍ଦର କାଳକ୍ରମେ ଚାନ୍ଦବାଲି ଓ ଚାନ୍ଦିପୁର ନାମରେ ଖ୍ୟାତ ହୋଇପାରେ ବୋଲି ଅନୁମାନ କରାଯାଏ। କଳିଙ୍ଗର ପ୍ରତିଟି ଅଞ୍ଚଳର ଅଧିବାସୀ ନୌବାଣିଜ୍ୟରେ ସାମିଲ ହେଉଥିଲେ। ବର୍ତ୍ତମାନ ବାଲେଶ୍ୱର, ଭଦ୍ରକ, ଚାନ୍ଦବାଲି, କଟକ, ପୁରୀ, ଗଞ୍ଜାମ ବ୍ୟତୀତ ସମ୍ବଲପୁର, ବଲାଙ୍ଗିର, କୋରାପୁଟ, କଳାହାଣ୍ଡି ଇତ୍ୟାଦି ଜିଲ୍ଲା ମଧ୍ୟ ସେତେବେଳେ ନୌ-ଯାତ୍ରା, ନୌବାଣିଜ୍ୟରେ ଭାଗ ନେଉଥିଲେ। ଟଲେମୀଙ୍କ ବିବରଣୀରୁ ଜଣାଯାଏ, ମନଦ (ମହାନଦୀ) ର କୂଳରେ ଥିବା ସମଲକ (ସମ୍ବଲପୁର) ବନ୍ଦର ଥିଲା। ତେଲ ନଦୀ କୂଳରେ ଆଧୁନିକ ବଲାଙ୍ଗିର ଜିଲ୍ଲା ତୋଷରା ନାମରେ ଚିହ୍ନିତ। ତେଲନଦୀର ବାଣିଜ୍ୟ କୋରାପୁଟ ଓ କଳାହାଣ୍ଡି ବାଟେ ସୋନପୁର ଠାରେ ମହାନଦୀରେ ମିଶିଥିବାରୁ ସେମାନେ ସେହି ବାଟେ ସମୁଦ୍ରକୁ ଆସି ନୌବାଣିଜ୍ୟ ପାଇଁ ଦୂରବିଦେଶ ଯାତ୍ରା କରୁଥିଲେ।

ସଂସ୍କୃତ ସାହିତ୍ୟରୁ ଜଣାଯାଏ, ରାଜାମାନେ ମୂଳଧନ ଖଟାଉଥିଲେ ଏବଂ ତାକୁ ସାଧବପୁଅମାନେ ନେଇ ନୌବାଣିଜ୍ୟ ମାଧ୍ୟମରେ ଦୂର ବିଦେଶରୁ ଧନରତ୍ନ ବୋହିଆଣି କଳିଙ୍ଗକୁ ସମୃଦ୍ଧ କରୁଥିଲେ।

ବାଲେଶ୍ୱର, ଚାନ୍ଦିପୁରର ସୁବର୍ଣ୍ଣରେଖା ନଦୀ, ଭଦ୍ରକର ସାଳନ୍ଦୀ, ଚାନ୍ଦବାଲି - ଧାମରାର ବୈତରଣୀ ଇତ୍ୟାଦି ନଦୀ ଓ ସମୁଦ୍ରମୁହାଣ, କଟକ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ମହାନଦୀ, ପାରାଦ୍ୱିପର ମୁହାଣ ସ୍ଥଳୀ, ପୁରୀର ସମୁଦ୍ର, ଗଞ୍ଜାମର ଋଷିକୂଲ୍ୟା ଓ ଗୋଦାବରୀ ନଦୀମାନେ କଳିଙ୍ଗର ସାଧବପୁଅଙ୍କୁ ନୌବାଣିଜ୍ୟ ପାଇଁ ପଥ ସୁଗମ କରିଦେଇଥିଲା, ଯଦ୍ୱାରା ସବୁ ନଦୀକୂଳାଧିବାସୀ ସମୁଦ୍ରରେ ନୌଯାତ୍ରାର ସୁବିଧା ପାଇଥିଲେ। ବର୍ଷସାରା ସଂଗୃହୀତ ପଣ୍ୟସମ୍ଭାର କାର୍ତ୍ତିକ ଅମାବାସ୍ୟା ବେଳକୁ ବୋଇତରେ ସଜ୍ଜିତ ହୋଇ ସାଧବପୁଅମାନଙ୍କୁ ବୋଇତଯାତ୍ରାରେ ଆଗେଇ ନେଇଯାଉଥିଲା କାର୍ତ୍ତିକ ପୂର୍ଣ୍ଣିମା। ଆଜି ସେ ବୋଇତ ନାହିଁ, ସେ ସାଧବପୁଅ ନାହିଁ। ସାଧବବୋହୂମାନେ ଆଉ ନାହାଁନ୍ତି, ହେଲେ ସେ ସ୍ମୃତିର ଚିହ୍ନ ସ୍ୱରୂପ ରହିଯାଇଛି କାର୍ତ୍ତିକ ପୂର୍ଣ୍ଣିମାର ଉଚ୍ଛ୍ୱସିତ ମୂହୁର୍ତ୍ତ। ଶଙ୍ଖ, ଘଣ୍ଟା, ହୁଳହୁଳି, କଦଳୀ ବାହୁଙ୍ଗା ଭିତରେ ଭାସିଉଠୁଛି ବୋଇତ ଯାତ୍ରାର ଚିତ୍ରପଟ। କଳିଙ୍ଗ ମାନଚିତ୍ରରେ ଖାଲି ନୌବାଣିଜ୍ୟ ସ୍ମୃତିର ଚିତ୍ରପଟ୍ଟ ପ୍ରତିବର୍ଷ ଆମକୁ ବ୍ୟଥିତ କରେ।

ଆଗାମୀ ଦିନରେ ଯଦି ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟର ଉନ୍ନତି ସାଧନ ପାଇଁ ଆମେ ସମୂହ ଭାବେ ଚେଷ୍ଟା କରନ୍ତେ, ଉତ୍କଳର ଲକ୍ଷ୍ମୀ ଭଣ୍ଡାର ପୁଣିଥରେ ଉଛୁଳି ଉଠନ୍ତା। ସାଗର ବକ୍ଷରେ ପୁଣି ଥରେ ମାଳମାଳ ବୋଇତର ପଟୁଆର ଗର୍ବରେ ଛାତି ମେଲି ଭାସିଯାଆନ୍ତା ଦୂର ବିଦେଶକୁ ଏବଂ ହସି ଉଠନ୍ତା ପୁଣି ଥରେ ଉତ୍କଳ, ଓଡ଼ିଶା ଓ ସାଧବ ପୁଅର ଉତ୍ତରଦାୟାଦମାନେ।

+ ସଭାପତି (କାର୍ଯ୍ୟକାରୀ),
ଜିଲ୍ଲା ଲେଖକ ସାମ୍ମୁଖ୍ୟ, ଭଦ୍ରକ
ମୋ. ୯୪୩୭୩୭୬୯୬୭

## କାର୍ତ୍ତିକ ପଂଚୁକ ବ୍ରତ

### ଈଶ୍ୱର ମଙ୍ଗାରଜ

ପଂଚୁକ କାର୍ତ୍ତିକ ପାଞ୍ଚ ଦିନ ନେଇ
ଆମିଷ ଭକ୍ଷଣ ମନା
ଉକ୍ତ ବ୍ରତାଧାରୀ ରାମକୃଷ୍ଣ ଗାଇ
ଦେଖେ ନୀଳାଚଳ ବାନା ।
ଯୁବା କାଳ ପାପ ଘୁଞ୍ଚିବ ଅବଶ୍ୟ
କରେଜେ କାର୍ତ୍ତିକେ ପୂର୍ଣ୍ୟ
ପବିତ୍ର ମାସ ବୟସ୍କ ପାଳନ୍ତି ହବିଷ
ଭୋଜନ ଓଳିଏ ଅନ୍ନ ।
ସକାଳ ସନ୍ଧ୍ୟାର ତୁଳସୀ ଚଉରା
ପୂଜେ ଡାକେ ଜଗନ୍ନାଥ
ତ୍ରାହି କର ବାରେ ଜଗତର ନାଥ
ମୀର୍ତୁ ପରେ ସ୍ୱର୍ଗ ପ୍ରାପ୍ତ ।
ଯୁବା କାଳେ ମନୁଷ୍ୟ ପ୍ରକୃତି ବଶା
ହିତ ଉପଦେଶ ବିଷ
ଗୀତା ଭାଗବତ ଶୁଣିବା ଅଜଣା
ପ୍ରକୃତି କରେ ବିବସ ।
ଯୁବକ ଯୁବତୀ ପ୍ରେମେ ମାତନ୍ତି
ରାଧା କୃଷ୍ଣ ରସ ରାସ
ଗୁରୁଜନ କଥା ଲାଗେ ସବୁ ବାନ୍ତି
ସଂକ୍ରାନ୍ତି ଅମସ୍ୟା କିସ ।
ବୃଦ୍ଧା କାଳେ ବାସ ଅନୁତାପ ଗ୍ରାସ
କିପରି ଆସିବ ମୁକ୍ତି କପାଳ ବସେ
ଦିପ ଜାଳି ଧର୍ମ ଆସ ।
କରୁଣା ମୟ ଈଶ୍ୱର
ଭବ ଭବୁ କର ପାର।
ପାପ କ୍ଷୟ ଯାଉଚି କଷ୍ଟ
ମୁକ୍ତି ପଥ ପଂଚୁକ ବ୍ରତ,
ଧର୍ମ କର୍ମ ଏ କାର୍ତ୍ତିକ
ବାର ମାସେ ବର୍ଷ ଏକ
ଈଶ୍ୱରଟି ମୁକ୍ତ ମାର୍ଗ ।

+ କାଇପଦର(ଖୋର୍ଦ୍ଧା)
(ମୋ)୭୯୭୮୭୩୦୨୧୭.

## କାର୍ତ୍ତିକ ବ୍ରତ ମହିମା

### ବିନୟ କୁମାର ସାମଲ

ଶରତର ଅନ୍ତେ ପ୍ରବେଶ ହେମନ୍ତ
ଧରାରେ କାର୍ତ୍ତିକ ଶୋଭା
ପାଦପ ଲତାରେ ଶିଶିର ମୁକୁତା
ରବିକରେ ମନ ଲୋଭା (୧)
ପ୍ରଭାତେ ଆଳସ୍ୟ ବର୍ଜନ ଅବଶ୍ୟ
କାର୍ତ୍ତିକରେ ପ୍ରାତ ସ୍ନାନ
ବିଜ୍ଞାନ ସମ୍ମତ ଉତ୍ତମ ସ୍ୱାସ୍ଥ୍ୟ ବି
ନିରାମୟ ଆୟୁଷ୍ମାନ (୨)
ତଇଳ ମର୍ଦ୍ଦନ ଆମିଷ ଭୋଜନ
ମୈଥୁନ କରି ବର୍ଜନ
ହବିଷ ଭୋଜନେ ଶ୍ରୀହରି ଭଜନେ
ବିତେ ସାତ୍ତ୍ୱିକ ଜୀବନ (୩)
ଧର୍ମ ଶାସ୍ତ୍ର ମାନ କରି ଅଧ୍ୟୟନ
ଧର୍ମ କର୍ମେ ଦେଇ ମନ
ଦରିଦ୍ରକୁ ଦାନ କରି ଭକ୍ତଜନ
ପୁଣ୍ୟ ଅରଜନେ ଧ୍ୟାନ (୪)
ଅଁଳା ନବମୀ ପବିତ୍ର ଦିବସେ
ଶ୍ରୀରାଧା ପାଦ ଦର୍ଶନ
ଭକତି ଚିତରେ ରାଇ ଦାମୋଦର
କରନ୍ତି ହୃଦେ ସ୍ମରଣ (୫)
ଆକାଶ ଦୀପଟି ପ୍ରଜ୍ୱଳିତ କରି
ରଖିଥାନ୍ତି ମାସ ସାରା
ଧର୍ମ ରୂପୀ ବିଷ୍ଣୁ ପିତୃ ପୁରୁଷଙ୍କ
ଶୁଭ ମନାସନ୍ତି ପରା (୬)
ମାସ ମଧ୍ୟେ ପ୍ରତି ସୋମବାର ଭକ୍ତ
କରି କାଷ୍ଠା ଉପବାସ
ଶିବ ଦରଶନ କରି ଭକ୍ତଜନ
ଲଭିଥାନ୍ତି ଶୁଭାଶିଷ (୭)
ପବିତ୍ର ଦିବସ ପଞ୍ଚକ ରେ ରାସ
କୃଷ୍ଣ ଲୀଳା ଅଭିନୟ
ଭକ୍ତ ଦରଶନେ ଭକ୍ତି ରସପାନେ
ମର୍ତ୍ତ୍ୟ ବୃନ୍ଦାବନେ ଲୟ (୮)
କାର୍ତ୍ତିକର ଶୁକ୍ଳ ଚତୁର୍ଦ୍ଦଶୀ ଦିନ
ବଡ଼ଓଷା ଉଦଯାପନ
ସଦାଶିବଙ୍କର କରୁଣା ଅପାର
ହୁଏ ମନସ୍କାମ ପୂର୍ଣ୍ଣ (୯)
ଧର୍ମ ମାସେ ଗଣ୍ୟ କାର୍ତ୍ତିକରେ ପୁଣ୍ୟ
ବ୍ରତ ମହିମା ଅମୂଲ୍ୟ
ଉତ୍କଳୀୟ ଧର୍ମ ସଂସ୍କୃତିର ବାର୍ତ୍ତା
ପବିତ୍ର ବି ଗଙ୍ଗା ତୁଲ୍ୟ (୧୦)

+ ଗ୍ରାମ : ବେଢ଼ାପଡ଼ା
ଜିଲ୍ଲା: ଢେଙ୍କାନାଳ (୭୫୯୦୧୯)
(ମୋ)୯୩୩୭୨୪୯୦୬୮/
୯୭୭୭୯୨୯୪୩୮

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବାୟୁ ପ୍ରଦୂଷଣ ଅସମ୍ଭାଳ...

ଦିଲ୍ଲୀ ସମେତ ଉତ୍ତର ଭାରତର ପାଞ୍ଚଟି ରାଜ୍ୟର ବାୟୁ ପ୍ରଦୂଷଣର ମାତ୍ରା ଦିନକୁ ଦିନ ଅଣଆୟତ୍ତ ହେବାରେ ଲାଗିଛି । ଏହାକୁ ନେଇ ଏବେ ସରକାରଙ୍କଠାରୁ ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତେ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି । ଏହି ପରିପ୍ରେକ୍ଷୀରେ ଏବେ ଜାତୀୟ ରାଜଧାନୀ ଦିଲ୍ଲୀରେ ଯାନବାହାନ ଚଳାଚଳ ଉପରେ କଠୋର କଟକଣା ଜାରି କରାଯାଇଛି । ପଞ୍ଜାବ, ହରିଆଣା ସମେତ ପ୍ରତିବେଶୀ ରାଜ୍ୟମାନଙ୍କରେ କୃଷକମାନଙ୍କ ଦ୍ୱାରା କ୍ଷେତରେ ପାଳକୁଟା ଜଳା ଯୋଗୁ ପରିସ୍ଥିତି ଅସମ୍ଭାଳ ହୋଇଛି ବୋଲି କୁହାଯାଉଛି । କିନ୍ତୁ ଦିଲ୍ଲୀ ନଗରୀର ପ୍ରଦୂଷଣକୁ ରୋକିବା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟରେ ଆଗତ ଯାଚିକା ଉପରେ ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ ଭି ରମନ୍ନାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଏଥିପାଇଁ ଅତି କଠୋର ଶବ୍ଦରେ ଉଭୟ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ତାଗିଦ କରିଛନ୍ତି । ପ୍ରଧାନ ବିଚାରପତି କହିଛନ୍ତି ଯେ ସବୁଦୋଷ କୃଷକମାନଙ୍କ ମୁଣ୍ଡରେ ଲଦିଦେଇ ଚଳିବ ନାହିଁ । ସେହିଭଳି ସବୁ ସମସ୍ୟାର ସମାଧାନ ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ ସମାଧାନ କରାଯିବା ପର୍ଯ୍ୟନ୍ତ ଅପେକ୍ଷା କରିବା ମଧ ସମୀଚୀନ ନୁହେଁ । ଦିଲ୍ଲୀର ପଞ୍ଚ ଓ ସପ୍ତତାରକା ହୋଟେଲରେ ବସିଥିବା ବାବୁଭାୟାମାନେ ମଧ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କର୍ତ୍ତବ୍ୟ ରହିଛି । ଗରିବ କୃଷକମାନେ ସେମାନଙ୍କ କୃଷି କ୍ଷେତରୁ ଉପାର୍ଜନ କରନ୍ତି ତାହା ଚିନ୍ତା କରିବା କଥା । ସେମାନଙ୍କ ମୁଣ୍ଡରେ ଅଠା ବୋଳିବା ପୂର୍ବରୁ ଦିଲ୍ଲୀ ମହାନଗରୀରେ ଦୀପାବଳି ସରିବାର ଦଶ ଦିନ ମଧ ଅଙ୍ଗୁଳି ନିର୍ଦ୍ଦେଶ କରାଯିବା ଉଚିତ ବୋଲି ଖଣ୍ଡପୀଠର ବିଚାରପତିମାନେ ମନ୍ତବ୍ୟ ଦେଇଛନ୍ତି । ଏହାର ତାତ୍ପର୍ଯ୍ୟ ବେଶ୍ ସୁଦୂରପ୍ରସାରୀ । ଖଣ୍ଡପୀଠଙ୍କ କ୍ଷୋଭର ଯଥାର୍ଥତା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ । କାରଣ ଶୀତଦିନ ଆରମ୍ଭରେ ଯଦି ପ୍ରଦୂଷଣର ମାତ୍ରା ଏତେ ସାଂଘାତିକ ଆକାର ଧାରଣ କରିଛି ତେବେ ଆଗକୁ ଏହା ଆହୁରି ଜଟିଳ ହେବା ସୁନିଶ୍ଚିତ । ରାଜଧାନୀ ଦିଲ୍ଲୀର କେତେକ ଅଞ୍ଚଳରେ ବାୟୁ ପ୍ରଦୂଷଣ ମାତ୍ରା ବିଷାକ୍ତ ଆକାର ଧାରଣ କରିଛି । ଏହାର ଜନସମୁଦାୟଙ୍କ ସ୍ୱାସ୍ଥ୍ୟ ଉପରେ ପର୍ଯ୍ୟାପ୍ତ ପ୍ରତିକୂଳ ପ୍ରଭାବ ପକାଇବା ସୁନିଶ୍ଚିତ । ଗତ କିଛି ବର୍ଷ ଧରି ଏହି ସମସ୍ୟା ଦେଖାଦେଇ ଆସୁଥିବାବେଳେ ଏଥିପାଇଁ ଗ୍ରହଣ କରାଯାଇଥିବା ପ୍ରତିକାର ବ୍ୟବସ୍ଥାରୁ ଯେ ଇପସିତ ସୁଫଳ ମିଳିନାହିଁ ତାହା ବୁଝିବାକୁ ଆଉ କାହାକୁ ବାକିନାହିଁ । ବରଂ ଦିନକୁ ଦିନ ଏହି ସମସ୍ୟା ଜଟିଳ ଆକାର ଧାରଣ କରିବାରେ ଲାଗିଛି । ପ୍ରଦୂଷଣ ଏକ ଜାଗତିକ ସମସ୍ୟା । କିନ୍ତୁ ଭାରତରେ ଏବଂ ବିଶେଷ କରି ଦିଲ୍ଲୀ ସମେତ ଉତ୍ତର ଭାରତର ଏକ ନିର୍ଦ୍ଦିଷ୍ଟ ଭାଗରେ ଏହା ଗୁରୁତର ଆକାର ଧାରଣ କରିବାରେ କାରଣଟି କ'ଣ ହୋଇପାରେ ତାହା ଏପର୍ଯ୍ୟନ୍ତ ଚିହ୍ନଟ ହୋଇପାରିନାହିଁ । ଯଦି କାରଣ ଚିହ୍ନଟ କରାଯାଇଛି ତେବେ ଏହାର ନିରାକରଣ ନିମନ୍ତେ ଗୃହୀତ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ । କିନ୍ତୁ ଏହାର ଶିକାର ହେଉଛନ୍ତି ସମସ୍ତ ଜନତା । ଏହାକୁ ମାମଲା ଭାବେ କୋର୍ଟରେ ବିଚାର କରାଗଲେ ଯେ ସମସ୍ୟାର ସମାଧାନ ହୋଇଯିବ ତାହା ନୁହେଁ । ଏଥିପାଇଁ ସରକାରଙ୍କୁ ଏବଂ ଜନସାଧାରଣଙ୍କୁ ଆଚରଣଗତ କଠୋର କର୍ମଶୃଙ୍ଖଳା ଆପଣାଇବାକୁ ପଡ଼ିବ । ଦେଶରେ ଯାନବାହାନ ସଂଖ୍ୟା ବୃଦ୍ଧି ପାଉଛି । ସେହି ମାତ୍ରାରେ ରାସ୍ତାଘାଟ ନିର୍ମାଣ ହେଉଛି ଓ କଳକାରଖାନା ଚାଲୁଛି । ସେସବୁ ସାମଗ୍ରିକ ଭାବେ ପ୍ରଦୂଷଣ ମାତ୍ରାକୁ ଅଣଆୟତ୍ତ ସ୍ଥିତିରେ ପହଞ୍ଚାଉଛନ୍ତି । କୃଷକମାନଙ୍କ ପାଳକୁଟା ପୋଡ଼ା ଏହାର ଗୋଟିଏ କାରଣ ହୋଇପାରେ, ଏକମାତ୍ର କାରଣ ନୁହେଁ । ତେଣୁ ଜଳବାୟୁ ପରିବର୍ତ୍ତନ ପାଇଁ ଭାରତ ଯେଉଁଭଳି ଭାବେ ପ୍ରତିବଦ୍ଧତା ପ୍ରକଟ କରିଛି, ସ୍ଥାନୀୟ ଅବା ଆଞ୍ଚଳିକ ଭାବେ ନୁହେଁ ସାରା ଦେଶରେ ବାୟୁ ପ୍ରଦୂଷଣକୁ ରୋକିବା ନିମନ୍ତେ ଅନୁରୂପ ପଦକ୍ଷେପ ଯୁଦ୍ଧକାଳୀନ ଭିତ୍ତିରେ ଗ୍ରହଣ କରାଯିବାର ଆବଶ୍ୟକତା ସଭିଏଁ ଉପଲବ୍ଧି କରନ୍ତି । ତେଣୁ ଏ ଦିଗରେ ନ୍ୟାୟପାଳିକାର ରାୟକୁ ଅପେକ୍ଷା ନକରି କେନ୍ଦ୍ର ଓ ରାଜ୍ୟ ସରକାରମାନେ ସକାରାତ୍ମକ ଭାବେ ନିଜଆଡୁ ବିହିତ ପଦକ୍ଷେପ ଗ୍ରହଣ କରିବା ବିଧେୟ । ସେହିଭଳି ଜନସାଧାରଣ ମଧ ନିଜ କାର୍ଯ୍ୟପନ୍ଥାକୁ ଅନୁରୂପ ଭାବେ ଶୃଙ୍ଖଳିତ କରିବା ଦିଗରେ ଚିନ୍ତା କରିବା ଉଚିତ । ଏଥିରେ ସମସ୍ତଙ୍କର ମଙ୍ଗଳ । ଅନ୍ୟଥା ଏହାର ପ୍ରଭାବ ଦେଶବାସୀଙ୍କୁ ସାମଗ୍ରିକ ଭାବେ ଭୋଗ କରିବାକୁ ପଡ଼ିବ । ତେଣୁ ଦୋଷାରୋପ କିମ୍ବା କାଳକ୍ଷେପଣ ନୀତି ପରିସ୍ଥିତିକୁ ଅଣଲେଉଟା ଅବସ୍ଥାକୁ ନେଇଯିବା ଅସମ୍ଭବ ନୁହେଁ । ଭାରତ ଭଳି ଏକ ଜନଗହଳ ରାଷ୍ଟ୍ର ପାଇଁ ବେଳହୁଁ ସାବଧାନ ହେବା ହିଁ ବିଜ୍ଞତାର ଲକ୍ଷଣ । ଏହା କେବଳ ବର୍ତ୍ତମାନ ପିଢ଼ିକୁ ନୁହେଁ, ଭବିଷ୍ୟତ ପିଢ଼ିକୁ ମଧ ସୁରକ୍ଷିତ ରଖିପାରିବ । ଏହା ସରକାର ଓ ଜନସାଧାରଣଙ୍କ ପାଇଁ ଏକ ଚେତାବନୀ ବୋଲି ଗ୍ରହଣ କରି ସଚେତନ ହେବା ବିଧେୟ ।

# ଗୁରୁ ନାନକ ଦେବ ଓ ମୋଗଲ ଶାସନ କାଳ



ଡ. ସମନ୍ୱୟ ନନ୍ଦ

ଏବେ କିଛି ଦିନ ତଳେ କଂଗ୍ରେସ ନେତା ମଣିଶଙ୍କର ଆୟାର ମୋଗଲ ମାନେ ଅତ୍ୟନ୍ତ ମହାନ ଥିବା କଥା କହିଥିଲେ । ସେ କହିଥିଲେ ଯେ ମୋଗଲ ମାନେ କେବେ ହେଲେ ହିନ୍ଦୁ ମାନଙ୍କ ପ୍ରତି ଅତ୍ୟାଚାର କରି ନାହାନ୍ତି । କିଛି ଲୋକ ମୋଗଲ ମାନଙ୍କୁ ଭୁଲ ଚିତ୍ରିତ କରିବାକୁ ଚେଷ୍ଟା କରୁଛନ୍ତି । ଆଉ ଜଣେ ଫିଲ୍ମ ନିର୍ଦ୍ଦେଶକ ମଧ କିଛି ଦିନ ତଳେ କହିଥିଲେ ଯେ ମୋଗଲ ମାନେ ହେଉଛନ୍ତି ଭାରତର ରାଷ୍ଟ୍ର ନିର୍ମାତା । ଏହି ବିଦେଶୀ ଆକ୍ରମଣକାରୀ ମୋଗଲ ମାନେ ଭାରତୀୟ ମାନଙ୍କ ସହ କୌଣସି ପ୍ରକାର ଖରାପ ବ୍ୟବହାର କରି ନ ଥିଲେ । ଭାରତ ସ୍ୱାଧୀନ ହେବା ପର ଠାରୁ ପିଲା ମାନଙ୍କୁ ଯେଉଁ ଇତିହାସ ପଢା ଯାଉଛି ସେଥିରେ ମଧ ଏହି ସମାନ ପ୍ରକାର ଭାଷା ପ୍ରୟୋଗ କରାଯାଇ ମୋଗଲ ମାନଙ୍କୁ ମହାନ ବୋଲି ଦର୍ଶାଯାଇଛି । ଏ ସବୁ ସତ୍ତ୍ୱେ ଆମେ ଯେତେବେଳେ କାଶୀ, ମଥୁରା, ଅଯୋଧ୍ୟା ପରି ଶହ ଶହ ପବିତ୍ର ସ୍ଥାନ ଗୁଡିକୁ ଦେଖୁ ସେତେବେଳେ ମୋଗଲ ମାନଙ୍କର ବର୍ବରତାକୁ ଅନୁଭବ କରି ପାରୁ ।

ଆଜି ହେଉଛି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା । ଆଜିର ଦିନରେ ଭାରତର ଦଶ ଗୁରୁ ପରମ୍ପରାର ପ୍ରଥମ ଗୁରୁ ତଥା ଶିଖ ପନ୍ଥର ସଂସ୍ଥାପକ ଗୁରୁ ନାନକ ଦେବଙ୍କ ଜନ୍ମ ଜନ୍ମ ହୋଇଥିଲା । ସେ ଓ ବାବର ହେଉଛନ୍ତି ସମ ସାମୟିକ । ତାଙ୍କର ବାଣୀରେ ମୋଗଲ ମାନଙ୍କର ଭାରତୀୟ ମାନଙ୍କ ସହ କିପରି ବ୍ୟବହାର ଥିଲା ତାହାର ଉଲ୍ଲେଖ ରହିଛି । ଯଦି ଆମେ ଗୁରୁ ନାନକ ଦେବଙ୍କୁ ପଢିବା ଓ ଜାଣିବା ତେବେ ମଣିଶଙ୍କର ଆୟାର ଓ ଅନ୍ୟ ବାମପନ୍ଥୀ ଐତିହାସିକ ମାନଙ୍କ ମୋଗଲ ମାନେ ମହାନ ଥିଲେ ନା ଭାରତୀୟ ମାନଙ୍କ ପାଇଁ ବର୍ବର ଥିଲେ ତାହା ସ୍ପଷ୍ଟ ହୋଇ ପାରିବ ।



ଭାରତୀୟ ମାନଙ୍କର ସ୍ଥିତି ସେତେବେଳେ କିପରି ଥିଲା ତାହାର ଏକ ଚିତ୍ର ତାଙ୍କ ବାଣୀରୁ ମିଳେ । ଗୁରୁ ନାନକ ଦେବ ଲେଖିଛନ୍ତି - ଆଦି ପୁରଖୁ କଉ ଅଲହୁ କହୀଏ ସେଖାଁ ବାରୀ ---- ଚାରେ କୁଂଟ ସଲାମୁ କରହିଗେଁ ଧରି ଧରି ସିଫାନି ତୁମହାରୀ ॥ ( ବସନ୍ତ, ଅଷ୍ଟପଦୀ, ମହଲା-୧)

ଗୁରୁ ନାନକ ଦେବ କହନ୍ତି ଯେ ବିଦେଶୀ ଶାସକଙ୍କ କାରଣରୁ ଭାରତୀୟ ମାନଙ୍କର ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇ ଯାଇଛି । ଅର୍ଥାତ ଏବେ ତ ଆରବ ଶେଖ ମାନଙ୍କର ହିଁ ପ୍ରଭାବ ରହିଛି । ଇସଲାମୀ ଶାସକ ମାନଙ୍କର ଭୟରୁ ଅନାଦି ପୁରୁଷ ପରମାତ୍ମାଙ୍କୁ ମଧ ଆଲ୍ଲାହ ନାମରେ ହିଁ କହିବାକୁ ପଡୁଛି । ଶାସନ ଏପରି ବ୍ୟବସ୍ଥା ତିଆରି କରି ରଖିଛି ଯେ ମନ୍ଦିର ଓ ଦେବତା ମାନଙ୍କ ଉପରେ ଟ୍ୟାକ୍ସ ଦେବାକୁ ପଡୁଛି । ଭାରତୀୟ ମାନଙ୍କୁ ତାଙ୍କର ପୂଜା ପଦ୍ଧତିର ଇସଲାମୀକରଣ କରିବାକୁ ପଡୁଛି । ପୂଜାର ପାତ୍ର, ଈଶ୍ୱରଙ୍କ ନାମ ସ୍ମରଣ, ତାଙ୍କର ପୂଜା ଓ ପୂଜା ସ୍ଥାନ ସମସ୍ତଙ୍କୁ ଇସଲାମୀ ରୂପ ରଙ୍ଗ ଦେବାକୁ ପଡୁଛି । ଚାରି ଆଡେ କେବଳ ଆଜାନର ଶବ୍ଦ ଶୁଣା ଯାଉଛି । ପରିସ୍ଥିତି ଏପରି ହୋଇ ସାରିଛି ଯେ ବନବାରୀ ଅର୍ଥାତ କୃଷ୍ଣଙ୍କୁ ମଧ ନୀଳ ବସ୍ତ୍ରଧାରୀ କହିବାକୁ ପଡୁଛି । ତାଙ୍କୁ ନୀଳ ବସ୍ତ୍ରରେ ରଖିବାକୁ ପଡୁଛି । କେବଳ ଏଇଥି ପାଇଁ ଯେ ବିଦେଶୀ ଶାସକ ପ୍ରସନ୍ନ ରହୁ । ଘରେ ଘରେ ମିଆଁ – ମିଆଁ ଶବ୍ଦ ଗାୟନ କରା ଯାଉଛି । ଲୋକମାନଙ୍କର ଭାଷା ବଦଳି ଯାଇଛି । ଅର୍ଥାତ ବିଦେଶୀ ଶାସକ ମାନଙ୍କୁ ଖୁସି କରିବା ପାଇଁ ନିଜ ଭାଷା ଛାଡି ବିଦେଶୀ ଶାସକଙ୍କ ଭାଷା କହିବାକୁ ପଡୁଛି । ହେ ଈଶ୍ୱର, ତୁମେ ତ ସର୍ବ ଶକ୍ତିମାନ । ଯଦି ତୁମେ ଭାରତୀୟ ମାନଙ୍କୁ ଏହି ଦିନ ଦେଖାଇବା ପାଇଁ ଚାହୁଁଛ, ତେବେ ଆମେ କଣ କରି ପାରିବା । ସବୁ ଆଡେ ସଲାମ- ସଲାମ ହେଉଛି । ସମସ୍ତ ଲୋକ ମାନେ ମୋଗଲ ମାନଙ୍କର ପ୍ରଶଂସାରେ ଲାଗିଛନ୍ତି ।

ଗୁରୁ ନାନକ ଦେବ ଯେଉଁ ସମୟରେ ଜନ୍ମ ଗ୍ରହଣ କରିଥିଲେ ସେହି ସମୟରେ ଭାରତର ଲୋକ ମାନଙ୍କୁ ଏକ ଏପରି ନେତୃତ୍ୱର ଆବଶ୍ୟକତା ଥିଲା ଯାହାଙ୍କର ଆଚରଣରେ ସାଧାରଣ ଲୋକଙ୍କ ମନରେ ବିଶ୍ୱାସ ତିଆରି ହୋଇ ପାରିବ । ସମାଜରେ ବ୍ୟାପ୍ତ ନିରାଶାର ବାତାବରଣକୁ ଦୂର କରି ପାରିବ । ଗୁରୁ ନାନକ ନିଜେ ସେତେବେଳେ ସମ୍ପୂର୍ଣ୍ଣ ଦେଶରେ ଯାତ୍ରା କରି ଲୋକ ମାନଙ୍କ ମଧରେ ନିରାଶାର ବାତାବରଣକୁ ଶେଷ କରିଥିଲେ ଓ ସାଧାରଣ ଲୋକଙ୍କ ମଧରେ ବିଶ୍ୱାସ ତିଆରି କରିଥିଲେ ।

ସମ୍ପୂର୍ଣ୍ଣ ଏସିଆର ବହୁତ ବଡ ଭାଗକୁ ଜମ୍ବୁ ଦ୍ୱୀପ କୁହା ଯାଇଥାଏ । ଗୁରୁ ନାନକ ଦେବ ଜମ୍ବୁ ଦ୍ୱୀପର ଏପରି କୌଣସି ସ୍ଥାନ ନ ଥିଲା ଯାହାକୁ ପାଦରେ ଚାଲି ଚାଲି ଯାତ୍ରା କରି ନ ଥିଲେ । ପଂଜାବର ଇତିହାସରେ ଏହି ଯାତ୍ରା ଗୁଡିକୁ 'ଉଦାସିୟାଁ' ବୋଲି କୁହାଯାଇଥାଏ । ଗୁରୁବାଣୀର ପ୍ରସିଦ୍ଧ ବିଦ୍ୱାନ ମନମୋହନ ସହଗଲ ଏହି ଯାତ୍ରାକୁ ଲୋକ ଚେତନା ଯାତ୍ରା ବୋଲି କୁହନ୍ତି । ନିଜର ୭୦ବର୍ଷର ଜୀବନକାଳରେ ଗୁରୁ ନାନକ ୨୫ ବର୍ଷ ଧରି ଦୀର୍ଘ ଯାତ୍ରା ମାନ କରିଥିଲେ । ଏହି ଯାତ୍ରାରେ ମରଦାନା ଓ ବାଲା ତାଙ୍କର ସ୍ଥାୟୀ ସାଥୀଥିଲେ । ଗୁରୁଜୀ ଏହି ଯାତ୍ରା ଅଥବା ଉଦାସିୟାଁ ଜରିଆରେ ବିଦେଶୀ ଶାସକଙ୍କ ଅତ୍ୟାଚାର କାରଣରୁ ଦେଶରେ ବ୍ୟାପ୍ତ ନିରାଶାର ବାତାବରଣକୁ ଦୂର କରିଥିଲେ । ଏହି ଯାତ୍ରା ଜରିଆରେ ସେ ଭାରତର ଜନ - ଜନ ସହ ସେ କଥାବାର୍ତ୍ତା କରୁଥିଲେ । ନିଜର ବାଣୀ ଓ କାବ୍ୟ ରଚନା ଦ୍ୱାରା ଲୋକଙ୍କ ମନରେ ଥିବା ଅନ୍ଧକାରକୁ ସମାପ୍ତ କରୁଥିଲେ । ତାଙ୍କ ଭିତରେ ଥିବା ଅବସାଦକୁ ହରଣ କରୁଥିଲେ । ଗୁରୁ ନାନକ ଦେବଜୀଙ୍କ ଏହି ଯାତ୍ରା କେବଳ ଯାତ୍ରା ନ ଥିଲା ବରଂ ଭାରତର ପୁନର୍ଜାଗରଣର ପ୍ରୟାସ ଥିଲା ।

ଗୁରୁ ନାନକ ଦେବ ଭାରତର ପ୍ରତ୍ୟେକ ରାଜ୍ୟକୁ ଯାତ୍ରା କରିଥିଲେ । ସେ ପାଦରେ ଚାଲି ଚାଲି ସୁଦୂର କାମାକ୍ଷା, ଅରୁଣାଚଳ ପ୍ରଦେଶ, ଓଡିଶାର ପୁରୀ, ତାମିଲନାଡୁର ରାମେଶ୍ୱରମ, କାଶୀ, ଗୟା, ପ୍ରୟାଗ, ଅଯୋଧ୍ୟା, ପଶ୍ଚିମତୋର ଭାରତର ବଲୁଚିସ୍ତାନ, ସିନ୍ଧ, ଖୈବର ପଖତୁନଖବା ଠାରୁ ଆରମ୍ଭ କରି ଆଫଗାନିସ୍ତାନ ସାଉଦୀ ଆରବ, ତିବତ, ଚୀନ, ତୁର୍କୀସ୍ଥାନ, ବଦ୍ରୀନାଥ, କୈଳାସ ମାନସରୋବର ଆଦି ଯାତ୍ରା କରିଥିଲେ ।

ସେତେବେଳେ ବିଦେଶୀ ଶାସକ ମାନଙ୍କ ଛତ୍ର ଛାୟାରେ ଥିବା ସୈୟଦ ମୁଲ୍ଲା- ମୌଲବୀ, ସୁଫି ମାନେ ଭାରତର ସାଧାରଣ ଲୋକ ମାନଙ୍କୁ ଆତଙ୍କିତ କରି ରଖିଥିଲେ । ଏହି ଯାତ୍ରା ମଧରେ ଗୁରୁ ନାନକ ଦେବ ଲୋକ ମାନଙ୍କ ମନରେ ଏହି ସୈୟଦ ମୁଲ୍ଲା- ମୌଲବୀ, ସୁଫି ମାନଙ୍କର ଆତଙ୍କକୁ ସମାପ୍ତ କରି ଲୋକ ମାନଙ୍କ ମଧରେ ଆଶାର ସଂଚାର କରାଇଥିଲେ ।

ଷଷ୍ଠ ଶତାବ୍ଦୀରେ ଇସଲାମର ଜନ୍ମ ହୋଇଥିଲା ଓ ଅଷ୍ଟମ ଶତାବ୍ଦୀର ଆରମ୍ଭରୁହିଁ ଆରବର ଲୋକ ମାନେ ହାତରେ ଖଣ୍ଡାଧରି ଭାରତ ପହଂଚି ଯାଇଥିଲେ । ନାନକ ଦେବଜୀଙ୍କ ଜନ୍ମ ସମୟରେ ଇସଲାମକୁ ଭାରତରେ ଆସିବାର ୭ ଶହ ବର୍ଷ ହୋଇ ଯାଇଥିଲା । ଭାରତରେ ବିଶେଷଭାବେ ପଶ୍ଚିମୋତର ଭାରତର ଅଧିକାଂଶ ଭାରତୀୟ ମତାନ୍ତରିତ ହୋଇ ଶାସକ ମାନଙ୍କ ରିଲିଜିୟନକୁ ଗ୍ରହଣ କରି ସାରିଥିଲେ । ବିଦେଶୀ ମୁସଲମାନ ଓ ମୁଲ୍ଲା ମୌଲବୀ ମାନେ ଭାରତୀୟ ମାନଙ୍କୁ ଭୟଭୀତ କରୁଥିଲେ । ତେଣୁ ଗୁରୁ ନାନକ ଦେବ ଇସଲାମ ଯାହା ଭାରତୀୟ ମାନଙ୍କୁ ଭୟଭୀତ କରାଉଥିଲା ତାର ଉଦଗମ ସ୍ଥାନକୁ ଯାଇ ତାକୁ ଦେଖିବା ଓ ବୁଝିବାକୁ ଚାହୁଁଥିଲେ । ତେଣୁ ସେ ମକ୍କାରେ ପହଂଚିଥିଲେ । ସେ ଅତ୍ୟନ୍ତ କ୍ଳାନ୍ତ ଅବସ୍ଥାରେ ଶୋଇଥିବା ବେଳେ ଜଣେ ମୌଲବୀ ଆସି ଦେଖିଲା ଯେ ଜଣେ ଭାରତୀୟ ସାଧୁ ତାର ଗୋଡକୁ ମକ୍କା ଆଡକୁ ରଖି ଶୋଇଛି । ଜଣେ କାଫିର ମକ୍କା କାବା ଆଡକୁ ଗୋଡ ରଖିଥିବାରୁ ସେ କ୍ରୋଧିତ ହୋଇ କହିଲା ଯେ ସେପଟେ ଖୁଦା ରହେ । ଥକି ଯାଇଥିବା ନାନକ ତାଙ୍କୁ କହିଲେ ତୁମେ ଗୋଡକୁ ସେହି ଆଡେ ରଖି ଦିଅ ଯେଉଁ ପଟେ ଖୁଦା ନାହିଁ । ମୌଲବୀ ଜଣଙ୍କ ନାନକଦେବଙ୍କର ଗୋଡକୁ ଉଠାଇ ଯେଉଁ ଆଡେ ରଖିଲା ତାକୁ ସେହିପଟେ ମକ୍କା ଦେଖା ଗଲା । ସେ ବ୍ୟତିବ୍ୟସ୍ତ ହୋଇ ପଡିଲା ।

ଯେଉଁ ଠାରୁ ଇସଲାମ ଆରମ୍ଭ ହୋଇଥିଲା ସେହି ଆରବକୁ ଯାଇ ଗୁରୁ ନାନକ ଦେବ ସେଠାକାର ମୌଲବୀ ମାନଙ୍କୁ ଈଶ୍ୱର ବା ଖୁଦାର ଅବଧାରଣା ବୁଝାଇଥିଲେ । ଏହା ସବୁଠାରୁ ବଡ ଆଶ୍ଚର୍ଯ୍ୟ ଥିଲା । ଯେଉଁ ଇସଲାମ ଅଧାରୁ ଅଧିକ ବିଶ୍ୱକୁ ଅସ୍ତବ୍ୟସ୍ତ କରି ରଖି ଦେଇଥିଲା, ଭାରତରେଆସି ମଧ ମତାନ୍ତରଣ କରିଥିଲା, ସେହି ଇସଲାମର ଜନ୍ମ ଭୂମିରେ ଗୁରୁ ନାନକ ଦେବ ମୌଲବୀ ମାନଙ୍କୁ ପ୍ରଶ୍ନ କରୁଥିଲେ । ମୌଲବୀ ଗୁରୁ ନାନକ ଦେବଙ୍କ ସାମନାରେ ମୌଲବୀ ମାନେ ନିରୁତ୍ତର ହୋଇ ଯାଇଥିଲେ ।

ଗୁରୁ ନାନକ ଦେବଜୀ ତାଙ୍କର ଜୀବନ କାଳରେ ସମାଜରେ କୁରୀତି, କୁସଂସ୍କାର ସହ ଲଢିବା ସହ ଭାରତୀୟ ମାନଙ୍କ ମନରେ ବିଶ୍ୱାସ ଉତ୍ପନ୍ନ କରାଇଥିଲେ । ତାଙ୍କ ଦ୍ୱାରା ଆରମ୍ଭ କରା ଯାଇଥିବା ଦଶ ଗୁରୁ ପରମ୍ପରା ମଧକାଳୀନ ଭାରତରେ ବିଦେଶୀ ଆକ୍ରମଣ ଠାରୁ ଆରମ୍ଭ କରି ମତାନ୍ତରଣ ରୋକିବା ଓ ଭାରତୀୟ ମାନଙ୍କ ମନରେ ସାହସ ଉତ୍ପନ୍ନ କରିବାର କାମ କରିଥିଲା । ମଧ ଏସିଆର ବିଦେଶୀ ଆକ୍ରମଣ କାରଣରୁ ପଶ୍ଚିମୋତର ଭାରତ ଯେପରି ସିନ୍ଧ, ବଲୁଚିସ୍ତାନ, ଖୈବର ପଖତୁନଖବା ଓ ଅଧା ପଂଜାବ ମୁସଲମାନ ହୋଇ ସାରିଛି । ତେଣୁ ଗବେଷକ ମାନଙ୍କର କହିବା କଥା ଯେ ଯଦି ଦଶ ଗୁରୁ ପରମ୍ପରା ନ ଥାନ୍ତା ତେବେ ସମ୍ପୂର୍ଣ୍ଣ ଉତର ଭାରତ ଇସଲାମରେ ମତାନ୍ତରିତ ହୋଇ ଯାଇଥାନ୍ତା ।

# ସାହିତ୍ୟିକ ଏବଂ ସାହିତ୍ୟକୁ ଭଲ ପାଉଥିବା ଆପଣମାନେ



ସୁବ୍ରତ କର

ଏବେକାର ଯୁଗରେ ସାହିତ୍ୟ ଜଗତକୁ ବଢ଼ାଇବାର ଦାୟିତ୍ୱ ସାହିତ୍ୟିକ ଏବଂ ସାହିତ୍ୟକୁ ଭଲ ପାଉଥିବା ଆପଣମାନଙ୍କ ଉପରେ । ପିଲା ଜନ୍ମ ହେବା ପାଖରୁ ମୋବାଇଲକୁ ଖେଳନା ହିସାବରେ ବ୍ୟବହାର କଲା ଏବଂ ଟିକିଏ ବଡ଼ ହେଲେ ଇଣ୍ଟରନେଟ, କମ୍ପ୍ୟୁଟର, ଲ୍ୟାପଟପ ଇତ୍ୟାଦି ସହିତ ପରିଚିତ ହେଲା । ଭଲ ପାଇଲା ନୂଆ ନୂଆ ଦିଗ ଆବିଷ୍କାର କରିଲା । କିନ୍ତୁ କିଛି ବର୍ଷ ପୂର୍ବେ ପିଲା ଜନ୍ମ ପାଖରୁ ବଡ଼ ଭାଇ ବା ଭଉଣୀର ପେନସିଲ, କଲମ, ରବର, କାଗଜ ସହିତ ଖେଳୁଥିଲା ଏବଂ ପରେ ପରେ ତା'ରି ମାଧ୍ୟମରେ ବଡ଼ ହେଉଥିଲା । ନିଶ୍ଚିତ ଭାବରେ ବହି ପଢ଼ିବାର ନିଶା କମିଯାଇଛି ଏବଂ ସଂଖ୍ୟା ମଧ । ତଥାପି ସାହିତ୍ୟ ବଞ୍ଚିଛି ଏବଂ ଲଢ଼େଇ କରି ବଞ୍ଚିବ ମଧ । ଦାୟିତ୍ୱ ରହିବ ଲେଖକ ଏବଂ ପାଠକ ପାଠିକାମାନଙ୍କ ଉପରେ । ମୋର ମନେ ଅଛି ୪୦ରୁ ୫୦ବର୍ଷ ପୂର୍ବେ ସାହିତ୍ୟକୁ ଭଲ ପାଉଥିବା ଲୋକେ ପୂଜା ସଂଖ୍ୟାକୁ ଅନେଇ ବସୁଥିଲେ, କେଉଁ ଲେଖାରେ ନୂଆ ବହି ବାହାରିଲା ମାନେ ବହି ବଜାରକୁ ବାହାରିଲା ପୂର୍ବରୁ ବହି ଶେଷ ଏବଂ ଲେଖକଙ୍କୁ ବା ପବ୍ଲିସରଙ୍କୁ ଦ୍ୱିତୀୟ ଏଡିସନ୍ ପାଇଁ ପ୍ରସ୍ତୁତ ହେବାକୁ ପଡୁଥିଲେ । ବହୁ ଲେଖକ, ଲେଖିକା ବହି ମାଧ୍ୟମରେ ତାଙ୍କର ସଂସାର ଚଳାଉଥିଲେ । ସେ ଯୁଗ କିନ୍ତୁ ଏବେଆଉ ନାହିଁ । କୌଣସି ଲେଖକ, ଲେଖିକାର ବହି ବାହାରିବା ଉପରେ ଏବଂ ସଂସାର ଚାଲିବା ଉପରେ ସମ୍ପର୍କ ନାହିଁ କହିଲେ ଚଳେ । ଏହି ପରିସ୍ଥିତି ଦାୟୀ କିଏ ? ମୋ ମତରେ ଟଙ୍କାର ଏପଟ ସେପଟ ମାନେ ସାହିତ୍ୟିକ ଏବଂ ପାଠକ, ପାଠିକା ମଧ୍ୟରେ ସମ୍ପର୍କ ଅତି ନିବିଡ଼ ହେବା ଦରକାର । ଏବେ କିନ୍ତୁ ଲେଖକ ଲେଖିକାଙ୍କର ଅଭାବ ନାହିଁ ବା ବହି ବାହାରିବାରେ ମଧ କିଛି କମତି ନାହିଁ । କିନ୍ତୁ ପାଠକ ପାଠିକାଙ୍କ ସଂଖ୍ୟା ବଢୁ ନାହିଁ କାହିଁକି ? ସାହିତ୍ୟକୁ ଭଲ ପାଉଥିବା ଲୋକଙ୍କୁ ଟାଣି ପାରୁ ନାହିଁ କାହିଁକି । କେଉଁ ଯାଗାରେ କମତି ରହୁଛି ଏବଂ ପାଠକ ପାଠିକାମାନଙ୍କ ମନକୁ ଛୁଇଁବା ପରି ଲେଖାଟିଏ ହେଉ ବା ବହିଟିଏ ହେଲେ ନିଶ୍ଚିତ ସାହିତ୍ୟ ଜଗତ ତା'ର ସ୍ଥିରତା ବଜାଇ ରଖି ଆଗକୁ ବଢ଼ି ପାରିବ । ଗୋଡ଼ାଏ ଛାପିଦେଲେ ହେବ ନାହିଁ ସେ ଲେଖା ବା ବହିଟି ଗୁଣାତ୍ମକ ହେବା ଦରକାର ଏବଂ ପାଠକ ପାଠିକାଙ୍କୁ ଆକୃଷ୍ଟ କରିବାର କ୍ଷମତା ରହିବା ଦରକାର । ସମସ୍ତେ ମନୋଜ ଦାସ, ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ ବା ରମାକାନ୍ତ ରଥ ନୁହଁନ୍ତି ବା ସେମାନଙ୍କର ସମକକ୍ଷ ହେବା ମଧ ସମ୍ଭବ ନୁହଁ । ଖବରକାଗଜରେ ବହିଟିଏ ଉନ୍ମୋଚନ ହେବା ମଧ ସମ୍ଭବ ନୁହଁ ବଡ଼ ହେଉଛି ବହିର ଲୋକଙ୍କ ପାଖରେ ଚାହିଦା କେତେ ? ପଢ଼ିଲା ପରେ ଲେଖକ, ଲେଖିକାଙ୍କ ପାଖକୁ କଣ ସବୁ ପାଠକ, ପାଠିକାଙ୍କ ମନ୍ତବ୍ୟ ଆସୁଛି । ଏହାହିଁ ଉପରେ ନିର୍ଭର କରେ ସେହି ଲେଖକଙ୍କ ଆଗକୁ ଯିବ ବା ମନଭାଙ୍ଗି ଯିବ । ଲେଖକ ଲେଖିକାଙ୍କୁ ସିଂହାସନରେ ବସାନ୍ତି ବା ସାଧାରଣ ଜନତାଙ୍କ ପାଖରେ ପରିଚୟ କରାଇଥାଆନ୍ତି ଯେଉଁମାନେ ସାହିତ୍ୟକୁ ଭଲ ପାଆନ୍ତି ଏବଂ ସେହିମାନେ ସାହିତ୍ୟ ଜଗତକୁ ବଞ୍ଚାଇ ରଖି ପାରିବେ ।






## କାର୍ତ୍ତିକ ପୂର୍ଣ୍ଣିମା
### ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ଆସିଲାଣି ଆସିଲାଣି କାର୍ତ୍ତିକ ପୂର୍ଣ୍ଣିମା
ରଙ୍ଗୀନ କାଗଜ ଠୁଳ କରିଅଛି କୁନା।

କାଗଜରେ କରି ଡଙ୍ଗା ଭସାଇବ ପୁଣି
ଜେଜି ମାଆଠୁ ଶୁଣିବ ସାଧବ କାହାଣୀ।

କଦଳୀ ବହୁଙ୍ଗା କିଛି କାଟିଛି ଜତନେ
ଖଡିକା କାଠି ଓ ଫୁଲ ରଖିଛି ଗୋପନେ।

ସଳିତାର କାଠିଦୀପ ରଖିଛି ସଜାଡି
ଚିଡିଚିଡି ବାଣ ସାଥେ ଛୋଟ ଫୁଲଝରି।

ସରାଗାତରୁ କାଢ଼ିଛି ଖୁଚୁରା ପଇସା
ପଞ୍ଚଶସ୍ୟ କିଛି ମୁଠା ପକାଇ ସହସା।

ଆ-କା-ମା ବୋଇ ପାନ ଗୁଆ ଥୋଇ
ଡଙ୍ଗାକୁ ଜତନେ ପାଣିରେ
ଦେବ ସେ ଭସାଇ।

ସଂକଳ୍ପ କରିବ ବେପାର
କରି ସେ ଫେରିବ
ଦେଶ ଗୁଣ ଗୌରବ ବିଦେଶେ
ବଖାଣିବ।

ଧନ ଦଉଲତ ଧରି ଆସିବ ଦେଶକୁ
ସମୃଦ୍ଧ କରିବ ପୁଣି ଏ ମାଟି ମାଆକୁ।

ଜନମ ମାଟିର ସେବା ତା ପରମ ଧର୍ମ
ବିଦେଶରେ ରହି ସଦା କରିବନି କର୍ମ।

ଯାଉଥିବ ଆସୁଥିବ ବାଣିଜ ବେପାରେ
ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ବୋଇତରେ ।

+ ଶିକ୍ଷୟିତ୍ରୀ
ଜୟପୁର , କୋରାପୁଟ
(ମୋ) ୮୨୪୯୪୫୦୦୫୦

## କାର୍ତ୍ତିକ ମହତ୍ତ୍ୱ
### ଝରଣା ବାରିକ



କାର୍ତ୍ତିକ ସରିଲା ପଞ୍ଚୁକ ଆସିଲା
ଆଲୋ ମକର ଯିବା,
ଚଉରା ମୂଳରେ ରଙ୍ଗ ମୁରୁଜ ରେ
ଝୋଟି ଚିତା ଆଙ୍କି ଦେବା।

ମାସକ ଜାକର ପୂଣ୍ୟ ଫଳ ପରା
ମିଳିବ ପଞ୍ଚୁକ କଲେ,
ପଣସ ପତରେ ଅରୁଆ ଚାଉଳ
କଞ୍ଚା କ୍ଷୀର ଭୋଗ ଦେଲେ।

ଚତୁର୍ଥ ଦିନରେ ବଡ଼ଓଷା ପଡେ
ଧବଳେଶ୍ୱରଙ୍କ ଓଷା,
ପଞ୍ଚମ ଦିନରେ ପୂର୍ଣ୍ଣିମା ପଡଇ
ହୁଏ ପୁଣି ଡଙ୍ଗା ଭସା।

ରାହାସ ନାମରେ ରାଧାକୃଷ୍ଣ ମୂର୍ତ୍ତି
ପୂଜା ପାଆନ୍ତି ଏହି ଦିନେ,
ସାତ୍ତ୍ୱିକ ପ୍ରେମର ପ୍ରତୀକ ରୂପରେ
ରାଧା କୃଷ୍ଣ ନୁହେଁ ଭିନ୍ନେ।

କୃଷ୍ଣଙ୍କ ଅସୁସ୍ଥ ବେଳେ ରାଧା ରାଣୀ
ପାଦ ଧୁଆ ଜଳ ନେଇ,
କୃଷ୍ଣଙ୍କୁ ଆରୋଗ୍ୟ କରି ଦେଇଥିଲେ
ତାଙ୍କ ଦେହେ ଫିଙ୍ଗି ଦେଇ।

+ ସମଲ, ତାଳଚେର, ଅନୁଗୋଳ
(ମୋ)୯୫୫୬୮୪୬୯୩୨








## ଧର୍ମ ଅର୍ଜନ ମାସ
### ଜୟଶ୍ରୀ ପଟ୍ଟନାୟକ

ଧର୍ମ ଅର୍ଜନର ମାସଟି କାର୍ତିକ
ଶ୍ରୀହରି ପୂଜିବା ପାଇଁ
ଦେବ ଦରଶନ ହବିଷ ଭୋଜନ
ମୁକତି ଲଭିବା ପାଇଁ ।
ଶୁଦ୍ଧ ସ୍ନାହାନ ପ୍ରଭାତୁ କରିଣ
ଦେବ ଦରଶନ କରି
ଭଜନ କୀର୍ତନ ପୁରାଣ ପାଠରେ
ସମୟ କର ହେ ପାରି ।
ଆଷାଢ଼ ଶୁକ୍ଳର ଏକାଦଶୀ ଦିନ
ନାମ ତା ହରିଶୟନ
କାର୍ତିକ ଶୁକ୍ଳର ଏକାଦଶୀ ତିଥି
ନାମ ହରି ଉତ୍ ଥାପନ ।
ରାଇ ଦାମୋଦର
ବେଶେ ପୂଜା ହେଲେ
ମାସକ ଜଗତ ସାଇଁ
ବାଳଭୋଗ ଖାଇ ସଂତୁଷ୍ଟ ହୋଇଲେ
ଭକତ ମାନଙ୍କ ପାଇଁ ।
ଏକାଦଶୀ ଦିନେ ଲକ୍ଷ୍ମୀ ନାରାୟଣ
ବେଶରେ ହେବେ ସଜେଇ
ଦ୍ୱାଦଶୀରେ ବାଙ୍କଚୂଡ ତ୍ରୟୋଦଶୀ
ତ୍ରିବିକ୍ରମ ରୂପ ହୋଇ ।
ଲକ୍ଷ୍ମୀ ନାରାୟଣ ବେଶ ହେବେ ସେ
ଯେ
ଶୁକ୍ଳ ଚତୁର୍ଦ୍ଦଶୀ ଦିନେ
ପୂର୍ଣ୍ଣିମାରେ ହେବେ ରାଜରାଜେଶ୍ୱର
ପଂଚୁକର ଦରଶନେ ।
ବୋଇତ ବନ୍ଦେଇ ଦେବା ସବୁ ମିଶି
କହିଣ ଆ କା ମା ବୈ
ପୁଣ୍ୟ ଅର୍ଜନ କରିଯିବା ସବୁ
କାର୍ତିକରେ ସାଥି ହୋଇ ।

+ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪

## ଶ୍ରେଷ୍ଠ ଆଶ୍ରା
### କବିଜ୍ୟୋତି ନିରଞ୍ଜନ ପତି



ଯେତେଦୂର ଗଲେ ଯେଉଁଠି ବି ଥିଲେ
ପାଖେ ଥିଲା ପରି ଲାଗେ,
କଠୋରହେଲେବି ପାଶୋରି ଗଲେବି
ତୁମ ସ୍ନେହ ଶ୍ରଦ୍ଧା ମାଗେ ।

ଅସାର ଦୁନିଆଁ ଅଡେଇ ଦିନିଆ
ଆପଣାର ହୁଏ ପର,
ଖାଁ 'ଖାଁ' ଲାଗେ ପ୍ରତିଦାନ ମାଗେ
ନିଜେ ଗଢିଥିବା ଘର।'

ଜୀବନ ଜଞ୍ଜାଳେ ସ୍ରୋତ ପ୍ରତିକୂଳେ
ଚାଲୁଛି ଦଦରା ନାଆ,
ନାହିଁ ଥଳକୂଳ ଡାଳ ଅବା ମୂଳ
ବହେ ଅଣଚାଶ ବାଆ ।

ଏତିକି କହୁଛି ଗୁହାରି ହେଉଛି
ଯାଅ ନାହିଁ କେବେ ଭୁଲି,
ସାହା ହେଉଥାଅ ଭରସା ବି ଦିଅ
ଆପଣାର ଜନ ବୋଲି ।

+ ଗାନ୍ଧୀ ମାର୍ଗ, ଅନୁଗୋଳ
(ମୋ) ୯୯୩୮୧୩୩୫୫୯

# କାର୍ତ୍ତିକ ପୂର୍ଣ୍ଣିମାରେ ଖାରବେଳ ଜୟନ୍ତୀର ବାର୍ତ୍ତା


ଇଂ. ଭରତ ଚନ୍ଦ୍ର ଦାସ
କଳିଙ୍ଗ ବିକାଶ ପରିଷଦ
ମୋ-୯୪୩୯୭୩୩୬୫୬


ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓଡିଶାର କେବଳ ଏକ ଧାର୍ମିକ ଦିବସ ମାତ୍ର ନୁହେଁ, ବାସ୍ତବରେ ଏହା ଓଡିଶା ମହାଗୌରବ ସ୍ମୃତିର ଦିବସ । କାର୍ତ୍ତିକ ପୂର୍ଣ୍ଣିମା ମଧ ଓଡିଶାର ଆଦିନିର୍ମାତା –ମହାନ ଦିଗ୍‌ବିଜୟୀ କଳିଙ୍ଗ ସମ୍ରାଟ ଖାରବେଳଙ୍କ ଜନ୍ମ-ଜୟନ୍ତୀ ଦିବସ ଯାହାଙ୍କର ପ୍ରୋତ୍ସାହନ, ପୃଷ୍ଠପୋଷକତା ଏବଂ ନୌସେନାର ସୁରକ୍ଷାରେ ହିଁ କଳିଙ୍ଗ ବା ପ୍ରାଚୀନ ଓଡିଶାର ସାମୁଦ୍ରିକ ନୌବାଣିଜ୍ୟ ବିଶ୍ୱପ୍ରସାରୀ ହୋଇପାରିଥିଲା । ଆଜି ଆମେ ଓଡିଆମାନେ, ଧର୍ମ ହେବ ବୋଲି ଅ, କା’ ମା’ଭୈଃ ବୋଲି କହି ନଦୀ ବା ପୁଷ୍କରଣୀମାନଙ୍କରେ କ୍ଷୁଦ୍ର କ୍ଷୁଦ୍ର ପ୍ରତୀକ ବୋଇତମାନ ଭସାଉଥିବା ବେଳେ ଆମେ ଜାଣିବା ଏବଂ ଅନୁଭବ କରିବା ଉଚିତ୍ ଯେ ଓଡିଆମାନେ ବିଶ୍ୱର ଏକ ପ୍ରାଚୀନତମ ମହା ଗୌରବ ମଣ୍ଡିତ ମହାଜାତି । ଏହା ଇତିହାସର ସତ୍ୟ ଯେ- ବହୁ ପ୍ରାଚୀନ ଯୁଗରେ ମହାଭାରତ ଯୁଗ ପୂର୍ବରୁ ମଧ ଅର୍ଥାତ୍ ଇଉରୋପୀୟ କଲମ୍ବସ ବା ଭାସ୍କୋଡିଗାମା ପ୍ରଭୃତି ସାମୁଦ୍ରିକ ନାବିକମାନଙ୍କ ପ୍ରାୟ ୨୦୦୦ବର୍ଷ ପୂର୍ବରୁ, କଳିଙ୍ଗ ବା ପ୍ରାଚୀନ ଓଡିଶାର ସାଧବମାନେ ବୃହଦାକାର ବୋଇତମାନଙ୍କରେ ସମୁଦ୍ର ପଥରେ ଦୂରଦେଶମାନଙ୍କୁ ଯାତ୍ରାକରି ସେସବୁ ଦେଶମାନଙ୍କରେ ବାଣିଜ୍ୟ ବ୍ୟବସାୟ ଦ୍ୱାରା ବିଶାଳ କଳିଙ୍ଗକୁ ଧନଶାଳୀ ଏବଂ ଶକ୍ତିଶାଳୀ କରୁଥିଲେ । ସେଠାରେ ମଧ ଉପନିବେଶମାନ ସ୍ଥାପନ କରି କଳିଙ୍ଗର ତଥା ଭାରତର ସଭ୍ୟତା ଏବଂ ସଂସ୍କୃତିର ପ୍ରସାର କରିଛନ୍ତି ଏବଂ ଅନେକ ମଧ ରହିଯାଇଛନ୍ତି । ସିଂହଳ ବା ଶ୍ରୀଲଙ୍କାର ଲୋକମାନଙ୍କ ମଧରେ ଅନେକ ତ ପ୍ରାଚୀନ କଳିଙ୍ଗବାସୀଙ୍କ ବଂଶଧର ! ସିଂହଳ, ବ୍ରହ୍ମଦେଶ, ଥାଇଲ୍ୟାଣ୍ଡ, କାମ୍ବୋଡିଆ, ଚମ୍ପା (ଭିଏଟନାମ) ପୂର୍ବଭାରତୀୟ ଦ୍ୱୀପପୁଞ୍ଜ, ଚୀନ ଏବଂ ରୋମ ପ୍ରଭୃତି ବିଶ୍ୱର ଅନେକ ଦେଶମାନଙ୍କରେ କଳିଙ୍ଗର ଦରିଆପାରି ନୌବାଣିଜ୍ୟର ଐତିହାସିକ ପ୍ରମାଣମାନ ଏବେ ମଧ ଉପଲବ୍ଧ ହେଉଅଛି । କୁହାଯାଏ କଳିଙ୍ଗର ବୋଇତ ପୂର୍ବଆଫ୍ରିକାକୁ ମଧ ଯାତ୍ରା କରିଛି । ଏହା ଆମକୁ ଆଜି କାହାଣୀ ପରି ଲାଗୁଥିଲେ ମଧ ୧୫୦୦ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କଳିଙ୍ଗ ବା ପ୍ରାଚୀନ ଓଡିଶାର ଏହି ସାମୁଦ୍ରିକ ନୌବାଣିଜ୍ୟ ଥିଲା ଅବ୍ୟାହତ ! ବାସ୍ତବରେ ବିଶ୍ୱର ସମୁଦ୍ର ଥିଲା କଳିଙ୍ଗର ବିସ୍ତାର ! ଆଜି ବଙ୍ଗୋପସାଗର (Bay of Bengal) ବୋଲି କୁହାଯାଉଥିବା ସମୁଦ୍ରର ନାମ ଥିଲା –‘କଳିଙ୍ଗ ସାଗର’ ! ମାତ୍ର ୧୭୫୭ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଭାରତକୁ ବ୍ୟବସାୟ କରିବାକୁ ଆସି ସର୍ବପ୍ରଥମେ ବଙ୍ଗ ପ୍ରଦେଶକୁ ଦଖଲ କଲେ ଏବଂ କ୍ରମେ ସମଗ୍ର ଭାରତକୁ ଦଖଲକରି ଶାସନ କରିଥିଲେ । (ଯଦିଓ ୧୮୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେମାନେ ଓଡିଶା ଦଖଲ କରିପାରିନଥିଲେ) ଇଂରେଜମାନେ ହିଁ କଳିଙ୍ଗ ସାଗରକୁ ବଙ୍ଗୋପସାଗର ବୋଲି ନାମିତ କରିଛନ୍ତି । ଏହା ପରାଧୀନତାର କ୍ଷତ ! ଏଣୁ ବଙ୍ଗୋସାଗରକୁ ଏହାର ସୁପ୍ରାଚୀନ ଭାରତୀୟ ନାମ କଳିଙ୍ଗ ସାଗର ରୂପେ ଯଥାନାମିତ କରାଯିବା ଉଚିତ୍ ।

ଓଡିଆ ମହାଜାତିର ଆଦି ବାସଭୂମି - ଜନ୍ମଭୂମି ଉତ୍କଳ ଜନନୀ !!

ଏହା ‘ଆଗଙ୍ଗା ଗୋଦାବରୀ, ଆସମୁଦ୍ର ବିନ୍ଧ୍ୟ ପରିବ୍ୟାପ୍ତ’ ଅନୁପମ ପ୍ରାକୃତିକ ସମ୍ଭାର ପରିପୂର୍ଣ୍ଣ ସୁବିଶାଳ ଭୂମି ! ଅର୍ଥାତ୍ ଏହା ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ଗୋଦାବରୀ-କାବେରୀ ନଦୀ ପର୍ଯ୍ୟନ୍ତ, ପୂର୍ବରେ ପୂର୍ବ ସମୁଦ୍ର ବା ଉପରୋକ୍ତ କଳିଙ୍ଗସାଗର ଠାରୁ ପଶ୍ଚିମରେ ବିନ୍ଧ୍ୟ ପର୍ବତମାଳା ପର୍ଯ୍ୟନ୍ତ ସୁବିସ୍ତୃତ ସୁବିଶାଳ ଦେଶ ! ଏହା ହିଁ ପ୍ରାଚୀନ ଯୁଗରେ କଳିଙ୍ଗ ନାମରେ ବିଶ୍ୱପ୍ରସିଦ୍ଧ ହୋଇଅଛି ଏବଂ ପରବର୍ତ୍ତୀ ଯୁଗମାନଙ୍କରେ ଉତ୍କଳ ତଥା ଓଡିଶା ମହାରାଜ୍ୟ ନାମରେ ମହାଗୌରବ ମଣ୍ଡିତ ହୋଇଅଛି । ଏଣୁ ଭାରତର ପୁରାତନ ଶାସ୍ତ୍ର କପିଳ ସଂହିତାରେ ଘୋଷିତ ହୋଇଛି ।

ବର୍ଷାଣାଂ ଭାରତ ଶ୍ରେଷ୍ଠଃ,
ଦେଶାଣାଂ ଉତ୍କଳ ସ୍ମୃତଃ
ଉତ୍କଳସ୍ୟ ସମୋଦେଶୋ
ଦେଶୋନାସ୍ତି ମହୀତଳେ ॥

ଅର୍ଥ-ବର୍ଷ ବା ମହାଦେଶମାନଙ୍କ ମଧରେ ଭାରତ ଶ୍ରେଷ୍ଠ । ଦେଶମାନଙ୍କ ମଧରେ ଉତ୍କଳ ଶ୍ରେଷ୍ଠ ! ଉତ୍କଳ ସମଦେଶ ମହୀତଳେ ବା ସାରାଜଗତରେ ନାହିଁ !! କାରଣ ଏଠାରେ ହିଁ ବିରାଜିତ ସମସ୍ତ ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥ ! ବିଶ୍ୱର ପ୍ରାଚୀନତମ ସର୍ବବୃହତ୍ ଶାସ୍ତ୍ର-ବେଦ ସମୂହ, ଉପନିଷଦ ଏବଂ ସର୍ବଶାସ୍ତ୍ର ତଥା ସର୍ବଧର୍ମ ସାର ସ୍ୱରୂପା- ଶ୍ରୀମଦ୍ ଭଗବଦ୍ ଗୀତାରେ ପରଂବ୍ରହ୍ମ ପୁରୁଷୋତ୍ତମ ରୂପେ ଯିଏ ନିର୍ଦ୍ଦେଶିତ ଏବଂ ଯାହାଙ୍କର ଅସରନ୍ତି ଗୁଣଗାନ କରାଯାଇଛି ସେହି ମହାପ୍ରଭୁ ଶ୍ରୀଜଗନ୍ନାଥ ଯେପରି ଚିର ରହସ୍ୟମୟ ତାଙ୍କର ଦେଶ- ‘ବ୍ୟାସ ଏବଂ ବୁଦ୍ଧଙ୍କ ଦେଶ ତଥା ଖାରବେଳ ଏବଂ କପିଳଙ୍କ ଦେଶ’ କଳିଙ୍ଗ ବା ଉତ୍କଳ ବା ଓଡିଶାର ମହାଗୌରବର ଇତିହାସ ମଧ ସେହିପରି ରହସ୍ୟମୟ । ତଥାକଥିତ ବା ଆଜି ପର୍ଯ୍ୟନ୍ତ ଲିଖିତ ଇତିହାସ ଅଥବା ରାମାୟଣ, ମହାଭାରତ ଭଳି ଐତିହାସିକ ମହାକାବ୍ୟମାନଙ୍କରେ ତଥା ପୁରାଣମାନଙ୍କରେ ଏହି ମହାନ୍ ଏବଂ ପରମ ପବିତ୍ର ଭୂମିର ପ୍ରକୃତ ରହସ୍ୟ ବା ଇତିହାସ ଯଥାଯଥ ଲିଖିତ ବା ଉନ୍ମୋଚିତ ହୋଇନାହିଁ । ଏହା, ଆଜିର ଐତିହାସିକ ମାନଙ୍କୁ ଆହ୍ୱାନ କରୁଅଛି !

ତେବେ, ଏହା ଇତିହାସ ସତ୍ୟ ଯେ - ଆଗଙ୍ଗା ଗୋଦାବରୀ, ଆସମୁଦ୍ର ବିନ୍ଧ୍ୟ, ପରିବ୍ୟାପ୍ତ ସୁବିଶାଳ ଭୂମି, ବହୁହଜାର ବର୍ଷଧରି (ନିକଟ ଅତୀତରେ ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ମୃତ୍ୟୁ ପର୍ଯ୍ୟନ୍ତ) ଯାହାର ସ୍ୱତନ୍ତ୍ରତା ସାର୍ବଭୌମତ୍ୱ ଏବଂ ସ୍ୱାଧୀନତା ପ୍ରାୟ ଅବ୍ୟାହତ (ଯାହା ହିଁ ଭାରତର ଏତାଦୃଶ ଏକମାତ୍ର ଅତୁଳନୀୟ ରାଜ୍ୟ !) ହିଁ, ଓଡିଆ ମହାଜାତିର ଚିରବନ୍ଦନୀୟା ପରମପବିତ୍ର ଜନ୍ମଭୂମି –ଉତ୍କଳ ଜନନୀ ! ପୂର୍ଣ୍ଣରୂପା ଉତ୍କଳ ଜନନୀ !!

ଆଜି ନେଟ୍‌ରେ ଉପଲବ୍ଧ ପ୍ରାଚୀନ ଭାରତବର୍ଷର ମାନଚିତ୍ର ମାନଙ୍କରେ ତଥା ବିଶ୍ୱ ମାନଚିତ୍ରବିତ୍ -ଥମାସ୍ ଲୋସ୍‌ମ୍ୟାନଙ୍କ ମ୍ୟାପ ଅଫ୍ ଚେଞ୍ଜିଙ୍ଗ ଇଣ୍ଡିଆରେ ଆମେ ସୁବିଶାଳ କଳିଙ୍ଗ ବା ପ୍ରାଚୀନ ଓଡିଶାର ମାନଚିତ୍ର ସ୍ପଷ୍ଟ ଦେଖିପାରିବା । ସମ୍ରାଟ ଖାରବେଳଙ୍କ ସାମ୍ରାଜ୍ୟ ତଥା ଓଡିଶାର ୧ମ ଗଜପତି ସମ୍ରାଟ କପିଳେନ୍ଦ୍ର ଦେବଙ୍କ (ଖ୍ରୀଷ୍ଟାବ୍ଦ ୧୪୩୫-୧୪୬୮) ‘ଓଡିଆ ସାମ୍ରାଜ୍ୟ’ର ବିଶାଳତା ମଧ ବିଶ୍ୱବାସୀଙ୍କ ସମ୍ମୁଖରେ ନେଟ୍‌ରେ ଉପଲବ୍ଧ ।

ବହୁ ପ୍ରତିକୂଳ ପରିସ୍ଥିତିରେ ଏବଂ ୧୮୧୭ ମସିହାରେ ଭାରତର ପ୍ରଥମ ସଶସ୍ତ୍ର ସ୍ୱାଧୀନତା ଗଣସଂଗ୍ରାମ ‘ଓଡିଶାର ପାଇକ ସଂଗ୍ରାମ’ ସତ୍ତ୍ୱେ ମଧ ଓଡିଶାକୁ ଭୋଗିବାକୁ ହୋଇଛି ୩୮୦ ବର୍ଷର ପରାଧୀନତା ଯଦିଓ ଭାରତର ପରାଧୀନତାର କାଳ ମୋଟ ୬୯୨ ବର୍ଷ ! ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଭାରତରେ ଇଂରେଜ ଶାସନ ଯୁଗରେ ହିଁ ଆଧୁନିକ ଯୁଗର ମହାନ୍ ଯୁଗପୁରୁଷ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଏବଂ ଓଡିଶାର ସମସ୍ତ ପ୍ରାନ୍ତର ବହୁ ବରପୁତ୍ରମାନଙ୍କ ଆପ୍ରାଣ ଉଦ୍ୟମ ଏବଂ ନିରବଚ୍ଛିନ୍ନ ବୌଦ୍ଧିକ ସଂଗ୍ରାମରେ ଆମେ ଆଜିର ଓଡିଆମାନେ ମୂଳ ବିଶାଳ ଓଡିଶାର ହୃଦପିଣ୍ଡି ରୂପେ କ୍ଷୁଦ୍ର ଓଡିଶା ରାଜ୍ୟ ପ୍ରାପ୍ତ ହୋଇଥିଲେ ମଧ ମୂଳ ଓଡିଶା ରାଜ୍ୟର ବହୁ ବିଚ୍ଛିନ୍ନାଞ୍ଚଳ ପଡୋଶୀ ପଶ୍ଚିମବଙ୍ଗ, ଝାରଖଣ୍ଡ, ଛତିଶଗଡ ଏବଂ ଆନ୍ଧ୍ରପ୍ରଦେଶମାନଙ୍କରେ ରହିଯାଇଛି । ଏସବୁ ବିଚ୍ଛିନ୍ନାଞ୍ଚଳରେ ପ୍ରାୟ ୨.୫ କୋଟି ଓଡିଆ ସେମାନଙ୍କ ନ୍ୟାୟ ପୂର୍ଣ୍ଣ ସାମ୍ବିଧାନିକ ଅଧିକାରମାନଙ୍କରୁ ବଞ୍ଚିତ ! ସ୍ୱାଧୀନ ଭାରତରେ ମଧ ସେମାନଙ୍କୁ ନ୍ୟାୟ ମିଳିପାରିନାହିଁ ! ସେମାନଙ୍କ ପିଲାମାନଙ୍କପାଇଁ ମାତୃଭାଷାରେ ଶିକ୍ଷାଲାଭ ପାଇଁ ଆବଶ୍ୟକ ସଂଖ୍ୟକ ସ୍କୁଲ ନାହିଁ । ସରକାରୀ ଓଡିଆ ଶିକ୍ଷକ ନାହାନ୍ତି । ପାଠ୍ୟପୁସ୍ତକ ନାହିଁ । ଯଦିଓ ଆମ ଓଡିଶା ସରକାର ଓଡିଶାରେ ଅନ୍ୟଭାଷାଭାଷୀମାନଙ୍କ ପାଇଁ ଏହିସବୁ ବ୍ୟବସ୍ଥା କରୁଛନ୍ତି, ବିଚ୍ଛିନ୍ନାଞ୍ଚଳମାନଙ୍କରେ ଓଡିଆ ଛାତ୍ରଛାତ୍ରୀମାନଙ୍କ ପାଇଁ ଏହିପରି ବ୍ୟବସ୍ଥା କରାଯିବାକୁ ସମ୍ପୃକ୍ତ ପ୍ରାଦେଶିକ ସରକାର ଏବଂ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯିବା ଆବଶ୍ୟକ ।

ଆମେ ଆଜିର ଓଡିଆମାନେ ଜାଣିବା ଉଚିତ୍ ଯେ- ଲଢେଇ ବିନା କିଛିବି ମିଳେନା ! ନିଜର ଅସ୍ତିତ୍ୱ ମଧ ରହିପାରେ ନାହିଁ । ପିଠି ଉପରେ ପାଦରଖି ଅନ୍ୟମାନେ ଲିଯିବେ ସିନା ! ତେଣୁ ଆଜି ୭ କୋଟି ଓଡିଆ ‘ବନ୍ଦେ ଉତ୍କଳ ଜନନୀ’ ଗାନ କଲାବେଳେ ‘ଆଗଙ୍ଗା ଗୋଦାବରୀ ଆସମୁଦ୍ର ବିନ୍ଧ୍ୟ’ ପରିବ୍ୟାପ୍ତା ପୂର୍ଣ୍ଣରୂପା ଉତ୍କଳ ଜନନୀଙ୍କ ଧାନ କରନ୍ତୁ । ସର୍ବଜୟୀ ଜୟ ଜଗନ୍ନାଥ ! ଜଗ ଜଗନ୍ନାଥ !! ଧ୍ୱନି ସହିତ ଆଜିର ଓଡିଆ-ମହାଜାତି ଅଗ୍ରସର ହେଉ !!

ପ୍ରାଚୀନ ଭାରତର ଯୁଗାବତାର କଳିଙ୍ଗ ସମ୍ରାଟ ଖାରବେଳ !!

ଏକ ଶକ୍ତିଶାଳୀ ଏବଂ ସଂଗ୍ରାମୀ ମହାଜାତି ହିଁ ନିଜର ମାତୃଭୂମି, ମାତୃଭାଷା, ସଂସ୍କୃତି ଏଣୁ ସର୍ବୋପରି ନିଜର ସତ୍ୟ ଏବଂ ନ୍ୟାୟର ଧର୍ମକୁ ସୁରକ୍ଷିତ ରଖିପାରେ ତଥା ବିକାଶ ଲାଭ କରିପାରେ । ଏହାର ନେତୃତ୍ୱ ନେବାପାଇଁ ସ୍ୱୟଂ ଭଗବାନଙ୍କୁ ମଧ ଅବତାର ହେବାକୁ ପଡିଥାଏ । ଓଡିଆ ମହାଜାତିର ମହାଗୌରବର ଇତିହାସ ଏହାହିଁ ସୁଇଥାଏ । ଶ୍ରୀମଦ୍ ଭଗବଦ୍ ଗୀତାରେ ଈଶ୍ୱରଙ୍କ ପୂର୍ଣ୍ଣାବତାର-ଭଗବାନ ଶ୍ରୀକୃଷ୍ଣଙ୍କର ଘୋଷଣା-

ଯଦା ଯଦା ହି ଧର୍ମସ୍ୟ
ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍‌ଥାନମଧର୍ମସ୍ୟ
ତଦାତ୍ମାନଂ ସୃଜାମ୍ୟହମ ॥
ପରିତ୍ରାଣାୟ ସାଧୁନାଂ
ବିନାଶାୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥

(ଗୀତା, ଅଧାୟ-୪,ମନ୍ତ୍ର-୭,୮ ଅର୍ଥ ହେ ଭାରତ; (ଅର୍ଜୁନ), ଯେଉଁସବୁ ସମୟରେ ଧର୍ମର ପ୍ରଭାବ ନ୍ୟୁନ ହୋଇଯାଇ ଅଧର୍ମ ପ୍ରବଳ ହୋଇଉଠେ, ସେହିସବୁ ସମୟରେ ମୁଁ ତଦନୁଯାୟୀ ଦିବ୍ୟ ଆତ୍ମାମାନଙ୍କ ସୃଷ୍ଟିକରି ସାଧୁଜନମାନଙ୍କୁ ପରିତ୍ରାଣ କରେ ଏବଂ ଦୃଷ୍ଟମାନଙ୍କୁ ବିନାଶ କରେ । ଏହିପରି ମୁଁ ଯୁଗେ ଯୁଗେ ଅବତାର ହୋଇଥାଏ । (ଏହି ଅବତାର ଅର୍ଜୁନଙ୍କ ଭଳି ଯୋଦ୍ଧାକୁ ହିଁ ଆହ୍ୱାନ କରନ୍ତି !) ରାମାୟଣ ମହାଭାରତ ଆଦି ଐତିହାସିକ ମହାକାବ୍ୟ ବା ପୁରାଣମାନଙ୍କରେ ନୁହେଁ, ପ୍ରକୃତ ଇତିହାସରେ ଏତାଦୃଶ ଅବତାର ପୁରୁଷ ରୂପେ ଦୃଶ୍ୟ ହୁଅନ୍ତି । ଖ୍ରୀ.ପୂ ୧୦୦ସମୟରେ ଆବିର୍ଭାବ ହୋଇଥିବା ପ୍ରାଚୀନ ଭାରତର ଦିବ୍ୟଶକ୍ତି ସମ୍ପନ୍ନ, ସର୍ବଗୁଣାଳଂକୃତ, ଅପରାଜେୟ ଏବଂ ବିଶ୍ୱ ଇତିହାସର ସର୍ବଶ୍ରେଷ୍ଠ ସୁଶାସକ ନରପତି-କଳିଙ୍ଗ ସମ୍ରାଟ ମହାମେଘ ବାହନ ଐର ଖାରବେଳ ! ଗବେଷକମାନଙ୍କ ମତରେ ତାଙ୍କର ଜନ୍ମ ଦିବସ ଥିଲା ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ! ତେବେ ଭାରତର ଇତିହାସକୁ ଆମେ ତର୍ଜମା କରି କହିପାରୁ ଯେ ଅଶୋକଙ୍କ (ଖ୍ରୀପୂ ୨୭୩-୨୩୨) ପରେ ସମୁଦ୍ରଗୁପ୍ତ (ଖ୍ରୀଷ୍ଟାବ୍ଦ ୩୩୫-୩୭୫) ବା ୨ୟ ଚନ୍ଦ୍ରଗୁପ୍ତ (ବିକ୍ରମାଦିତ୍ୟ) (ଖ୍ରୀଷ୍ଟାବ୍ଦ ୩୭୫-୪୧୪) ପର୍ଯ୍ୟନ୍ତ ପ୍ରାୟ ୫୬୦ ରୁ ୬୦୦ ବର୍ଷର ‘ଏକରାଷ୍ଟ୍ରୀୟ ଶାସନ ହୀନତା’ର ଅନ୍ଧକାର ଦୂର କରି ପୂର୍ବାକାଶରେ ସୂର୍ଯ୍ୟସମ ଉଦୟ ହୋଇଛନ୍ତି- ଏକମାତ୍ର ଭୂମିପୁତ୍ର କଳିଙ୍ଗ ସୂର୍ଯ୍ୟ -ସମ୍ରାଟ ଖାରବେଳ ! (କ୍ରମଶଃ)

# କାର୍ତ୍ତିକ ପୂର୍ଣ୍ଣିମା




ଡଃ ମାଙ୍ଗଳିକା ମହାପାତ୍ର


କାର୍ତ୍ତିକ ପୂର୍ଣ୍ଣିମା ; ରାସ ପୂର୍ଣ୍ଣିମା ନାମରେ ମଧ ପରିଚିତ। ଓଡିଶାର ଆଚାର ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହିତ ଏହି ପର୍ବ ଜଡିତ। ଉତ୍କଳର ପ୍ରାଚୀନ ଇତିହାସ ଓ ଖ୍ରୀଷ୍ଟପୂର୍ବୀୟ କାଳରେ ଓଡ଼ିଶାରେ ନୌବାଣିଜ୍ୟ ଦୃଷ୍ଟିକୋଣରୁ ଏହି ପର୍ବର ବୈଶିଷ୍ଟ୍ୟ ରହିଛି। ଏହି ପର୍ବରେ ଦୁର୍ଗାଙ୍କ ଶାରଦୀୟ ବନ୍ଦନା ପରେ ଚନ୍ଦ୍ର ଏବଂ କାଳୀଙ୍କ ଆରାଧନା କରାଯାଏ।

ଓଡିଶାର ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କ ରଚିତ ମହାଭାରତର ଆଦି ପର୍ବରେ କାର୍ତ୍ତିକ ମାସର ପବିତ୍ରତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ଏହି ମାସରେ ମୃତ୍ୟୁ ବରଣ କଲେ ବୈକୁଣ୍ଠ ପ୍ରାପ୍ତି ହୁଏ। ପୁନଶ୍ଚ କାର୍ତ୍ତିକ ଏକ ଧର୍ମ ମାସ ରୂପେ ମଧ ପରିଚିତ। ଏହି ମାସରେ ଧର୍ମପ୍ରାଣ ଆବାଳ ବୃଦ୍ଧ- ବନିତା ପ୍ରତ୍ୟହ ପ୍ରାତଃ କାଳରେ ସ୍ନାନ ସମାପନ କରି ଦେବଦର୍ଶନ କରିଥାନ୍ତି। ପୂର୍ଣ୍ଣମା ପାଞ୍ଚଦିନ ଆଗରୁ ପଞ୍ଚୁକ ପାଳନ କରାଯାଏ। ଏହି ପାଞ୍ଚଦିନ ପ୍ରତ୍ୟେକ ହିନ୍ଦୁ ଆମିଷ ପରିହାର ପୂର୍ବକ ପୂଜା କରିଥାନ୍ତି। କୁହାଯାଏ ଯେ ଏହି ପାଞ୍ଚଦିନ ବଗ ମଧ ଆମିଷ ସ୍ପର୍ଶ କରେ ନାହିଁ। ଏହିଦିନ ମହିଳାମାନେ ରାଇ ଦାମୋଦର ବ୍ରତ ଉଦଯାପନ କରିଥାଆନ୍ତି। ବିଧବାମାନେ ଏହି ମାସରେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି। ଏହି ମାସରେ ତୁଳସୀ ବୃକ୍ଷକୁ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଏ।

କିମ୍ବଦନ୍ତୀ ରହିଛି ଯେ ରାକ୍ଷସ ଜଳନ୍ଧର ନିଜ ସତୀସାଧ୍ୱୀ ପତ୍ନୀ ତୁଳସୀଙ୍କ ପାତିବ୍ରତ୍ୟ ବଳରେ ବଳୀୟାନ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁ ଚେଷ୍ଟା ସତ୍ତ୍ୱେ ଜଳନ୍ଧରର କୌଣସି ଅନିଷ୍ଟ କରିପାରିନଥିଲେ ।

କାର୍ତ୍ତିକମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇ ଯାଇଥାଏ। ପ୍ରେତ ପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଓ ସେମାନଙ୍କ ଅନ୍ଧକାରଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଉଚ୍ଚ ସ୍ଥାନରେ ଏହି ପ୍ରଦୀପ ପ୍ରଜ୍ୱଳନ ବିଧି ପ୍ରଚଳିତ। ପୂର୍ଣ୍ଣିମା ଅବକାଶରେ କଦଳୀ ପଟୁଆ ନିର୍ମିତ ଡଙ୍ଗା ଭସାଇବାର ବିଧି ଅଛି। ସେଦିନ ପ୍ରତ୍ୟୁଷରୁ ଆବାଳ ବୃଦ୍ଧ ବନିତା ନଦୀ ବା ପୁଷ୍କରିଣୀରେ ବୁଡ଼ ପକାଇ କଦଳୀ ବାହୁଙ୍ଗା ବା ସୋଲ ତିଆରି ଖେଳନା ଡଙ୍ଗାରେ ଦୀପ ଜାଳି ଓ ସେଥିରେ ପାନଗୁଆ ଥୋଇ, ସେସବୁକୁ ଭସାଇ ଦିଅନ୍ତି। ଏହି ସମୟରେ ଗାନ କରାଯାଏ

‘ଆ କା ମା ବୈ ପାନ ଗୁଆ ଥୋଇ
ପାନ ଗୁଆ ତୋରମାସକ ଧରମ ମୋର’

ବିଶ୍ୱାସ ରହିଛି ଯେ ଏହିଦିନ ପ୍ରତ୍ୟୁଷରୁ ସ୍ନାନ ପୂର୍ବକ ଦେବ ଦର୍ଶନ କଲେ ସମସ୍ତ ପ୍ରକାର ପାପ ନାଶ ହୋଇଥାଏ।

ଆଷାଢ଼, କାର୍ତ୍ତିକ ମାସ ଓ ବୈଶାଖ- ଏହି ମାସ ହେଉଛି ସୂର୍ଯ୍ୟଙ୍କର ଅୟନାନ୍ତ କାଳ। ଏହି ଦିନମାନଙ୍କରେ ସୌରଦେବଙ୍କ ଉପାସନା କରାଯାଏ। ପୌରାଣିକ ଅନୁଧାନରୁ ଏହି ଚାରିମାସ ଧର୍ମ ଦୃଷ୍ଟିରୁ ଶୁଭପ୍ରଦ ଏବଂ ଦେବ ଦେବୀଙ୍କ ଉପାସନା ସକାଶେ ଅତ୍ୟନ୍ତ ଅନୁକୂଳ। ଏହି ଦିନ ଓଡିଶାର ନରନାରୀ ଜଳରେ ସ୍ୱଦେଶ ସଂସ୍କୃତିର ପ୍ରତୀକ ଉପାସନା ସାମଗ୍ରୀ ତାମ୍ବୁଳ, ଅକ୍ଷତ ଓ ତିଳ ନିକ୍ଷେପ ପୂର୍ବକ ପ୍ରତିଦାନ ସ୍ୱରୂପ ଦେବତାଙ୍କଠାରୁ ପୁଣ୍ୟ କାମନା କରିଥାଆନ୍ତି।

ଏହି ସମୟରେ ଶ୍ୟାମଦେଶ (ଥାଇଲାଣ୍ଡ)ରେ କଦଳୀ ପଟୁଆ ନିର୍ମିତ ଛୋଟ ଛୋଟ ଡଙ୍ଗା ଭସାଇବା ପରମ୍ପରା ଏବେ ମଧ ପ୍ରଚଳିତ। ଏହି ପୂର୍ଣ୍ଣିମା ପରଠୁ ପ୍ରାଚୀନ ଉତ୍କଳର ରାଜଧାନୀ କଟକ ନଗରୀ ଉପକଣ୍ଠସ୍ଥ ବାରବାଟୀ ଦୁର୍ଗ ନିକଟବର୍ତ୍ତୀ ପଡ଼ିଆରେ ପ୍ରସିଦ୍ଧ ବାଲିଯାତ୍ରା ଅନୁଷ୍ଠିତ ହୁଏ। ଏହା ଓଡିଶାର ଏକ ପ୍ରଧାନ ଉତ୍ସବ। କାର୍ତ୍ତିକ ପୂର୍ଣ୍ଣିମା ‘ ବୋଇତ ବନ୍ଦାଣ ‘ ଦିବସ ନାମରେ ଖ୍ୟାତ। ବହୁ ପୁରାତନ କାଳରୁ ଏହି ଉତ୍ସବ ପାଳିତ ହୋଇ ଆସୁଛି।

କାର୍ତ୍ତିକ ପୂର୍ଣ୍ଣିମାକୁ ତ୍ରିପୁରୀ ପୂର୍ଣ୍ଣିମା ମଧ କୁହାଯାଏ। ଏହି ଦିନ ଭଗବାନ୍ ଶିବ ତ୍ରିପୁରାସୁର ନାମକ ରାକ୍ଷସର ବିନାଶ କରିଥଲେ। ସେଥିଲାଗି ଡଙ୍ଗା ଭସାଇବା ପରେ ଶିବଙ୍କୁ ଦର୍ଶନ କଲେ ପୂଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି।

ଏଥର କାର୍ତ୍ତିକ ପୂର୍ଣ୍ଣିମା ନଭେମ୍ବର ୧୯ ତାରିଖ ଶୁକ୍ରବାର ଦିନ ପଡୁଛି। ପୂର୍ଣ୍ଣିମା ତିଥି ନଭେମ୍ବର ୧୮ ତାରିଖ, ଗୁରୁବାର ୧୧ ଟା ୫୫ ମିନିଟ୍ ରୁ ଆରମ୍ଭ ହୋଇ ଶୁକ୍ରବାର ଅପରାହ୍ନ ୨ ଟା ୨୫ ମିନିଟ୍ ରେ ଶେଷ ହେବ । ପୌରାଣିକ କଥା ଅନୁସାରେ କାର୍ତ୍ତିକ ପୂର୍ଣ୍ଣିମା ଧାର୍ମିକ ଓ ଆଧ୍ୟାତ୍ମିକ ରୂପରେ ବହୁତ୍ ମହତ୍ତ୍ୱପୂର୍ଣ୍ଣ । ଏହି ଦିନ ଘିଅ ଦାନ କଲେ ସମ୍ପତ୍ତି ବଢ଼ିଥାଏ ଓ ଗ୍ରହଯୋଗ କଷ୍ଟ ଦୂର ହୋଇଥାଏ ବୋଲି ଏକ ବିଶ୍ୱାସ ରହିଛି। କରୋନା କଟକଣା ଯୋଗୁଁ ଚଳିତ ବର୍ଷର ସବୁ ପର୍ବ ପର୍ବାଣୀ ଫିକା ପଡ଼ିଯାଇଛି। ଦଶହରା ପରେ ଏବେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ମଧ କଟକଣା ପାଇଁ ସମ୍ପୂର୍ଣ୍ଣ ଭାବରେ ଫିକା ପଡ଼ିଯାଇଛି। ହେଲେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନରେ ଏବେ ବି ଉତ୍ସାହ ଭରି ରହିଛି ।


\+ ରେଭେନସା ବିଶ୍ୱବିଦ୍ୟାଳୟ


ସ୍ମୃତିରେ କାର୍ତ୍ତିକ...

# ଯୁଗର ଧାରାରେ ଜୀବନ




ଅମ୍ବିକା ସ୍ୱାଇଁ


ସମୟ ସାଥିରେ ପରିବର୍ତ୍ତନଶୀଳ ଏ ସମାଜ। ଯୁଗ ସହିତ ତାଳ ଦେଇ ପ୍ରତିମୁହୂର୍ତ୍ତରେ ଜୀବନ ଜିଇଁବା ଶୈଳୀରେ ପରିବର୍ତ୍ତନ ଚାଲିଛି, ମଣିଷର ଚାଲି ଚଳଣି, ଖାଦ୍ୟପେୟ, ବେଶ ପୋଷାକ ସବୁକିଛି । ଆମର ଓଷା, ବ୍ରତ ପରମ୍ପରା ସବୁ ରହିଛି, ପାରମ୍ପରିକ ନୀତି ନିୟମରେ ପର୍ବ ପାଳନ ହେଉଛି ସତ, କିନ୍ତୁ ସମୟ ସାଥିରେ ଚଳଣିର ଧାରା ଅନେକ ବଦଳି ଯାଇଛି । ଅର୍ଥାତ ପୁଣି ଫେରି ଆସିବି ସେହି ପିଲାଦିନକୁ । ଆମ ସମୟର ସେହି ଚାରି ଦଶନ୍ଧିର କଥା। ସମୟ ଚାଲିଛି, ତା’ସହ ଜୀବନ ବି ତାଳ ଦେଇ ଚାଲିଛି, କେତେ ଉଠାଣି ଗଡାଣି, ଖାଲ ଖମା ରେ ପଡି ମଣିଷ ଆଗକୁ ବଢୁଛି। ଯେବେ ଠାରୁ ମୋର ହେତୁ ପାଇଛି, ପିଲାଦିନର ସବୁ କଥା ଗୋଟି ଗୋଟି ସ୍ମୃତି ପଟ୍ଟରେ ସେମିତି ଅଲିଭା ହୋଇ ରହିଛି। ବର୍ତ୍ତମାନ ଧର୍ମ ମାସ ନାମରେ ପରିଚିତ କାର୍ତ୍ତିକ ମାସର ପଞ୍ଚୁକ ଚାଲିଛି, ସେଥିପାଇଁ ପୂର୍ବ ସ୍ମୃତି ମନେ ପଡି ଯାଉଛି । ଏହି ମାସରେ ଅନେକ ଲୋକ ଖୁ ଦାନ ଧର୍ମ କରନ୍ତି, ନିରାମିଷ ଖାଆନ୍ତି, ହବିଷ କରନ୍ତି, ମାସିକ ବ୍ରତ ପାଳନ୍ତି, ବୁଡ଼ ପକାନ୍ତି, ଚଉରା ମୂଳେ ପଞ୍ଚ ମୁରୁଜ ପକାଇବାର ବିଧି ମଧ ରହିଛି । ଏହା ମଧ ସମସ୍ତେ ଭଲ ଭାବରେ ଜାଣନ୍ତି । କିନ୍ତୁ କିଏ ନିଷ୍ଠାର ସହ ପାଳନ କରନ୍ତି । କିଏ ଅଧାଅଧି ପାଳନ କରନ୍ତି, କେହି କେହି ବିଲକୁଲ ପାଳନ କରନ୍ତିନି । ମନେ ଅଛି ମୋ ପିଲାଦିନର କଥା । ଏହି କାର୍ତ୍ତିକ ମାସ ରେ ଅମ ଘରେ ଆମିଷ ତ ଦୂରର କଥା, ପିଆଜ ରସୁଣ ବି ଘରେ ପଶେ ନାହିଁ । ମୋ ଜେଜେ ମା କାର୍ତ୍ତିକ ମାସର ପ୍ରଥମ ଦିନରୁ ହିଁ ବ୍ରତ ପାଳନ କରନ୍ତି, ମାସ ସାରା ମୁଣ୍ଡ ଧୋଇ ଗାଧାନ୍ତି, ମନ୍ଦିର ଯାଆନ୍ତି, ହବିଷ ଖାଆନ୍ତି । ଅଁଳା ନବମୀ ଠାରୁ ପଞ୍ଚୁକ ବ୍ରତ ପାଳନ କରନ୍ତି, ଘଡିଏ ରାତିରୁ ଉଠି, ପବିତ୍ର ପାଣି (ଗୋବର ପାଣି) ପକାଇ ଦାଣ୍ଡ ଓଳାନ୍ତି, ଗରମ ପାଣିରେ ଗାଧୋଇଲେ କୁଆଡେ ଧର୍ମ କମିଯିବ ବୋଲି ଜେଜେ ମା’ଙ୍କର ମତ । ଯେତେ କହିଲେ ବି ଗରମ ପାଣିରେ ଗାଧୋଇବା କଥା ସେ ଶୁଣନ୍ତିନି, ଶୀତରେ ଥରି ଥରି ପୋଖରୀରେ ବୁଡ଼ ମାରି ଆସନ୍ତି, ମୁଁ ବି ଜେଜେ ମା’ଙ୍କ ସହ ମିଶି ପୋଖରୀରେ ଗାଧୋଇବା ପାଇଁ ଜିଦ ଧରେ, ମନେ ଅଛି, ସେତେବେଳେ କାର୍ତ୍ତିକ ମାସରେ ପ୍ରବଳ ଶୀତ ହୁଏ ଆଜିକାଲି ସେପରି ହାଡ଼ ଭଙ୍ଗା ଶୀତ ଆଉ ନାହିଁ । ସେତେବେଳେ ଥଣ୍ଡା ପାଣିରେ ଗାଧୋଇ ପଡିଲେ ସତରେ ଦାନ୍ତ ପାଟି ଖାଲି ଠକ୍ ଠକ ବାଜିଯାଏ । ଶୀତରେ ଦେହ ଥରୁଥାଏ, ତଥାପି ଶୀତକୁ ଖାତିର ନଥାଏ, କାର୍ତ୍ତିକ ମାସ ପଞ୍ଚୁକରେ ଧର୍ମ କରିବାର ମୋହ ଜାବୁଡି ଧରିଥାଏ, ଜେଜେ ମା’ଙ୍କ ସହ ମିଶି ଚଉରା ପୂଜା, ବାଲୁଙ୍କା ପୂଜା କରୁ, ଚଉରା ମୂଳେ ଠାକୁର ଘରେ, ମୁରୁଜ ପକାଉ । ରାତି ପାହିଲା ବେଳକୁ ଗାଁ ରେ କାହା ଚଉରା ମୂଳେ ମୁରୁଜ ଆଗେ ପଡିଛି, ପୁଣି କାହାର ମୁରୁଜ ବେଶି ସୁନ୍ଦର ହୋଇଛି ବୋଲି ଦେଖଣାହାରି ଯେତେବେଳେ ମତ ମନ୍ତବ୍ୟ ଦିଅନ୍ତି, ମନରେ ଆନନ୍ଦ ସହିତ ଉତ୍କଣ୍ଠା ବଢିଯାଏ ।

ଯାହା ବି ହେଉ ଏହି ଧର୍ମ ମାସ କାର୍ତ୍ତିକ ମାସର ଶେଷ ଦିନ ଆଜି କାର୍ତ୍ତିକ ପୂର୍ଣ୍ଣିମା । କଥାରେ କୁହନ୍ତି ମାସ ସାରାର ପାଳନରେ ଯେତିକି ଧର୍ମ ହୋଇ ନଥାଏ ଏହି ପଞ୍ଚୁକ ଓ କାର୍ତ୍ତିକ ପୂର୍ଣ୍ଣିମାରେ କୁଆଡେ ସବୁ ଠାରୁ ବେଶି ଧର୍ମ ହୁଏ । ଯାହା ମୁଁ ପିଲା ଦିନୁ ଶୁଣି ଆସିଛି, ଲୋକକଥା ରହିଛି, କେହି ଆମିଷ ଛୁଅଁନ୍ତିନି ଏହି ପଞ୍ଚୁକରେ । ମଣିଷ ତ ଛାଡ଼ ବଗ କାଉ ବି କୁଆଡେ ଆମିଷ ଖାଆନ୍ତିନି। ମାସ ସାରାର ଧର୍ମ ଅପେକ୍ଷା କାର୍ତ୍ତିକ ପୂର୍ଣିମାର ଧର୍ମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଏହି କାର୍ତ୍ତିକ ପୂର୍ଣ୍ଣିମା ଦିନ ରାତି ତିନି ଟାରୁ ଉଠି ଜେଜେ ମା’ଙ୍କ ସହ ଆମ ଗାଁ ର ଅନେକ ଲୋକ, ଝିଅ ବୋହୂ, ମିଳି ଆମ ଘର ଠାରୁ ୩ କିଲୋମିଟର ଦୂର ଚିତ୍ରୋତ୍ପଳା ନଦୀକୁ ପୂର୍ଣିମା ବୁଡ଼ ପକାଇବା ପାଇଁ ହାତରେ ପୂର୍ବ ଦିନରୁ କଦଳୀ ବାହୁଙ୍ଗା ରେ ତିଆରି ପଟିରିଂରେ ସଜା ହୋଇ ଥିବା ଛୋଟ ଛୋଟ ଡଙ୍ଗାରେ ପାନ, ଗୁଆ, ଚାଉଳ, ଡାଲି, ପରିବା, ଚିନି, ଗୁଡ଼, ପାଚିଲା କଦଳୀ ରଖି, ସେଥିରେ ଖରିକା କାଠିରେ ବଳିତା ଗୁଡ଼ାଇ ଘିଅବତୀ ସଜାଇ ହାତରେ ଡଙ୍ଗା ଧରି, ପୂର୍ଣିମା ଜହ୍ନର ତୋଫା ଆଲୁଅରେ ସମସ୍ତେ ମିଶି ପାଦରେ ଚାଲି, ଚାଲି, ଶୀତରେ ଥରି, ଥରି ଗପସପ କରି, ଠାକୁରଙ୍କ ନାମ ଜପ କରି ଯିବାର ଯେଉଁ ଆନନ୍ଦ ତାହା ଅନୁଭବୀ ହିଁ ଅନୁଭବ କରିପାରିବ । ନଦୀ କୂଳରେ ପହଂଚିଲା ପରେ ଅଗଣିତ ଲୋକଙ୍କ ମେଳରେ ବୁଡ଼ ପକାଇ ଡଙ୍ଗା ଭସାଇବାର ଅପୂର୍ବ ପୁଲକ, ଏକ ସ୍ୱର ରେ ଗୁଞ୍ଜରଣ ସୃଷ୍ଟି ହୁଏ ‘ଆ କା ମା’ବୈ, ଗୁଆ ପାନ ଥୋଇ, ଗୁଆ ପାନ ତୋ’ର ମାସକ ଧର୍ମ ମୋର ‘ଏପରି ପବିତ୍ର ଭାବନା ରେ ନଦୀକୂଳ ପ୍ରକମ୍ପିତ ହେଉଥାଏ, ମନକୁ ଶିହରିତ କରୁଥାଏ । ପାହାନ୍ତି ଅନ୍ଧାରରେ ଜହ୍ନର ଜ୍ୟୋତ୍ସ୍ନା ରେ ପୂର୍ବ ଦିଗରୁ ନଦୀରେ ଭାସି ଆସୁଥିବା ଛୋଟ ଛୋଟ ଶହ ଶହ ଡଙ୍ଗାରେ ଅଲୋକର ବିକିରଣ ନଦୀର ଜଳରେ ପ୍ରତିବିମ୍ବିତ ହୋଇ ଯେଉଁ ଚମକ୍ ସୃଷ୍ଟି ହୁଏ ତାହାର ସୌନ୍ଦର୍ଯ୍ୟକୁ କେବଳ ଉପଭୋଗ କରି ହୁଏ ସିନା, କିନ୍ତୁ ଭାଷାରେ ପ୍ରକାଶ କରି ହେବନି । ଏସବୁ କେବଳ ସ୍ମୃତିର ଅନୁଭବରେ ରହିଛି ଅଭୁଲା ହୋଇ । ହଁ ନଦୀରେ ଡଙ୍ଗା ଭସା ପରେ ନଦୀ କୂଳରେ ପୂଜା ପାଉଥିବା ପ୍ରସିଦ୍ଧ ଶୈବପୀଠ ଗଡ଼ଗଡ଼ିଆ ମହାଦେବଙ୍କ ଦର୍ଶନ ପରେ, ଘରେ ପହଞ୍ଚି ସାହିଘର ବୁଲି ବଡଓଷା ଗଜ ପିଠା ଓ ତରଣ ଭୋଗ ଖାଇବାର ଯେଉଁ ଆଗ୍ରହ ଆନନ୍ଦ ତାହା କଣ ଏବେ ଆଉ ଅଛି । ବାବା ଧବଳେଶ୍ୱରଙ୍କ ପୀଠରେ ବଡଓଷା ଏବଂ ମାନସିକ ଗଜ ବସେଇବାର ଯେଉଁ ପ୍ରଥା ରହିଛି, ତାହା ଏବେ ବି ଅଛି । କିନ୍ତୁ ତରିଖା ବଦଳି ଯାଇଛି । ସେହିପରି ଭାବରେ ଆଉ ଧୁମ ଧାମରେ ପାଳନ କରାଯାଉନି ବଡଓଷା । ଓଡିଶା ସାରାର ଲୋକ କାହିଁ କେତେ ଦୁରୁ କେତେ ମାନସିକ କରି ଧାଇଁ ଆସୁଥିଲେ ବାବା ଧବଳେଶ୍ୱରଙ୍କ ପୀଠ । ପ୍ରଭୁଙ୍କ ଦର୍ଶନ କରି ଏବଂ ଗଜ ଭୋଗ ଖାଇ ନିଜକୁ କୃତାର୍ଥ ମଣୁଥିଲେ । ପଞ୍ଚୁକ ରେ ଆଗରୁ ପ୍ରତି ଘରେ ଅକାଶ ଦୀପ ବସିବାର ଯେଉଁ ପରମ୍ପରା ଥିଲା, ପଞ୍ଚୁକରୁ କାର୍ତ୍ତିକ ପୂର୍ଣ୍ଣିମା ଯାଏ, ଏସବୁ ଆଜିକାଲି ଲୋପ ପାଇବାକୁ ବସିଲାଣି, କାଁ, ଭାଁ କେଉଁଠି କେମିତି ଦେଖିବାକୁ ମିଳୁଥିବ । ଘରେ ଘରେ ବଡ଼ ଓଷା ପାଳନର ବିଧି ଏବେ କମି ଆସିଲାଣି । ମୋ ନିଜ କଥା ବି ମୁଁ ଏଠି କହି ରଖେ, ପିଲାଦିନୁ ଯେଉଁ ଭଳି ଭାବରେ କାର୍ତ୍ତିକ ମାସକୁ ନିଷ୍ଠାର ସହ ପାଳନ କରୁ ଥିଲି, ବିଭାଘର ପରେ ମଧ ଏହା ଜାରି ରଖି ଥିଲି ଅନେକ ବର୍ଷ ଯାଏ। ଘରେ ପିଆଜ ରସୁଣ ପଶେ ନାହିଁ, ଏବେ ଏସବୁ ବଦଳି ଗଲାଣି, ପିଲାମାନେ ବଡ଼ ହେଲେ ତାଙ୍କ ମନକୁ ନେଇ ଆମକୁ ଖାପ ଖୁଆଇ ଚଳିବାକୁ ପଡୁଛି । କେବଳ ପାଞ୍ଚ ସୋମବାର ଏବଂ ପଞ୍ଚୁକ ପାଞ୍ଚ ଦିନକୁ ଛାଡି ଦେଲେ ମାସ ସାରା ପିଆଜ ରସୁଣରେ ରୋଷେଇ କରି ଖାଇବାକୁ ହିଁ ପଡୁଛି । ଆଉ ରାତିରୁ ବୁଡ଼ ପକାଇ ଗାଧୋଇବାର୍ ସଉକ ବି ହଜି ଗଲାଣି। କାରଣ ସମୟ ସାଥିରେ ଜଳବାୟୁ ବି ବଦଳି ଚାଲିଛି, ଏବେ ଆଉ ରାତିରୁ ଉଠି ଥଣ୍ଡା ପାଣିରେ ଗାଧୋଇଲେ ଦେହରେ ଚଳୁନି ମୋ ଜେଜେ ମା ସେତେବେଳେ ଷାଠିଏ, ପଞ୍ଚସଠି ବର୍ଷରେ ଥଣ୍ଡା ପାଣିରେ ରାତିରୁ ଉଠି ବୁଡ଼ ପକାଇ ଗାଧୋଉ ଥିଲେ, ତାଙ୍କ ଦେହ କେବେ ଖରାପ ହୁଏନି । ଆଜି ଖାଲି ଏହାର ବ୍ୟତିକ୍ରମ ଆମ ମାନଙ୍କ ପାଇଁ ।ବିନା ଗରମ ପାଣି ରେ ଗାଧୋଇଲେ ଦେହ ଖରାପ ହେଉଛି, ଥଣ୍ଡା ଧରୁଛି । ମୁଁ ନୁହେଁ ବା ଆମ ଘରେ ନୁହେଁ, ଆଜିକାଲି ସମସ୍ତଙ୍କ ଘରେ ଏପରି ଚଳଣିରେ ଚଳିବାକୁ ପଡୁଥିବ ସମସ୍ତଙ୍କୁ । ପୂର୍ବ ପରି କାର୍ତ୍ତିକ ମାସର ସେ ପରମ୍ପରା, ନିଷ୍ଠା ଆଉ କାଷ୍ଠା କାହା ଘରେ ଆଉ ଦେଖିବାକୁ ମିଳୁ ନଥିବ, ଏହା ନିଶ୍ଚିତ ଭାବରେ ସତ୍ୟ । ସେତେବେଳେ ସିନା ପଞ୍ଚୁକରେ ବଗ କାଉ ଆମିଷ ଖାଉ ନଥିଲେ, ହେଲେ ଆଜିକାଲି..? ଆଜିକାଲି ର ଭବିଷ୍ୟତ ପିଢି ଏସବୁ ବୁଝନ୍ତିନି। ହଁ ସେମାନଙ୍କର ବା ଦୋଷ କଣ ? ଏହା ତ ସମୟର ପରିବର୍ତ୍ତନ । ହଁ ସତରେ,ସମୟ ସହିତ ଯୁଗ ସହିତ ପରିବର୍ତ୍ତନ ଧାରା ରେ ଜୀବନ ଜିଇଁବାର ବ୍ୟବସ୍ଥା ଏବେ ବଦଳି ଚାଲିଛି । କେବଳ ପିଲାମାନ ଙ୍କର ନୁହେଁ ଆମ ବଡ଼ ମାନଙ୍କର ଜୀବନ ଶୈଳୀ ରେ ମଧ ପରିବର୍ତ୍ତନ ଘଟୁଛି । ଧର୍ମ ମାସ କାର୍ତ୍ତିକ ର ପରମ୍ପରା ରହିଛି, କିନ୍ତୁ ଧର୍ମ କରିବାର ଆବେଗ କିନ୍ତୁ ଆଉ ପୂର୍ବ ପରି କେଉଁଠି ବି ଅନୁଭବ ହେଉ ନାହିଁ, ଦୃଶ୍ୟମାନ ହେଉ ନାହିଁ । କେବଳ ସବୁ ପୁରୁଣା ଅତୀତ ସେହି ସ୍ମୃତିର ଚିତ୍ରପଟ୍ଟରେ ଜଳ ଜଳ, ଛଳ ଛଳ ଦିଶି ଯାଉଛି....!!!!


\+ ଭୁବନେଶ୍ୱର,
ମୋ: ୯୭୭୭୫୯୯୬୯୫

# ଭୋଟର ତାଲିକା ସଂଶୋଧନ କରାଇବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅପିଲ୍

ଭୁବନେଶ୍ୱର,୧୮/୧୧ (ନି.ପ୍ର): ରାଜ୍ୟରେ ଏବେ ଭୋଟର ତାଲିକା ସଂଶୋଧନ କ୍ୟାମ୍ପେନ ଚାଲିଛି । ଆସନ୍ତା ୨୧ ତାରିଖରେ ଏ ନେଇ ସ୍ୱତନ୍ତ୍ର ଡ୍ରାଇଭ ମଧ ହେବ। ଏହି ସମୟରେ ସମସ୍ତେ ନିଜ ନିଜର ଭୋଟର ଆଇଡି ସଂଶୋଧନ ଆଦି କାର୍ଯ୍ୟ ନେଇ ଆବେଦନ କରିପାରିବେ। ଏହି ସମୟରେ ପ୍ରାଥମିକତା ଭିତିରେ ଏହି ସବୁ ଆବେଦନକୁ ଗ୍ରହଣ କରାଯିବା ସହ ଆବଶ୍ୟକୀୟ ପରିବର୍ତ୍ତନ କରାଯିବ ବୋଲି ବୁଧବାର ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଫର୍ମ ୬ ଜରିଆରେ ଭୋଟର ତାଲିକାରେ ନୂଆ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ, ଫର୍ମ ୭ ନାମ କାଟିବା ପାଇଁ ଯୋଡ଼ିପାରିବେ, ଫର୍ମ ୮ ଜରିଆରେ ନାମ ସଂଶୋଧନ କରିପାରିବେ ଏବଂ ଫର୍ମ ୮ (କ) ଜରିଆରେ ସ୍ଥାନାନ୍ତର ହୋଇଥିଲେ ଏହି ଫର୍ମ ଜରିଆରେ ଆବେଦନ କରିପାରିବେ। ବିଏଲଓମାନେ ରହିଛନ୍ତି ସେମାନଙ୍କ ପାଖକୁ ଯାଇ ଏହି ସଂଶୋଧନ କରି ପାରିବେ। ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ନାମ ଯୋଡିବା ସହ ସଂଶୋଧନ କରିପାରିବେ। ଭୋଟର ହେଲ୍ପଲାଇନକୁ ଯାଇ ଏହି ସଂଶୋଧନ କରିପାରିବେ। ଏପିକ ନମ୍ବର ସ୍ପୀଡ୍ ପୋଷ୍ଟରେ ଯିବ ତେଣୁ ସଠିକ ଠିକଣା ଦିଅନ୍ତୁ । ଆମେ କୋଭିଡ କାରଣରୁ ଅନଲାଇନ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଉଛୁ । ବର୍ତ୍ତମାନ ସୁଦ୍ଧା ୪ ଲକ୍ଷ ୨୦ ହଜାର ଫର୍ମ ଆସିଛି । ସେ ମଧ୍ୟରୁ ୮୦ ପ୍ରତିଶତ ଆମେ ଅନଲାଇନ ମାଧମରେ ପାଇଛୁ। ଗତବର୍ଷ ଏହା ୮ ପ୍ରତିଶତ ରହିଥିଲା । ବର୍ତ୍ତମାନ ସୁଦ୍ଧା ଏକ ଲକ୍ଷ ଡ଼ବଲ ଆଇଡି ଡ଼ିଲିଟ କରିଛୁ । ଆଗକୁ ଯଦି ସେମିତି ନଜର ଆସିବ ତାକୁ ବି ଡ଼ିଲିଟ କରାଯିବ।

# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଆଇକନିକ୍ ସପ୍ତାହ ପାଳନ

ଭୁବନେଶ୍ୱର,୧୮/୧୧ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ସମ୍ମିଳନୀ କକ୍ଷରେ ଆଭାସୀ ମାଧମରେ 'ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଜନଜାତି ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ' ଶୀର୍ଷକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ଆଦିବାସୀ ଶିକ୍ଷା ସଂଗଠନ (ଓଏମ୍‌ଟିଇଏସ୍) ପକ୍ଷରୁ ଏସ୍‌ସିଏସ୍‌ଟିଆରଟିଆଇ, ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟ ଶିକ୍ଷା ସଂଗଠନ (ଏନ୍‌ଇଏସ୍‌ଟିଏସ୍), କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ମିଳିତ ସହଯୋଗରେ ଏହି ୱେବିନାର୍ ଆୟୋଜନ କରାଯାଇଥିଲା । ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ଅବସରରେ ନଭେମ୍ବର ୧୫ ତାରିଖଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଆଇକନିକ୍ ସପ୍ତାହ ପାଳନ କରାଯାଉଛି। ଆଜାଦୀ କା ଅମୃତ ମହୋତ୍ସବର ସ୍ମରଣୀୟ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଜନଜାତି ଲୋକସଂସ୍କୃତି ଓ ଉପଲବ୍ଧିର ସମୃଦ୍ଧଶାଳୀ ଇତିହାସର ସ୍ମୃତିଚାରଣ ଓ ପାଳନ କରିବା ଲାଗି ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବଭାଗ ପକ୍ଷରୁ ସପ୍ତାହବ୍ୟାପୀ ଆଇକନିକ୍ ସପ୍ତାହ ପାଳନ ଅବସରରେ ୱେବିନର ଓ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଓଡ଼ିଶାର ଜନଜାତି ସ୍ୱାଧୀନତା ସଂଗ୍ରାମୀମାନଙ୍କର ଭାରତ ସ୍ୱାଧୀନତା ସଂଗ୍ରାମରେ ଅବଦାନ ସଂପର୍କରେ ସ୍ମୃତିଚାରଣ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକ (ଏସ୍‌ଟି) ତଥା ଓଏମ୍‌ଟିଇଏସ୍ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀମତୀ ଗୁହାପୁନମ ତାପସ କୁମାର ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ ପାଳନ କରାଯାଉଥିବା ଆଇକନିକ୍ ସପ୍ତାହ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଜାତୀୟତା ଉପରେ ସଚେତନତା ସୃଷ୍ଟି କରିବ। ଏନ୍‌ଇଏସ୍‌ଟିର କମିଶନର ଅସୀତ ଗୋପାଳ ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତର ସ୍ୱାଧୀନତା ଆନ୍ଦୋଳନ ସଂପର୍କରେ ଆଲୋକପାତ କରିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା ଇତିହାସର ମୂଲ୍ୟବାନ ଦିଗ ଓ ଜନଜାତି ଗୋଷ୍ଠୀର ମୁଖ୍ୟଧାରା ସଂପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫେସର (ଡ.) ଏ. ବି. ଓତା ସାଂପ୍ରତିକ ସମୟରେ ବିର୍ସା ମୁଣ୍ଡାଙ୍କର ପ୍ରାସଙ୍ଗିକତା ସଂପର୍କରେ କହିଥିଲେ । ଏହି ଆଭାସୀ କାର୍ଯ୍ୟକ୍ରମରେ ୧୯ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ୱେବିନାରରେ ଆଇଟିଡ଼ିଏ ପ୍ରକଳ୍ପ ପ୍ରଶାସକ, ଜିଲ୍ଲା ମଙ୍ଗଳ ଅଧିକାରୀ, ଇଏମ୍‌ଆଏସ୍‌ର ପ୍ରିନ୍ସିପାଲ୍ ଓ ଅନ୍ୟ ଅତିଥିମାନେ ଯୋଗଦାନ କରିଥିଲେ । ଏହି ଅବସରରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଆଦିବାସୀଙ୍କ ଅବଦାନ ସଂପର୍କରେ ଏକ କ୍ଷୁଦ୍ର ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା ।

# ବିଜେପି ସଙ୍ଗଠନରେ ଅନୁସୂଚିତ ଜାତି ମୋର୍ଚ୍ଚା ପ୍ରମୁଖ ଭୂମିକା ଗ୍ରହଣ କରିବ : ସାଂସଦ ଡ. ଭୋଳା ସିଂ

ଭୁବନେଶ୍ୱର,୧୮/୧୧ (ନି.ପ୍ର): ଭାରତୀୟ ଜନତା ପାର୍ଟି ଅନୁସୂଚିତ ଜାତି ମୋର୍ଚ୍ଚାର ଅଧ୍ୟକ୍ଷ ଡଃ ବିଭୂପ୍ରସାଦ ତରାଇ ଅଧ୍ୟକ୍ଷତାରେ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ ଓ ରାଜ୍ୟ ସଂଯୋଜକମାନଙ୍କର ବୈଠକ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ ଆଗାମୀ ଦିନରେ ଦଳର ସଂଗଠନରେ ଅନୁସୂଚୀତ ଜାତି ମୋର୍ଚ୍ଚା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ରାଜ୍ୟରେ ଚାଲିଥିବା ମହିଳା ଓ ଦଳିତ ନିର୍ଯ୍ୟାତନା ବିରୁଦ୍ଧରେ ଆନ୍ଦୋଳନକୁ ଶାଣିତ କରିବାକୁ ଆହ୍ୱାନ ଦେଇଥିଲେ। ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସାଂସଦ ଡ. ଭୋଳା ସିଂହ ଯୋଗ ଦେଇ ସାଙ୍ଗଠନିକ ସମୀକ୍ଷା କରିବା ସହ ସମ୍ବିଧାନ ଦିବସରୁ ଡ. ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପର୍ଯ୍ୟନ୍ତ ୧୦ଦିନ ରାଜ୍ୟବ୍ୟାପି କାର୍ଯ୍ୟକ୍ରମ ଯୋଜନା ବିଷୟରେ ଉପସ୍ଥାପନା କରିଥିଲେ। ଉକ୍ତ ବୈଠକରେ ରାଜ୍ୟ ପ୍ରଭାରୀ ଜୟପ୍ରକାଶ ସିଂହ ଭୁକ୍ତା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ, ସୁଶାନ୍ତ ମଲ୍ଲିକ ଓ ବିଧାୟକ ଡ. ମୁକେଶ ମହାଲିଙ୍ଗ, ଚନ୍ଦନ ସ୍ୱରାଜ, ମନିଜର ଆର୍ଯ୍ୟ, ମନୋଜ ବେହେରା, ରାମବିଶୀ ଦିଗାଲ, ଦୁର୍ଗା ତନ୍ତୀ, ଡ. ରବି ବେହେରା ଓ ସ୍ମୀତା ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

# ୨୦୨୨ରେ ସରକାରୀ ଛୁଟି ୨୭ : ଅଗଷ୍ଟ ମାସରେ ସର୍ବାଧିକ ୫, ଡିସେମ୍ବରରେ ଜମା ନାହିଁ

ଭୁବନେଶ୍ୱର ,୧୮/୧୧ (ନି.ପ୍ର): ୨୦୨୨ ମସିହାରେ ସରକାରୀ ଛୁଟି ତାଲିକା ପ୍ରସ୍ତୁତ ହୋଇଛି। ରବିବାର, ଦ୍ୱିତୀୟ ଓ ଚତୁର୍ଥ ଶନିବାର ବାଦ୍ ସରକାରୀ କର୍ମଚାରୀମାନେ ଏ ବର୍ଷ ଆଉ ୨୭ଟି ଛୁଟି ପାଇବେ। ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ରାଜସ୍ୱ ଓ ମାଜିଷ୍ଟ୍ରେଟ୍ କୋର୍ଟ ପାଇଁ ଏହି ଛୁଟି ନିର୍ଦ୍ଦେଶନାମା ଲାଗୁ ହେବ। ଚଳିତ ବର୍ଷ ସରକାରୀ ଛୁଟି ସଂଖ୍ୟା ୨୯ ରହିଛି। ରାଜ୍ୟରେ ବ୍ୟାଙ୍କଗୁଡ଼ିକ ୨୦୨୨ରେ ୧୮ ଦିନ ଛୁଟି ପାଇଁ ବନ୍ଦ ରହିବ। ଜାନୁଆରି ମାସରେ ୧୪ ଓ ୨୬ ତାରିଖରେ ମକର ସଂକ୍ରାନ୍ତି ଓ ସାଧାରଣତନ୍ତ୍ର ଦିବସ ପାଇଁ ଛୁଟି ରହିଛି। ଫେବ୍ରୁଆରି ମାସ ୫ ତାରିଖରେ ବସନ୍ତ ପଞ୍ଚମୀ ଛୁଟି ରହିଛି। ମାର୍ଚ୍ଚ ମାସରେ କର୍ମଚାରୀମାନେ ୪ଟି ଛୁଟି ପାଇବେ। ୧ ତାରିଖରେ ମହାଶିବରାତ୍ରୀ, ୫ରେ ପଞ୍ଚାୟତିରାଜ ଦିବସ, ୧୮ରେ ଦୋଳ ପୂର୍ଣ୍ଣିମା ଓ ୧୯ରେ ହୋଲି ପାଇଁ ଏହି ଛୁଟି ରହିଛି। ଏପ୍ରିଲ୍ ମାସରେ ୩ଟି ଛୁଟି ; ୧ ତାରିଖ ଉତ୍କଳ ଦିବସ, ୧୪ରେ ମହାବିଷୁବ ସଂକ୍ରାନ୍ତି/ ଆମ୍ବେଦକର ଜୟନ୍ତୀ ଓ ୧୫ରେ ଗୁଡ୍ ଫ୍ରାଇଡେ। ମେ' ମାସରେ ୩, ୧୬ ଓ ୩୦ ତାରିଖରେ ଯଥାକ୍ରମେ ଇଦୁଲ୍ ଫିତର, ବୁଦ୍ଧ ପୂର୍ଣ୍ଣିମା/ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ ଓ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି ରହିଛି। ଜୁନ୍ ମାସ ୧୪ ଓ ୧୫ ତାରିଖରେ ପହିଲି ରଜ ଓ ରଜ ସଂକ୍ରାନ୍ତି ପାଇଁ ଦୁଇ ଦିନ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ଜୁଲାଇ ୧ ତାରିଖରେ ରଥଯାତ୍ରା ପାଇଁ ସରକାରୀ ଛୁଟି ରହିଛି। ଅଗଷ୍ଟ ମାସରେ କର୍ମଚାରୀମାନେ ସର୍ବାଧିକ ୫ଟି ଛୁଟି ପାଇବେ। ଏଗୁଡ଼ିକ ହେଲା ଅଗଷ୍ଟ ୯ରେ ମହରମ୍, ୧୧ରେ ଝୁଲଣ ପୂର୍ଣ୍ଣିମା, ୧୫ରେ ସ୍ୱାଧୀନତା ଦିବସ, ୧୮ରେ ଜନ୍ମାଷ୍ଟମୀ ଓ ୩୧ରେ ଗଣେଶ ପୂଜା। ସେପ୍ଟେମ୍ବର ମାସ ୧ ତାରିଖରେ ନୂଆଖାଇ ଛୁଟି ରହିଛି। ଅକ୍ଟୋବରରେ ୪ ଦିନ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ସେହି ଦିନଗୁଡ଼ିକ ହେଲା ୩ ତାରିଖରେ ମହାଷ୍ଟମୀ, ୪ରେ ମହାନବମୀ, ୫ରେ ବିଜୟାଦଶମୀ ଓ ୨୪ରେ କାଳୀପୂଜା/ଦୀପାବଳି। ନଭେମ୍ବର ମାସ ୮ ତାରିଖରେ ରାହାସ ପୂର୍ଣ୍ଣିମା ପାଇଁ ଛୁଟି ରହିଛି। ଡିସେମ୍ବର ମାସରେ ଦ୍ୱିତୀୟ ଓ ଚତୁର୍ଥ ଶନିବାର, ରବିବାର ବାଦ୍ ଅଧିକ ସରକାରୀ ଛୁଟି ନାହିଁ। ଦ୍ୱିତୀୟ ଓ ଚତୁର୍ଥ ଶନିବାର ଏବଂ ରବିବାର ଛୁଟି ଦିନରେ କିଛି ପର୍ବପର୍ବାଣୀ ପଡୁଥିବାରୁ ସେହିଦିନଗୁଡ଼ିକ ସ୍ୱତନ୍ତ୍ର ଭାବେ ଛୁଟି ଘୋଷଣା କରାଯାଇନି। ଜାନୁଆରି ୨୩ରେ ସୁବାସ ବୋଷ ଜୟନ୍ତୀ, ଏପ୍ରିଲ ୧୦ରେ ରାମନବମୀ, ଜୁଲାଇ ୧୦ରେ ଇଦ୍-ଉଲ-ଜୁହା, ସେପ୍ଟେମ୍ବର ୨୫ରେ ମହାଳୟା, ଅକ୍ଟୋବର ୨ରେ ଗାନ୍ଧୀ ଜୟନ୍ତୀ, ଅକ୍ଟୋବର ୯ରେ ମହମ୍ମଦଙ୍କ ଜୟନ୍ତୀ, ଡିସେମ୍ବର ୨୫ରେ ବଡ଼ଦିନ ରବିବାର ପଡୁଥିବାରୁ ସ୍ୱତନ୍ତ୍ର ଭାବେ ଛୁଟିଦିନ ଘୋଷଣା ହୋଇନି। ତେବେ ରବିବାର, ଦ୍ୱିତୀୟ ଓ ଚତୁର୍ଥ ଶନିବାରକୁ ମିଶାଇ ଜଣେ କର୍ମଚାରୀ ୨୦୨୨ ମସିହାରେ ମୋଟ୍ ୧୦୪ ଦିନ ଛୁଟି ପାଇପାରିବେ।

# ଚାଷୀମାନଙ୍କ ଏକକ ପରିଚୟ ପତ୍ର ସୃଷ୍ଟି ପାଇଁ 'କୃଷକ ଓଡିଶା' କାର୍ଯ୍ୟକ୍ରମ

## ୭୬ ଲକ୍ଷ କୃଷକମାନଙ୍କ ବୃହତ ଡାଟାବେସର ନବୀକରଣ ଲକ୍ଷ୍ୟ

ଭୁବନେଶ୍ୱର,୧୮/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ୫ଟି ଅନ୍ତର୍ଗତ ୧୮ ବର୍ଷ ବୟସରୁ ଉର୍ଦ୍ଧ୍ୱ ସମସ୍ତ ଭୂମିହୀନ ଚାଷୀ, ଭାଗଚାଷୀ, ଜମି ଥିବା କୃଷକ, ଉଦ୍ୟାନ କୃଷି ଓ ଜଙ୍ଗଲ ଜମି ଉପରେ ନିର୍ଭରଶୀଳ ଚାଷୀ, ମତ୍ସ୍ୟ ଓ ପଶୁ ସମ୍ପଦ ଚାଷୀ ଏବଂ କୃଷି ଶ୍ରମିକମାନଙ୍କ ଏକକ ପରିଚୟ ସୃଷ୍ଟି କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ "କୃଷକ ଓଡ଼ିଶା" କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପରିବାର ନୁହେଁ ବରଂ ଚାଷୀ ଭିତିରେ ପଞ୍ଜୀକରଣ କରାଯିବ। ଏହି ଏକକ ପରିଚୟ ପତ୍ର ଦ୍ୱାରା ଆମ ରାଜ୍ୟର କୃଷକ ଭାଇ ଓ ଭଉଣୀମାନେ ବିଭିନ୍ନ ଯୋଜନାର ସୁଫଳ ପାଇବା ପାଇଁ ବାରମ୍ବାର ତଥ୍ୟ ଦେବାକୁ ପଡିବ ନାହିଁ ଏବଂ ବିଭିନ୍ନ ଯୋଜନାର ସର୍ତାବଳୀ ଅନୁଯାୟୀ ଯୋଗ୍ୟ କୃଷକମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯାଇପାରିବ। ରାଜ୍ୟର କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ସମସ୍ତ ଚାଷୀମାନଙ୍କ ତଥ୍ୟ ଉପଲବ୍ଧ ରହିବ ଏବଂ ଉକ୍ତ ତଥ୍ୟ ଆଧାରରେ ଭବିଷ୍ୟତର ସମସ୍ତ ଯୋଜନା କାର୍ଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ ୭୬ ଲକ୍ଷ କୃଷକମାନଙ୍କ ବୃହତ ଡାଟାବେସର ନବୀକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ବଳକା କୃଷକମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯିବ। ଏହି କାର୍ଯ୍ୟକ୍ରମ ଦ୍ୱାରା ଅଯୋଗ୍ୟ ହିତାଧିକାରୀମାନଙ୍କୁ ସହଜରେ ଚିହ୍ନଟ କରାଯାଇ ପାରିବ ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ଉପଯୁକ୍ତ ଯୋଜନାର ଲାଭ ମିଳିପାରିବ।

# ସବୁ ସରକାରୀ କୋଠା ସମାନ ରଙ୍ଗର ହେବ



ଭୁବନେଶ୍ୱର ,୧୮/୧୧ (ନି.ପ୍ର): ରାଜ୍ୟର ସବୁ ସରକାରୀ କୋଠାର ଗୋଟିଏ ରଙ୍ଗ ହେବ। ପ୍ରଶାସନିକ କାର୍ଯ୍ୟାଳୟରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ସବୁ ସରକାରୀ କୋଠାରେ ସମାନ ରଙ୍ଗ ଲାଗିବ। ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସବୁଜ ଓ ଧଳା ରଙ୍ଗ ଲଗାଇବାକୁ ପୂର୍ତ୍ତ ବିଭାଗର ସମସ୍ତ ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ମଧ ନିର୍ଦ୍ଦେଶ ଦିଆସରିଛି।
ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗାଁରୁ ଆରମ୍ଭ ସହର ପର୍ଯ୍ୟନ୍ତ ସବୁ ସରକାରୀ କୋଠାରେ ନୂଆ ରଙ୍ଗ ଲାଗିବ। କେବଳ ସରକାରୀ କୋଠା ନୁହେଁ, ରାଜ୍ୟର ସବୁ ପୋଲ ଏବଂ ଷ୍ଟ୍ରିଟଲାଇଟରେ ବି ସମାନ ରଙ୍ଗ ଲାଗିବ।
ଏହି ସବୁଜ ଓ ଧଳା ରଙ୍ଗ ବାଛିବା ପଛର କାରଣ କୁହାଯାଇଛି ଯେ ଏହା ଶୁଦ୍ଧତା ସନ୍ତୁଳନ, ସମନ୍ୱୟ, ଆଶାକୁ ବୁଝାଏ। ଏବେ ଯେତିକି ନୂଆ କୋଠା ନିର୍ମାଣ ହେଉଛି ସେଗୁଡ଼ିକରେ ଏହି ରଙ୍ଗ ଲାଗିବ ଏବଂ ପୁରୁଣା କୋଠାର ମରାମତି ଓ ପୁନରୁଦ୍ଧାର ସମୟରେ ବି। ମାର୍ଚ୍ଚ ମାସ ପୂର୍ବରୁ ସବୁ ସରକାରୀ କୋଠାରେ ନୂଆ ରଙ୍ଗ ଲଗାଇବାକୁ କୁହାଯାଇଛି। କୋଠାର କାନ୍ଥରେ ସବୁଜ ରଙ୍ଗ (ଏସିଆନ୍ ପେଣ୍ଟ୍‌ସର ଇଙ୍ଗଲିସ୍ ଇଏଲଏମଏସ ୨୩୮୭) ଏବଂ ବର୍ଡରରେ ଧଳା ରଙ୍ଗ (ଏସିଆନ୍ ପେଣ୍ଟ୍‌ସର ସାଇ ଇରିସ୍ ୭୨୨୦) ଲାଗିବ। ସେହିପରି ସମସ୍ତ ନଦୀ ପୋଲର ସୁରକ୍ଷା ରେଲ୍‌ରେ ସବୁଜ ଓ ଧଳା ରଙ୍ଗ ଲାଗିବ। ବ୍ରିଜ୍‌ର ବିମ୍‌ରେ ଗାଢ଼ ସବୁଜ ରଙ୍ଗ ଏବଂ ପିଲାର ଓ ଅନ୍ୟ ସ୍ଥାନରେ ପୂରା ଧଳା ରଙ୍ଗ ଲାଗିବ। ଷ୍ଟ୍ରିଟ ଲାଇଟ୍ ଓ ରାସ୍ତା ଫର୍ଣ୍ଣିଚରରେ ଗାଢ଼ ସବୁଜ ଓ ଧଳା ରଙ୍ଗ ଲାଗିବ। ପୂର୍ବରୁ ରାଜ୍ୟ ସରକାର ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତି ଛକରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ସାଇନେଜ୍ ଲଗାଇଥିବା ବେଳେ ଏବେ ସବୁ ସରକାରୀ କୋଠା, ବ୍ରିଜ୍ ଆଦିକୁ ସବୁଜ ରଙ୍ଗରେ ରଙ୍ଗେଇବାକୁ ନିଷ୍ପତ୍ତି ନେଇଛନ୍ତି। ହେଲେ ପୂର୍ତ୍ତ ବିଭାଗ କାହିଁକି ଗୋଟିଏ କମ୍ପାନିର ରଙ୍ଗ (ଏସିଆନ୍ ପେଣ୍ଟସ) ବାଛିଲା ତାହାକୁ ନେଇ ପୂର୍ତ୍ତ ବିଭାଗର ଅଧିକାରୀମାନେ କିଛି କହୁନାହାନ୍ତି। ବଜାରରେ ୫ରୁ ଅଧିକ କମ୍ପାନିର ରଙ୍ଗ ବିକ୍ରି ହେଉଥିବା ବେଳେ ଏସିଆନ ପେଣ୍ଟସ କାହିଁକି ବଛା ହେଲା ତାହାକୁ ନେଇ ପ୍ରଶ୍ନ ଉଠିଛି।

# ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କୋଭିଡ୍ ସଂକ୍ରମିତ, ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮/୧୧ (ନି.ପ୍ର): ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କୋଭିଡ୍ ସଂକ୍ରମିତ ହୋଇଥିବା ଜଣାପଡିଛି। ଅସୁସ୍ଥ ଶ୍ରୀ ହରିଚନ୍ଦନଙ୍କୁ ବିଜୟାୱାଡାରୁ ହାଇଦ୍ରାବାଦ୍ କୁ ଏୟାର ଲିଫ୍ଟ କରାଯାଇଛି । ବର୍ତ୍ତମାନ ସେ ଗଂଚିବୋଲିର ଏଆଇଜି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଅପରପକ୍ଷରେ ବିଶ୍ୱ ଭୂଷଣ ହରିଚନ୍ଦନଙ୍କ ଅସୁସ୍ଥତା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଲେଖିଛନ୍ତି ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ତଥା ବରିଷ୍ଠ ରାଜନେତା ବିଶ୍ୱଭୂଷଣ ହରିଚନ୍ଦନ କୋଭିଡ ସଂକ୍ରମିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ନେଇ ଅବଗତ ହେଲି। ତାଙ୍କର ଆଶୁଆରୋଗ୍ୟ ଓ ଉତମ ସ୍ୱାସ୍ଥ୍ୟ କାମନା କରୁଛି। ସୂଚନା ଅନୁଯାୟୀ ଦୁଇ ଦିନ ପୂର୍ବେ ଦିଲ୍ଲୀରୁ ଫେରିଥିବା ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଥଣ୍ଡା ଏବଂ କାଶରେ ପୀଡ଼ିତ ହୋଇଥିଲେ । ଏହାପରେ ୮୭ ବର୍ଷିୟ ହରିଚନ୍ଦନଙ୍କୁ ବୁଧବାର ସକାଳେ ଅସୁସ୍ଥ ହେବା ପରେ ବିଜୟୱାଡାରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ହାଇଦ୍ରାବାଦକୁ ଅଣାଯାଇଥିଲା।

# ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଆଶୀର୍ବାଦ ଯୋଜନା ନିମନ୍ତେ ସୂଚନା ପରିଚାଳନା ବ୍ୟବସ୍ଥା ପୋର୍ଟାଲ ଲୋକାର୍ପିତ

ଭୁବନେଶ୍ୱର,୧୮/୧୧ (ନି.ପ୍ର): ୧ ଅପ୍ରେଲ ୨୦୨୦ରୁ ୧୫ ସେପେଟମ୍ବର ୨୦୨୧ ମଧ୍ୟରେ କୋଭିଡ୍ ମହାମାରୀ ସମୟରେ ପିତାମାତା କିମ୍ବା ପିତାମାତାଙ୍କ ମଧ୍ୟରୁ ଉପାର୍ଜନକାରୀ ଜଣଙ୍କୁ ହରାଇଥିବା ପିଲାଙ୍କୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ସେମାନଙ୍କ ଉପଯୁକ୍ତ ଶିକ୍ଷା ଏବଂ ସୁରକ୍ଷିତ ଭବିଷ୍ୟତ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆଶୀର୍ବାଦ' ଯୋଜନାର ଘୋଷଣା କରିଥିଲେ । ଚଳିତ ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଶିଶୁ ଅଧିକାର ସପ୍ତାହ ପାଳନ ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଜି 'ଆଶୀର୍ବାଦ' ଯୋଜନାର ସଫଳ ଅନ୍‌ଲାଇନ୍ ପରିଚାଳନା ପାଇଁ (ଏମ୍‌ଆଇଏସ୍) ପୋର୍ଟାଲ ଲୋକାର୍ପିତ ହୋଇଛି । ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ପିଲାମାନଙ୍କୁ ସହାୟତା ରାଶି ସୁଚାରୁ ରୂପେ ପ୍ରଦାନ ନିମନ୍ତେ ବିଭାଗ ତରଫରୁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଏବଂ ୟୁନିସେଫ୍ ସହାୟତାରେ ଏହି ପୋର୍ଟାଲର ବିକାଶ କରାଯାଇଛି । ଏ ପର୍ଯ୍ୟନ୍ତ ଏହି ଯୋଜନାରେ ୩୪ ହଜାରରୁ ଅଧିକ ଆବେଦନ ବିଭାଗର ହସ୍ତଗତ ହୋଇ ସାରିଥିବାବେଳେ ପ୍ରାୟ ୧୭ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହୋଇସାରିଛନ୍ତି । ଏଥିପାଇଁ ଉଭୟ ପିତାମାତାଙ୍କୁ ହରାଇଥିବା ପିଲାମାନଙ୍କୁ ମାସିକ ୨୫୦୦ ଟଙ୍କା ଏବଂ ପିତାମାତାଙ୍କ ମଧ୍ୟରୁ ଉପାର୍ଜନକାରୀ ଜଣଙ୍କୁ ହରାଇଥିବା ପିଲାଙ୍କ ଶିକ୍ଷା ପାଇଁ ମାସିକ ୧୫୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଉଛି । ଯୋଜନାରେ ଉପକୃତ ହେଉଥିବା ହିତାଧିକାରୀମାନଙ୍କ ସମସ୍ତ ତଥ୍ୟ ଏହି ପୋର୍ଟାଲ୍‌ରେ ସ୍ଥାନିତ କରାଯିବ । ଏହି ଯୋଜନା ପାଇଁ ଆବେଦନ ପ୍ରକ୍ରିୟା, ଚୟନ ପଦ୍ଧତି, ପିଲାମାନଙ୍କ ପାଇଁ ଉପଲବ୍ଧ ଥିବା ଅନ୍ୟାନ୍ୟ ଯୋଜନା ସଂପର୍କରେ ବିଭିନ୍ନ ସୂଚନା ଏହି ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରାଯିବ । ପିଲାମାନଙ୍କ ପାଇଁ ଉପଲବ୍ଧ ସହାୟତା ରାଶି ସେମାନଙ୍କ ନିକଟରେ ଠିକ୍ ସମୟରେ ପହଂଚୁଛି କି ନାହିଁ, ଏହି ପୋର୍ଟାଲ ମାଧ୍ୟମରେ ପରିଚାଳନା କରାଯିବ । ଏହି ପୋର୍ଟାଲ୍‌ର ବ୍ୟବହାର ସଂପର୍କରେ ଖୁବ୍ ଶୀଘ୍ର କ୍ଷେତ୍ର କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯିବ । ଏହି ପରିପ୍ରେକ୍ଷୀରେ ଆଭାସୀ ମାଧ୍ୟମରେ ଆଜି ଏହି ଲୋକାର୍ପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ମହିଳା ଓ ଶିଶୁବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଲେ, "ଗତ ଦୁଇବର୍ଷ ଧରି ସମସ୍ତଙ୍କ ଜୀବନ କଷ୍ଟରେ ବିତିଛି । କେହି ନା କେହି ନିଜ ଲୋକଙ୍କୁ ହରାଇବାର ଦୁଃଖ ଆମ ସମସ୍ତଙ୍କୁ ସହିବାକୁ ପଡ଼ିଛି । କିନ୍ତୁ ଏଥିରେ ସବୁଠାରୁ ବେଶୀ ପ୍ରଭାବିତ ହୋଇଛନ୍ତି ନିରୀହ କୋମଳମତି ଶିଶୁମାନେ । ପିତାମାତାଙ୍କୁ ହରାଇ ଅସହାୟ ହୋଇପଡ଼ିଥିବା ଶିଶୁମାନଙ୍କ ଭବିଷ୍ୟତକୁ ସୁନିଶ୍ଚିତ ଓ ସୁରକ୍ଷିତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ 'ଆଶୀର୍ବାଦ' ଯୋଜନା କାର୍ଯ୍ୟକାରୀ କରାଯାଇଛି । ପିଲାମାନଙ୍କୁ କେବଳ ଆର୍ଥିକ ସହାୟତା ପ୍ରଦାନ ନୁହେଁ ଏଥି ସହିତ ମାନସିକ ଏବଂ ସାମାଜିକ ସ୍ତରରେ ମଧ୍ୟ ସେମାନଙ୍କ ମନୋବଳ ବଢ଼ାଇବା ଦିଗରେ ଆମକୁ ଆହୁରି ଯତ୍ନବାନ ହେବାକୁ ପଡ଼ିବ । ତେବେ ଯେଉଁଠାରେ ବି ସମ୍ବେଦନପ୍ରବଣ ଶିଶୁଟିଏ ଚିହ୍ନଟ ହେଉଛି ତା'ର ପରିବାର ଏବଂ ସଂପର୍କୀୟଙ୍କ ସଙ୍ଗେ ପରାମର୍ଶ କରି ତାକୁ ଆନୁଷ୍ଠାନିକ ଯତ୍ନ କେନ୍ଦ୍ରରେ ରଖିବା ପରିବର୍ତ୍ତେ ପରିବାର ଲୋକଙ୍କ ମଧ୍ୟରେ ଘରୋଇ ପରିବେଶରେ ଥଇଥାନ କରିବା ନିମନ୍ତେ ସମସ୍ତ ଅଂଶୀଦାରମାନେ ପଦକ୍ଷେପ ନେବାକୁ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଥିଲେ ।
ଏହି ପୋର୍ଟାଲର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇ ନିର୍ଦ୍ଦେଶକ, ସମନ୍ୱିତ ଶିଶୁ ବିକାଶ ଶ୍ରୀ ଅରବିନ୍ଦ ଅଗ୍ରୱାଲ କହିଥିଲେ, କୋଭିଡ୍ ସ୍ଥିତିରେ କୋମଳମତି ଶିଶୁମାନେ ବହୁ କଠିନ ସମୟ ଦେଇ ଗତି କରିଛନ୍ତି । କୋଭିଡ୍‌ରେ ପିତାମାତା କିମ୍ବା ଉପାର୍ଜନକ୍ଷମ ମୁଖ୍ୟଙ୍କୁ ହରାଇଥିବା ଶିଶୁମାନଙ୍କ ଶିକ୍ଷା ଏବଂ ଅନ୍ୟାନ୍ୟ ସହାୟତା ପାଇଁ ସରକାର ଅତ୍ୟନ୍ତ ଯତ୍ନଶୀଳତାର ସହ ପଦକ୍ଷେପ ନେଉଛନ୍ତି । ଅନ୍ୟାନ୍ୟ କାରଣରୁ ପିତା ବା ମାତାଙ୍କ ଦେହାନ୍ତ ହୋଇଥିଲେ ମଧ୍ୟ ଖାଦ୍ୟ ସୁରକ୍ଷା ଆଇନ୍, ସ୍ୱାସ୍ଥ୍ୟ ବୀମା, ଶିକ୍ଷା ପ୍ରଦାନ ପାଇଁ ବିଭିନ୍ନ ଯୋଜନାରେ ଏହି ଶିଶୁମାନଙ୍କୁ ସାମିଲ କରାଯାଉଛି । ଆଶୀର୍ବାଦ ପୋର୍ଟାଲର ଉପଯୁକ୍ତ ପରିଚାଳନା କରିବା ଏବଂ ଅର୍ଥ ପ୍ରଦାନ ପ୍ରକ୍ରିୟାକୁ ଏହି ପୋର୍ଟାଲ୍ ମାଧ୍ୟମରେ ତ୍ୱରାନ୍ୱିତ କରିବା ଉପରେ ନିର୍ଦ୍ଦେଶକ ଶ୍ରୀ ଅଗ୍ରୱାଲ୍ ଗୁରୁତ୍ୱ ପ୍ରଦାନ କରିଥିଲେ । ୟୁନିସେଫ୍, ଓଡ଼ିଶାର ଚିଫ୍ ଫିଲ୍ଡ ଅଫିସ୍ ମୋନିକା ନିଲେସନ୍ କୋଭିଡ୍‌ରେ କ୍ଷତିଗ୍ରସ୍ତ ଶିଶୁମାନଙ୍କୁ ପୁଣିଥରେ ସ୍ୱାଭାବିକ ଜୀବନ ମଧ୍ୟକୁ ଫେରାଇ ଆଣିବା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ଏହି ଅବସରରେ 'ଆଶୀର୍ବାଦ' ଯୋଜନାର ପୋର୍ଟାଲ୍‌ର ଭିଡ଼ିଓ ଲୋକାର୍ପିତ ହୋଇଥିଲା । ନବରଙ୍ଗପୁର, ବୌଦ୍ଧ, ପୁରୀ, କଟକ ଏବଂ ଯାଜପୁର ପ୍ରଭୃତି ଜିଲ୍ଲାରେ ଆଶୀର୍ବାଦ ଯୋଜନାର ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା ରାଶି ବଂଟନ କରାଯାଇଥିଲା ।

# ହଜାରେ ପିଲାଙ୍କୁ ପଠାଣୀ ସାମନ୍ତ ମେଧାବୃ ି: ଏ ମାସ ଶେଷ ସୁଦ୍ଧା ୧୦ ହଜାର ଲେଖାଏ ମିଳିବ

ଭୁବନେଶ୍ୱର ,୧୮/୧୧ (ନି.ପ୍ର): ଚଳିତବର୍ଷ ପାଇଁ ରାଜ୍ୟର ଏକ ହଜାର ମେଧାବୀ ଛାତ୍ରଛାତ୍ରୀଙ୍କୁ ପଠାଣୀ ସାମନ୍ତ ମେଧାବୃତ୍ତି ପ୍ରଦାନ କରାଯିବ। ଏହି ବୃତ୍ତି ପାଇଁ ଆବେଦନ କରିଥିବା ୧୦୬୫ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷମାନେ ସେଗୁଡ଼ିକର ତର୍ଜମା କରିବା ପରେ ନଭେମ୍ବର ଶେଷ ସୁଦ୍ଧା ପ୍ରତି ପିଲାଙ୍କୁ ୧୦ ହଜାର ଟଙ୍କା ଲେଖାଏ ଦିଆଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ମାନଙ୍କ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରରେ ୧୦ ହଜାର ଛାତ୍ରଛାତ୍ରୀଙ୍କୁ ଦୁଇ ବର୍ଷ ପାଇଁ କନିଷ୍ଠ ମେଧାବୃତ୍ତି ପ୍ରଦାନ ପାଇଁ ଅନ୍‌ଲାଇନ୍ ଆବେଦନ ପାଇଁ ଇତି ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାବ୍ୟତୀତ ଏନ୍‌ଆରଟିଏସ୍ ପରୀକ୍ଷା ଲାଗି ବିଏସ୍‌ଇ(ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେସନ) ଦ୍ୱାରା ପଦକ୍ଷେପ ନିଆଯାଇଛି। ଏଫ୍‌ଏଲ୍‌ଏନ୍‌କୁ ଗୁରୁତ୍ୱ ପ୍ରଦାନ ସହ ଏସ୍‌ସିଇଆରଟି ଓ ଓସେପା ମିଳିତ ଭାବେ ଏହି କାର୍ଯ୍ୟକ୍ରମକୁ ହାତକୁ ନେବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଶିକ୍ଷକମାନଙ୍କର ରେସନାଇଲେଜସନ୍ ସହ ବଦଳି ପ୍ରକ୍ରିୟାକୁ ନଭେମ୍ବର ୩୦ ସୁଦ୍ଧା ସାରିବାକୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଏଣିକି ପ୍ରତି ମାସ ଦ୍ୱିତୀୟ ଶନିବାର ସ୍କୁଲରେ ଅଭିଭାବକ ଓ ଶିକ୍ଷକ ବୈଠକ(ପିଟିଏ) କରାଯିବ। ଅନ୍ୟପକ୍ଷରେ ହିନ୍ଦୀ, ପିଇଟି ଓ ସଂସ୍କୃତ ଶିକ୍ଷକ ପରୀକ୍ଷାର ଫଳ ପ୍ରକାଶ ପାଇଛି। ତେଣୁ ଆବଶ୍ୟକତା ଭିତ୍ତିରେ ଜିଲ୍ଲାଗୁଡ଼ିକରେ ସେମାନଙ୍କର ପୋଷ୍ଟିଂ କରିବା ପାଇଁ କୁହାଯାଇଛି। ରୂପାନ୍ତରିତ ସ୍କୁଲ ଓ 'ମୋ ସ୍କୁଲ' ବିଦ୍ୟାଳୟଗୁଡ଼ିକରେ ବ୍ୟାପକ ଭାବେ ଅର୍ଥ ବିନିଯୋଗ କରି ବିଭିନ୍ନ ସାମଗ୍ରୀ କରାଯାଇଛି। ସେଗୁଡ଼ିକର ସୁପରିଚାଳନା ପାଇଁ ସଂପତ୍ତି ରେଜିଷ୍ଟର, ସୂଚନା ଫଳକ ଓ ସାମାଜିକ ସମୀକ୍ଷା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ଓସେପା ପକ୍ଷରୁ ଦିଆଯାଇଥିବା ଅର୍ଥର ବିନିଯୋଗ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ରୂପାନ୍ତରିତ ବିଦ୍ୟାଳୟର ଡିଜିଟାଲ୍ ପାଠାଗାର ଓ ନ୍ୟାସନାଲ ଡିଜିଟାଲ ଲାଇବ୍ରେରି ୱେବସାଇଟ୍ ମାଧ୍ୟମରେ ଛାତ୍ରଛାତ୍ରୀ ବିଭିନ୍ନ ପରୀକ୍ଷା ପାଇଁ ପ୍ରଶ୍ନପତ୍ର, ଟେଷ୍ଟ ବୁକ୍, ଷ୍ଟୋରୀ ବୁକ୍ ତଥା ଅନ୍ୟାନ୍ୟ ଆବଶ୍ୟକ ବହି ପଢ଼ିପାରିବେ। ଛାତ୍ରଛାତ୍ରୀଙ୍କ ଲିଖନ ଅଭ୍ୟାସ ପାଇଁ ହସ୍ତାକ୍ଷର, ଶ୍ରୁତଲିଖନ, ରଚନା ଓ ପତ୍ରଲିଖନ ଉପରେ ଗୁରୁତ୍ୱ ଦିଆଯିବ। ଏହାବ୍ୟତୀତ ବିଭିନ୍ନ ପ୍ରକାର ପ୍ରତିଭାର ଚିହ୍ନଟ ଓ ବିକାଶ ପାଇଁ ସହପାଠ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଦ୍ୟାଳୟସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ କରାଯିବ। ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନପ୍ରକାର ସହପାଠ୍ୟ କାର୍ଯ୍ୟକ୍ରମ ସହ ସେମାନଙ୍କର ଶିକ୍ଷଣ ସ୍ଥିତି ଆକଳନ ପାଇଁ ବେସ୍‌ଲାଇନ୍ ଟେଷ୍ଟ କରି ପ୍ରତିଯୋଗିତାମୂଳକ ଶିକ୍ଷା ଦିଆଯିବ।

# ସ୍ମାର୍ଟ ହେଲା ଉଚ୍ଚ ବିଦ୍ୟାଳୟ, ସ୍ମାର୍ଟ ହେବେ ଛାତ୍ରଛାତ୍ରୀ

## ପ୍ରଥମ ପର୍ଯ୍ୟାୟରେ ୨୬ଟି ବ୍ଲକର ୬୦ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ




ବାରିପଦା, ୧୮/୧୧(ନିପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା ସରକାରଙ୍କ ତରଫରୁ ସାରା ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ମୋଟ ୧୪୭୦ ଟି ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରିତ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେଥିମଧ୍ୟରୁ ଗୁରୁବାର ରାଜ୍ୟରେ ୫-T ଅଧୀନରେ ମୋଟ ୫ ଗୋଟି ଜିଲ୍ଲାରେ ୧୫୮ ଟି ଉଚ୍ଚ ବିଦ୍ୟାଳୟକୁ ଭିଡ଼ିଓ କନଫେରୋନ୍ସିଂ ମାଧ୍ୟମରେ ଲୋକର୍ପଣ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ। ଭୁବନେଶ୍ୱରରେ ୫ଟି ସଚିବ ଭି କେ ପଣ୍ଡିଆନ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେଥି ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାର ପ୍ରଥମ ପର୍ଯ୍ୟାୟରେ ୨୬ଗୋଟି ବ୍ଲକର ୬୦ଗୋଟି ଉଚ୍ଚ ବିଦ୍ୟାଳୟର ଲୋକର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମ ମହାରାଜା କୃଷ୍ଣଚନ୍ଦ୍ର (ଗକଉ) ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅପରାହ୍ନରେ ଲୋକାର୍ପଣ କରାଯାଇଛି। ଏହି ପେରିପ୍ରେକ୍ଷୀରେ ମଞ୍ଚରେ ରାଜ୍ୟ ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ସାଂସଦ ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜକିଶୋର ଦାସ, କରଞ୍ଜିଆ ବିଧାୟକ ବାସନ୍ତି ହେମ୍ବ୍ରମ, ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ଛାତ୍ରୀ ମଧୁସ୍ମିତା ସାହୁ ଉପସ୍ଥିତ ରହିଥିଲେ। ଏବଂ ପୁର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୁର୍ବତନ ଏସଡିସି ଚେୟାରମ୍ୟାନ ଡ଼ଃ ଦେବାଶିଷ ମାରାଣ୍ଡି, ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ, ପିଡ଼ି ଡିଆରଡିଏ ଅନ୍ୱେଷା ଦାସ, ଆରକ୍ଷୀ ଅଧିକ୍ଷକ ଦ୍ୟାନଦେଓ ରଷିକେଶ ଖିଲାରୀ, ପ୍ରଭାତ ନାୟକ ଓ ବିଭାଗୀୟ ସରକାରୀ ଅଧିକାରୀ ସହିତ ଶିକ୍ଷକ, ଛାତ୍ର ଛାତ୍ରୀ, ଅଭିଭାବକ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ୫-ଟି ମାଧ୍ୟମରେ ଉକ୍ତ ଉଚ୍ଚ ବିଦ୍ୟାଳୟ ଗୁଡିକୁ ରୂପାନ୍ତରଣ କରାଯାଇ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ଆଧୁନିକ ବିଜ୍ଞାନ ପରୀକ୍ଷାଗାର, ଖେଳ ପଡିଆ ଓ ଖେଳ ଉପକରଣ, ସ୍କୁଲ ପରିସର ସ୍ୱଚ୍ଛତା ଏବଂ ପାନୀୟ ଜଳ ସହିତ ମୋ ବିଦ୍ୟାଳୟ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ତେବେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ଉପଖଣ୍ଡ ଅନ୍ତର୍ଗତ ବାରିପଦା ବ୍ଲକର ଏମ୍ କେ ସି ଉଚ୍ଚ ବିଦ୍ୟାଳୟ, ଏମ୍ ପି କେ ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟ, ଲେଡି ହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ, ବେତନା ଅଞ୍ଚଳର ବିର୍ଷାମୁଣ୍ଡା ଉଚ୍ଚ ବିଦ୍ୟାଳୟ, ସେହିପରି ବଡ଼ସାହି, ବାଙ୍ଗରିପୋଷି, ରସଗୋବିନ୍ଦପୁର, ସରସକଣା ବ୍ଲକ ଅନ୍ତର୍ଗତ ପ୍ରତ୍ୟେକରୁ ତିନୋଟି ଲେଖାଏଁ ଉଚ୍ଚ ବିଦ୍ୟାଳୟ, ବେତନଟୀ, କୁଳିଅଣା, ମୋରଡ଼ା, ସାମଖୁଣ୍ଟା, ଶୁଳିଆପଦା ବ୍ଲକ ଅନ୍ତର୍ଗତ ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଚ୍ଚ ବିଦ୍ୟାଳୟର ରୂପାନ୍ତରିତ କରାଯାଇଛି। ରାଇରଙ୍ଗପୁର ଉପଖଣ୍ଡ ଅନ୍ତର୍ଗତ ବହଳଦା, ବିଜାତଳା, ବିଶୋଇ, ଜାମଦା, କୁସୁମି, ରାଇରଙ୍ଗପୁର, ତିରିଂ ବ୍ଲକର ପ୍ରତ୍ୟେକ ଅଞ୍ଚଳରେ ଦୁଇଟି ଲେଖାଏଁ ଉଚ୍ଚ ବିଦ୍ୟାଳୟର ରୂପାନ୍ତରିତ ହୋଇଛି। ସେହିପରି କରଞ୍ଜିଆ ଉପଖଣ୍ଡ ଅନ୍ତର୍ଗତ ଜଶିପୁର ବ୍ଲକର ତିନୋଟି ଏବଂ କରଞ୍ଜିଆ, ରରୁଆଁ, ସୁକ୍ରୁଳି, ଠାକୁରମୁଣ୍ଡା ବ୍ଲକର ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ହୋଇଛି। ଉଦଳା ଉପଖଣ୍ଡର କପ୍ତିପଦା ବ୍ଲକର ତିନୋଟି ଏବଂ ଜିବି ନଗର, ଖୁଣ୍ଟା, ଉଦଳା ବ୍ଲକର ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଚ୍ଚ ବିଦ୍ୟାଳୟର ରୂପନ୍ତରଣ କରାଯାଇଛି। ସ୍ମାର୍ଟ କ୍ଲାସ ମାଧ୍ୟମରେ ପିଲାମାନେ ଟିଭି, କୋମ୍ପ୍ୟୁଟର, ପ୍ରଜେକ୍ଟର, ଇଣ୍ଟରନେଟ ଇତ୍ୟାଦି ବ୍ୟବହାର କରି ଅଡିଓ ଭିଜୁଆଲ ମାଧ୍ୟମରେ ସହଜରେ ପାଠ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ ଓ ମନେ ରଖି ପାରିବେ।

# ଚାଷୀ ଆତ୍ମହତ୍ୟାକୁ ନେଇ ସିପିଆଇ(ଏମ୍)ର ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୧୮/୧୧(ନିପ୍ର) : ନିକଟରେ ଜଳେଶ୍ୱର ଅଂଚଳରେ ଜଣେ ଚାଷୀଙ୍କ ନିଜର ଖରିଫ ଧାନଚାଷର କ୍ଷତିର ସାମ୍ନା କରିନପାରି ଆତ୍ମହତ୍ୟା କରିଥିବାରୁ କୃଷି ବିଭାଗର ଅବହେଳା ଓ ସ୍ଥାନୀୟ ପ୍ରଶାସନର ଉଦାସୀନତାକୁ ଦାୟୀ କରିଛନ୍ତି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମୃତ ଚାଷୀର ଋଣ ଛାଡ କରିବା, ପରିବାରକୁ ୧୦ଲକ୍ଷ ଟଙ୍କାର କ୍ଷତି ପୂରଣ ହେବା ଓ ତାର ବେକାର ପୁଅକୁ ଚାକିରୀ ଦେବା ଦାବି କରିଛନ୍ତି ଅନ୍ୟଥା ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି । ଘଟଣାରୁ ପ୍ରକାଶ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ପଂଚାୟତର ଶାଳିକୋଠା ଗ୍ରାମର ଲକ୍ଷ୍ମିନାରାୟଣ ଜେନା ଓରଫ ମଡିଆ ଚଳିତବର୍ଷ ସମବାୟ ବ୍ୟାଙ୍କରୁ ୩୦ ହଜାର ଟଙ୍କା, ପଂଜାବ ନେସନାଲ ବ୍ୟାଙ୍କରୁ ୨୫ ହଜାର ଟଙ୍କା ସହିତ ମୋଟ ୨ଲକ୍ଷ ଟଙ୍କାର ଋଣ କରି ନିଜର ଦେଢ଼ ଏକର ଓ ଅଢ଼େଇଏକର ଜମି ଭାଗଚାଷ କରିଥିଲେ । ବର୍ଷା ଓ ବନ୍ୟା ଫଳରେ ବ୍ୟାପକ କ୍ଷତି ଘଟିଥିବା ବେଳେ ଚକଡା ପୋକ ଯୋଗୁଁ ଋଣ ପରିଶୋଧ ନେଇ ଲକ୍ଷ୍ମିନାରାୟଣ ଚିନ୍ତାଗ୍ରସ୍ତ ଥିଲା । ଗତ ୧୫ ତାରିଖରେ ତାର ମୃତ୍ୟୁ ଘଟିଥିବା ବେଳେ ୧୭ତାରିଖରେ ସିପିଆଇଏମ୍ର ଏକ ପ୍ରତିନିଧି ଦଳ ତାଙ୍କ ଘରେ ପହଞ୍ଚି ତାଙ୍କ ପରିବାରର ଦୁର୍ଦ୍ଦଶା ଓ ଏପରି କରୁଣ ଦୃଶ୍ୟକୁ ହୃଦୟଙ୍ଗମ କରିଥିଲେ । ଅମଳ ହେବାକୁ ଥିବା ଧାନଚାଷର ୭୦ଭାଗ ନଷ୍ଟ ହୋଇଥିବାରୁ ଋଣ ପରିଶୋଧ ନେଇ ଅନନ୍ୟପାୟ ହୋଇ ସେ ଆତ୍ମହତ୍ୟା କରିଥିବା ଆଜି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ମୃତ୍ୟର କିଛିଦିନ ପୂର୍ବରୁ ଚକଡାପୋକ ପ୍ରତିକାର ଲାଗି ସେ ବାରମ୍ବାର କୃଷି କର୍ମଚାରୀଙ୍କ ପରାମର୍ଶ ଲାଗି କାର୍ଯ୍ୟାଳୟକୁ ଯାଇଥିବା ବେଳେ ୮ଶହ ଟଙ୍କାରେ ମିଳିବାକୁ ଥିବା କୀଟମରା ଔଷଧକୁ ୧୫୦୦ ଟଙ୍କାରେ କିଣି ଠକାମୀର ଶୀକାର ହୋଇଥିଲା । କେବଳ ଲକ୍ଷ୍ମିନାରାୟଣ ନୁହନ୍ତି, ୨୦୧୨ ମସିହାରୁ ଦେଶରେ ୪ଲକ୍ଷରୁ ଅଧିକ ଚାଷୀ ଆତ୍ମହତ୍ୟ କରିଥିବାର ସେମାନେ କହିଛନ୍ତି । ଓଡିଶାରେ ମଧ୍ୟ ଚାଷୀ ତାର ନ୍ୟାର୍ଯ୍ୟ ଅଧିକାର ପାଉନଥିବାରୁ ପରିସ୍ଥିତି ଜଟିଳ ହେବାରେ ଲାଗିଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଦିଲ୍ଲିପ କୁମାର ଗିରି, ଦୀପ୍ତିମାନ ଆଚାର୍ଯ୍ୟ, ରବିନ୍ଦ୍ର ବାରିକ, ଦିଲ୍ଲିପ ପରିଡା, ପଲ୍ଟୁ ଦାସ, ଜୀବନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ହୃଦ୍‌ଘାତରେ ଚାଷୀଙ୍କ ମୃତ୍ୟୁ



ବସ୍ତା,୧୮/୧୧ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ବେଲା ଗ୍ରାମ ର ଚାଷୀ ପଦାରବିନ୍ଦ ସାହୁ (୬୨) ଗୁରୁବାର ହୃଦଘାତ ରେ ପ୍ରାଣହରାଇଛନ୍ତି । ସବୁଦିନ ଭଳି ସେ ସକାଳେ ମର୍ଣିଙ୍ଗ ୱାକ ରେ ଯାଇଥିଲେ। ହଠାତ ଅସୁସ୍ଥ ଅନୁଭବ କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଘରକୁ ନେଇଆସିଥିଲେ। ଏହାପରେ ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଜଣେ ଅଗ୍ରଣୀ ଚାଷୀ, ମାର୍ଜିତ ବ୍ୟବହାର, ଆଧ୍ୟାତ୍ମିକବାଦୀ, ମିଷ୍ଟଭାଷୀ ଭାବେ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ରେ ସ୍ତ୍ରୀ, ପୁଅ, ପୁଅବୋହୂ, ଝିଅ ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁ ବାନ୍ଧବ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ତାଙ୍କ ମରଶରୀର କୁ ଶୋଭାଯାତ୍ରା ରେ ନିଆଯାଇ ଗାଁ ଶ୍ମଶାନ ରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ କରାଯାଇଥିଲା ।

# ରାଜ୍ୟରେ କରୋନାରେ ଆଉ ୩ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୩ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୮୬ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା, ପୁରୀ ଓ ସୁନ୍ଦରଗଡ ଜିଲ୍ଲାରୁ ୧-୧ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।

# ନୀଳଗିରି ଥାନାରେ ନୂତନ ଆଇ.ଆଇ.ସି. ଙ୍କ ଯୋଗଦାନ

ନୀଳଗିରି, ୧୮/୧୧ (ନି.ପ୍ର): ଆଜକୁ ୪/୫ ମାସ ଧରି ନୀଳଗିରି ଥାନାରେ ଥାନା ଅଧିକାରୀଙ୍କ ଚୌକି ଫାଙ୍କା ପଡ଼ିଥିବା ବେଳେ ଥାନାର ସବଇନିସ୍‌ପେକ୍ଟର ବାସୁଦେବ ଜୟସିଂହ ଦାୟିତ୍ୱ ନେଇଥିଲେ । ଗତ ବୁଧବାର ଦିନ ଯାଜପୁର ଗୋଇନ୍ଦା ବିଭାଗର ଥିବା ଦ୍ରୌପଦୀ ଦାସ ନୀଳଗିରି ଥାନାର ଆଇ.ଆଇ.ସି. ଭାବେ ଯୋଗଦାନ କରିଛନ୍ତି। ନୀଳଗିରି ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ସମସ୍ତଙ୍କୁ ବିଶ୍ୱାସ ଓ ଆସ୍ଥା ରଖି ନ୍ୟାୟ ଦେବାକୁ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଆଇନ ଶୃଙ୍ଖଳା ଉପରେ ଅଧିକ ଗୁରୁତ୍ୱ ଦେବା ସହ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଉଚିତ ନ୍ୟାୟ ଦେବା ପାଇଁ ଚେଷ୍ଟା କରିବେବୋଲି ସୂଚନା ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କେନ୍ଦୁଝର ଜିଲ୍ଲାର ୪.୨ ଲକ୍ଷ ପରିବାର....

ଜନଜାତି ଭାଇ ଭଉଣୀ ଉପକାର ପାଇବେ ବୋଲି ସେ କହିଥିଲେ । ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଶିଶୁ ଦିବସ ଦିନ ୧୦୦ଟି ରୂପାନ୍ତରିତ ସ୍କୁଲର ଲୋକାର୍ପଣ ପାଇଁ ଖୁସି ବ୍ୟକ୍ତ ପାଇଁ ଏଥିପାଇଁ କାମ କରିଥିବା ଲୋକ ମାନଙ୍କୁ ଧନ୍ୟବାଦ ଦେଇଥିଲେ। ଗୋଟିଏ ଦିନରେ ୧୦୦ଟି ସ୍କୁଲର ଲୋକାର୍ପଣ ସାରା ରାଜ୍ୟରେ ଏକ ରେକର୍ଡ ବୋଲି ସେ କହିଥିଲେ। ପୁଷ୍ଟି ନିରାପତା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲା ଭଲ ପ୍ରଦର୍ଶନ କରୁଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏଥିରେ ଖୁସି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର ଓ କେନ୍ଦୁଝର ପାଟଣା ବିଧାୟକ ଶ୍ରୀ ଜଗନ୍ନାଥ ନାୟକ ଯୋଗ ଦେଇ ଓଡିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସାରା ଦେଶରେ ଓଡିଶାର ମର୍ଯ୍ୟାଦା ବୃଦ୍ଧି କରିଛି ବୋଲି କହିଥିଲେ। ବିଶେଷକରି, କୋଭିଡ ମହାମାରୀ ସମୟରେ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ସାରା ଦେଶରେ ଅନେକ ଜୀବନ ବଂଚାଇବାରେ ସଫଳ ହୋଇଥିଲା ବୋଲି ସେମାନେ କହିଥିଲେ । କେନ୍ଦୁଝରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅନେକ ପଦକ୍ଷେପ ନେଇଛନ୍ତି ବୋଲି ପ୍ରକାଶ କରି ସେମାନେ ବିଭିନ୍ନ କ୍ଷେତ୍ରରେ କେନ୍ଦୁଝର ଜିଲ୍ଲାର ବିକାଶ ଉପରେ ଆଲୋକପାତ କରିଥିଲେ।

## ଜିଲ୍ଲାପାଳଙ୍କ ସମ୍ମୁଖରେ ତଳେ....

ବାଟ ରୋକିଲେ ଜଣେ ଆଦିବାସୀ ମହିଳା । ଜିଲ୍ଲା ଶିକ୍ଷାଧିକାରୀଙ୍କ ପାଖକୁ ଫର୍ଦ୍ଦଫର୍ଦ୍ଦର୍ ଅଭିଯୋଗ ପତ୍ର ଲେଖି ନିରାଶ ହେଲା ପରେ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଧାରଣ ଉପରେ କାହାରି ନଜର ପଡିଲା ନାହିଁ, ତେଣୁ ଜିଲ୍ଲାପାଳଙ୍କ ଆଗରେ ତଳେ ଶୋଇ ପଡିଲେ ମହିଳା । ତେବେ ଜିଲ୍ଲାପାଳ ମହିଳାଙ୍କୁ ଉଠାଇ ତାଙ୍କ ଅଭିଯୋଗ ଦାବିପତ୍ର ରଖିଛନ୍ତି । ସୁନ୍ଦରଗଡ ଜିଲ୍ଲାପାଳଙ୍କୁ ଏମିତି ଢଙ୍ଗରେ ଦାବି ଜଣାଇଥିବା ମହିଳା ଜଣଙ୍କ ହେଉଛନ୍ତି ସଦର ବ୍ଲକ ମଝାପଡାର ପିରୋ କିଶାନ । ଦୀର୍ଘ ୧୦ ବର୍ଷ କାଳ ବିନା ପାରିଶ୍ରମିକରେ ମଝାପଡା ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଅନ ଭାବରେ କାମ କରୁଥିଲେ । ସେତେବେଳେ ତାଙ୍କୁ ଭରସା ଦିଆଯାଇଥିଲା ବିଦ୍ୟାଳୟ ବ୍ଲକଗ୍ରାଣ୍ଟ ପାଇଲେ ତାଙ୍କୁ ନିଯୁକ୍ତି ମିଳିବ । ହେଲେ ବିଦ୍ୟାଳୟ ଯେତେବେଳେ ବ୍ଲକଗ୍ରାଣ୍ଟ ପାଇଲା ସେତେବେଳେ ପିରୋଙ୍କ ସ୍ଥାନରେ ଆଉ ଜଣଙ୍କୁ ନିଯୁକ୍ତି ମିଳିଛି । ଅଭିଯୋଗ ଅନୁସାରେ ଚାକିରି ସ୍ଥାୟୀ କରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ, ପିରୋ ଲାଞ୍ଚ ଦେଇନପାରିବାରୁ ତାଙ୍କ ଚାକିରି ଛଡେଇ ନିଆଗଲା । ନିଜ ସମସ୍ୟା ନେଇ ପିରୋ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଜଣାଇଛନ୍ତି, ହେଲେ କେହି ତାଙ୍କ ଦୁଃଖ ନବୁଝିବାରୁ ସେ ଏବେ ସୁନ୍ଦରଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏଭଳି ପଦକ୍ଷେପ ନେଇଛନ୍ତି । ତେବେ ଏ ସଂପର୍କରେ ଜିଲ୍ଲାପାଳ କି ଜିଲ୍ଲାଶିକ୍ଷା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

## ଭିଜିଲାନ୍ସ ଜାଲରେ ପୁଣି ଜଣେ....

ଖଟତଳେ କୋଣରେ ପଡିଥିଲା । ବୋଧହୁଏ ସେ ନିଜେ ବି ଦେଖିନଥିଲେ । ପ୍ରକୃତରେ ତାହା ସତ ବି ହୋଇଥାଇପାରେ । କାରଣ ଟଙ୍କା କେତେ ଆସୁଛି କେତେ ଯାଉଛି ତାର କିଛି ହିସାବ ନାହିଁ । ରଷିନାଥଙ୍କ ପତ୍ନୀ ବ୍ୟବହାର କରୁଥିବା ସୁନା ଗହଣା ସମେତ ଲକ୍ଷାଧିକ ଟଙ୍କା ଜବତ ହୋଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ବ୍ୟାଙ୍କ ଆକାଉଂଟ ସିଜ ହୋଇଛି । ୩୮ ଲକ୍ଷ ଟଙ୍କାର ଇନ୍ସୁରାନ୍ସ ସମେତ ୨୮ ଲକ୍ଷ ଟଙ୍କାର ମ୍ୟୁଚୁଆଲ ଫଣ୍ଡ ରହିଛି ।ଅସେୟାର ବଜାରରେ ରଷିନାଥ ଟଙ୍କା ନିବେଶ କରିଛନ୍ତି ।ଅବିଭିନ୍ନ ଆକାଉଣ୍ଟରେ ୨୫ଲକ୍ଷ ଟଙ୍କା ରହିଛି । ୧୯୮୩ ମସିହାରେ ରଷିନାଥ ସରକାରୀ ଚାକିରୀ ପାଇଥିଲେ । ୨୦୧୮ରେ ପଦୋନ୍ନତି ହୋଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଏତେ ଟଙ୍କାର ମାଲିକ କିଭଳି ହେଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ....

ଅଭିଷେକ ଆଚାର୍ଯ୍ୟ, ଦିଲ୍ଲୀପ ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ ପ୍ରଧାନ, ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ମନୋଜ ପଶ୍ଚିମକବାଟ, ଜିଲ୍ଲା ମଣ୍ଡଳ ସଭାପତି ରାମଚନ୍ଦ୍ର ରଣସିଂ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ବିଜେପି ନେତା ଉପେନ୍ଦ୍ର ଭଞ୍ଜ, କାର୍ତ୍ତିକ ସୁନ୍ଦରାୟ, ଇଦିଶ ଭୂୟାଁ, ଅଭିଷେକ ନାୟକ, ଲୁଲୁ ଦଳେଇ, ସମ୍ବିତ ମହାପାତ୍ର, ଦେବାଶିଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ବୈକୁଣ୍ଠ ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା




ବାଲିଆପାଳ,୧୮/୧୧ (ନି.ପ୍ର): ବାଲିଆପାଳ ବ୍ଲକ ପ୍ରତାପପୁର ଗ୍ରାମର ବୈକୁଣ୍ଠ ରାଉତଙ୍କ ଏକାଦଶାହ ଉପଲକ୍ଷେ ବୁଧବାର ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମହିଳା ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟକାରିଣୀ ସଭାନେତ୍ରୀ ସୁବାସିନୀ ଜେନା ଯୋଗ ଦେଇ ସ୍ୱର୍ଗତ ରାଉତଙ୍କ ତ୍ୟାଗପୁତ ଜୀବନ ସଂପର୍କରେ ଆଲୋଚନା କରିଥିଲେ । ତାଙ୍କ ମୃତ୍ୟୁରେ ଆମ ସମସ୍ତଙ୍କର ଅପୂରଣୀୟ କ୍ଷତି ହୋଇଛି ବୋଲି କହିଥିଲେ । ଦଳର ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ,ମହିଳା ବ୍ଲକ ସଭାପତି କସ୍ତୁରୀବାଳା ପାତ୍ର, ପୂର୍ବତନ ଜିଲାପରିଷଦ ସଦସ୍ୟ ବଳରାମ ସାହୁ, ନିଶାକର ସେଠୀ, ବିମଳ ସାହୁ, ବେଣୁଧର ଜେନା, ଅଜୟ ପାତ୍ର, ବ୍ଲକ ଯୁବବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଦୀପ ଜେନା, ବସ୍ତାନିର୍ବାଚନୀ ମଣ୍ଡଳୀ ଆଇଟି ୱିଙ୍ଗ ସଭାପତି ସୁବ୍ରତ କୁମାର ପାତ୍ର,ଯୁବନେତା ସରୋଜ ଦାସ, ବିକାଶ ଜେନା, ସଂଗ୍ରାମ ପରିଡା, ଅମରେଶ ମିଶ୍ର, ଜ୍ୟୋତି ପ୍ରକାଶ ଭୂୟାଁ, ବୁଲୁ ବିଶ୍ୱାଳ, ସୁଧାଂଶୁ ବାରିକ, ମୃତ୍ୟୁଞ୍ଜୟ ଗୋଛାୟତ, ରଘୁନାଥ ଜେନା, ଶ୍ରୀଧର ଡାକୁଆ, ଗୋପନାରାୟଣ ଜେନା, ନମିତା ଡାକୁଆ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବୈକୁଣ୍ଠଙ୍କ ପୁତ୍ର ଯୁବନେତା ତଥା ସାମ୍ବାଦିକ ହାଡିବନ୍ଧୁ ରାଉତ,ପୁତ୍ର ବୋଧୂ କାବେରୀରାଣୀ ରାଉତ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

# ପଛୁଆବର୍ଗ ସଂରକ୍ଷଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା, ୧୮/୧୧ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ, ଜିଲ୍ଲା ପରିଷଦ, ପୌର ଓ ଏନଏସି ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲାରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ, ଅବହେଳା କରାଯାଇଥିବା ଅନ୍ୟାନ୍ୟ ପଛୁଆ ବର୍ଗ ମଂଚ ପକ୍ଷରୁ ଅଭିଯୋଗ କରାଯାଇଛି । ଜିଲ୍ଲାରେ ବସବାସ କରୁଥିବା ଅନ୍ୟାନ୍ୟ ପଛୁଆବର୍ଗଙ୍କ ସଂଖ୍ୟା ଅନୁପାତରେ ଶତକଡା ୨୭ ଭାଗ ପଞ୍ଚାୟତ, ଜିଲ୍ଲା ପରିଷଦ, ପୌର ଓ ଏନଏସି ନିର୍ବାଚନରେ ଆସନ ସଂରକ୍ଷଣ କରିବାକୁ ମୟୂରଭଞ୍ଜ ଅନ୍ୟାନ୍ୟ ପଛୁଆବର୍ଗ ମଞ୍ଚ ଦାବି କରିଛି । ମଙ୍ଗଳବାର ମଞ୍ଚର ସଭାପତି ଅବନୀ କୁମାର ମହାନ୍ତ, ସଂପାଦକ ବନମାଳୀ ମହାକୁଡ଼, ଅଧ୍ୟାପକ ଗୋପବନ୍ଧୁ, ଆଇନଜୀବୀ ବସନ୍ତ ମହାନ୍ତ ପ୍ରମୁଖ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସହ ଏବାବଦରେ ଆଲୋଚନା କରିବା ସହିତ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି ।

# ନବନିଯୁକ୍ତ ୪ ମଣ୍ଡଳ କାର୍ଯ୍ୟକାରୀ ସଭାପତିଙ୍କୁ ଅସିଦ୍ଧ ଘୋଷଣା କଲେ ବରିଷ୍ଠ ବିଜେପି ନେତା ଜୟନାରାୟଣ

ଜଳେଶ୍ୱର, ୧୮/୧୧(ନିପ୍ର) : ଗତ ନଭେମ୍ବର ୧୧ ତାରିଖରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି ମଣ୍ଡଳ (ରାଇବଣିଆ, ସୁବର୍ଣ୍ଣରେଖା, ସ୍ୱପ୍ନେଶ୍ୱର ଓ ପଶ୍ଚିମବାର୍ଡ)ର କାର୍ଯ୍ୟକାରୀ ସଭାପତିଙ୍କ ନାମ ପ୍ରକାଶ କରାଯିବା ଅଣସାମ୍ବିଧାନିକ ହୋଇଥିବାରୁ ଜଳେଶ୍ୱରର ଗତ ବିଧାନସଭା ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଜୟନାରାୟଣ ମହାନ୍ତି ଏହାକୁ ଅସିଦ୍ଧ ଘୋଷଣା କରିଛନ୍ତି । କୌଣସି ଠୋସ୍ କାରଣ ନ ଥାଇ ରାଜ୍ୟ ସଭାପତିଙ୍କ ବିନା ଅନୁମୋଦନରେ ଜିଲା ବିଜେପି ସଭାପତି ତରବରିଆଭାବେ କାର୍ଯ୍ୟକାରୀ ସଭାପତିମାନଙ୍କ ନାମ ଗଣମାଧ୍ୟମରେ ପ୍ରକାଶ କରିବା ଓ ନିଜ ଇଚ୍ଛାରେ କିଛିମାସ ପୂର୍ବରୁ ବିଧାନସଭାସ୍ତରୀୟ ପ୍ରଭାରୀ ନିଯୁକ୍ତ କରିବା ଦଳୀୟ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରାଯାଉଥିବା ଶ୍ରୀ ମହାନ୍ତି ଏକ ପ୍ରେସ୍‌ବାର୍ତ୍ତାରେ ପ୍ରକାଶ କରିଛନ୍ତି । ବିଗତ ଦିନରେ ଜଳେଶ୍ୱରର ବିଭିନ୍ନ ସମସ୍ୟା ନେଇ ଶ୍ରୀ ମହାନ୍ତିଙ୍କ ପକ୍ଷରୁ କରାଯାଇଥିବା ସାମ୍ବାଦିକ ସମ୍ମିଳନୀକୁ ଜିଲା ସଭାପତିଙ୍କ ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଦଳକୁ ଦୁର୍ବଳ କରିବାର ଏହା ପ୍ରୟାସ ବୋଲି ସେ ଅଭିଯୋଗ କରିଛନ୍ତି । ଆସନ୍ତା ତ୍ରୀସ୍ତରୀୟ ନିର୍ବାଚନରେ ଅନ୍ୟ ପ୍ରତିଦ୍ୱନ୍ଦୀ ଦଳମାନଙ୍କୁ କଡ ଜବାବ୍ ଦେବାକୁ ସେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବେ ବୋଲି ଏହି ପ୍ରେସ୍ ବାର୍ତ୍ତାରେ ସୂଚନା ଦେଇଛନ୍ତି ।

# ତିନିକୋଶିଆ ଜଙ୍ଗଲରେ ଚାଲିଛି କାଠ ମାଫିଆଙ୍କ ରାଜ

## ଡକାୟତ ଘଟଣାକୁ ରୂପଦେଇ ସ୍ୱଚ୍ଛତା ଦେଖାଉଛି କି ବନବିଭାଗ



ନୀଳଗିରି,୧୮/୧୧ (ନି.ପ୍ର): ବେଶ୍ କିଛି ଦିନି ଧରି ତିନିକୋଶିଆ ଜଙ୍ଗଲରେ କାଠ ମାଫିଆ ମାନେ ରାଜୁତି କରୁଥିବା ବେଳେ ବିଗତ ଦିନରେ ବଡ଼ ବଡ଼ ଶାଳଗଛମାନ କାଠ ମାଫିଆମାନେ କାଟି ନେଇଥିଲେ । ଏ ନେଇ ବନ ବିଭାଗ ଉପରେ ଚଡ଼କ ପଡ଼ିଥିଲା । ଗତ ବୁଧବାର ରାତି ପ୍ରାୟ ୧୧ଟା ସମୟରେ ଚୋରା କାଠ ମାଫିଆମାନେ ନୀଳଗିରି ଉଦଳା ରାସ୍ତାର ସଜନାଗଡ଼ ବଜାରର ନିକଟ ରାସ୍ତାକଡ଼ ଜଙ୍ଗଲ ଏକ ଶାଳଗଛକୁ କାଟୁଥିବା ବେଳେ ହଠାତ୍ ମୁଖ୍ୟ ରାସ୍ତା ଉପରେ ପଡ଼ିଯିବାରୁ ଯାତାୟତ ସଂପୂର୍ଣ୍ଣ ଠପ୍ ପାଲଟି ଯାଇଥିଲା । ଉକ୍ତ ସମୟରେ ଉଦଳାରୁ ଭୁବନେଶ୍ୱର ଯାଉଥିବା ବିଜୟା ବସଟି ମଧ ଅଟକି ଯାଇଥିଲା । ଫଳରେ ବସରେ ଯାଉଥିବା ଯାତ୍ରୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା । ମାତ୍ର ପ୍ରକୃତରେ ଡକାୟତ କରିବାକୁ ଏପରି କାଣ୍ଡ ଯୋଜନା କରିଥିଲେ ହୁଏତ ଯାତ୍ରୀମାନଙ୍କ ଠାରୁ ସୁନା ଅଳଙ୍କାର ଟଙ୍କା ଲୁଟ କରିଥାନ୍ତେ । ମାତ୍ର ୨ଜଣ ବ୍ୟକ୍ତି ବସର ଡ୍ରାଇଭରକୁ ଅନ୍ୟ ବାଟେ ଯିବା ପାଇଁ କହିଥାନ୍ତେ କ'ଣ ପାଇଁ ? ସେମାନଙ୍କ ନିକଟରେ କୌଣସି ମାରଣାସ୍ତ୍ର ନ ଥିବା ବେଳେ ଡକାୟତ କରିଥାନ୍ତେ କିଭଳି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ତେବେ ଏହା କାଠ ମାଫିଆଙ୍କର କାର୍ଯ୍ୟ ବୋଲି ଶୁଣିବାକୁ ମିଳୁଥିବା ବେଳେ ଏ ନେଇ ବସର କର୍ମଚାରୀ କିମ୍ବା ପୋଲସରେ କୌଣସି ଅଭିଯୋଗ ନ ଥିଲା । ପୂର୍ବରୁ ବଡ଼ ବଡ଼ ଶାଳଗଛକୁ କାଠମାଫିଆମାନେ କାଟି ନେଇଥିବାର ନଜର ଥିବା ବେଳେ ଉକ୍ତ ଗଛଟି ଫମ୍ପା ପଡ଼ିଯାଇଥିବାରୁ ଗଛଟି କୌଣସି କାର୍ଯ୍ୟରେ ନ ଆସିବାରୁ ମାଫିଆମାନେ ଛାଡ଼ି ପଳାଇଯାଇଥିଲେ । ମାତ୍ର ବନବିଭାଗ ଏହାକୁ ଡକାୟତ ରୂପଦେଇ ନିଜର ଦୋଷ ଦୁର୍ବଳାତାକୁ ଲୁଚାଉଥିବାର ବେଶ ଚର୍ଚ୍ଚା ଚାଲିଛି । ଡକାୟତ ପ୍ରସଙ୍ଗକୁ ନେଇ ନୀଳଗିରି ଡେପୁଟି ରେଞ୍ଜର ଗଣେଶ୍ୱର ଲେଙ୍କାକୁ ପଚାରିବାରୁ ଡକାୟତ ଘଟଣାକୁ ଅସ୍ୱୀକାର କରିବା ସହ ଘଟଣାସ୍ଥଳରେ ଫରେଷ୍ଟର ଓ ଗାର୍ଡ ଯାଇଥିଲେ । କୌଣସି ମାରଣାସ୍ତ୍ର ନ ଥିବାର ଗାର୍ଡ ଜଣକ ସୂଚନା ଦେଇଥିବା ବେଳେ ରାତିରେ ପଡ଼ିଥିବା ଗଛଟିକୁ କାଟି ରାସ୍ତା ପରିଷ୍କାର କଲାପରେ ଯାତାୟତ ସ୍ୱଭାବିକ ହୋଇଥିଲା । ତେବେ ଉକ୍ତ ଘଟଣାକୁ ଡକାୟତ ରୂପଦେଇ ବନବିଭାଗ ଖସିଯିବାକୁ ପ୍ରୟାସ କରୁଥିବା ବେଳେ ବାଲେଶ୍ୱର ଡି.ଏଫ.ଓ. ଉକ୍ତ ଘଟଣାକୁ ନିରପେକ୍ଷ ତଦନ୍ତ କଲେ ହୁଏତ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

# ବାଲିଆପାଳ ରୋଟାରୀ କ୍ଲବର ଚକ୍ଷୁ ଚିକିତ୍ସା ଶିବିର



ବାଲିଆପାଳ, ୧୮/୧୧ (ନି.ପ୍ର): ରୋଟାରୀ କ୍ଲବ ବାଲିଆପାଳ ଶାଖା ଓ ଜିଲା ରୋଟାରୀ ଚକ୍ଷୁ ଚିକିତ୍ସାଳୟର ମିଳିତ ସହ ଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଗୁରୁବାର କଟୁଆପଡା କାଂଚନେଶ୍ୱର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିବିରକୁ କ୍ଲବର ସଭାପତି ରୋଟାରିଆନ ଅସିତ କୁମାର ଦାସ ଫିତା କାଟି ଉଦଘାଟନ କରିଥିଲେ ଶିବିରରେ ୨ଶହ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କ ମୋତିଆବିନ୍ଦୁ ହୋଇଥିବା ଚିହ୍ନଟ କରାଯାଇଛି । ସେମାନଙ୍କୁ ମାଗଣାରେ ମୋତିଆବିନ୍ଦୁ ଅପାରେଶନ କରାଯିବ । ରୋଟାରୀ କ୍ଲବ ବାଲିଆପାଳ ଶାଖା ସଂପାଦକ ରୋଟାରିଆନ ଡ.ସନ୍ତୋଷ କୁମାର ଦାସ,ସୁବ୍ରତ କୁମାର ମହାପାତ୍ର, ଇଂ ସୁଶାନ୍ତ କୁମାର ଚକ୍ରବର୍ତୀ ,ଅତନୁ ପାଳ,ପ୍ରାକ୍ତନ ଅଧ୍ୟାପକ କୁଞ୍ଜକାନ୍ତ ପାତ୍ର,ତପନ ସାହୁ,ଅଦ୍ୱୈତ ସାହୁ,ଆଇନଜିବୀ ଅର୍ଦ୍ଧେନ୍ଦୁ ବାରିକ,ଜିଲା ଚକ୍ଷୁ ଚିକିତ୍ସାଳୟର ଚିଆରମ୍ୟାନ ରୋଟାରିଆନ ମାତୃଦତ ଦାସ,ଶିବିର ସହ ଯୋଗୀ ସୁଧାଂଶୁ ପଣ୍ଡା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଆଜି ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ : ସ୍ମୃତିର ବୋଇତରେ ସବୁଜ ବାର୍ତ୍ତା

ଭୁବନେଶ୍ୱର,୧୮/୧୧ (ନି.ପ୍ର): ଆଜି ପବିତ୍ର କାର୍ତିକ ପୂର୍ଣ୍ଣମୀ। ଉତ୍କଳୀୟ ପରମ୍ପରାରେ ଡ଼ଙ୍ଗା ଭସାଇବା ଓ ବୋଇତ ବନ୍ଦାଣର ଦିନ। ଅତୀତରେ ସାଧବ ପୁଅର ନୌବାଣିଜ୍ୟ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ବୋଇତରେ ଏକ ବଳିଷ୍ଠ ବାର୍ତା ଦେବା ପାଇଁ ପ୍ରୟାସ କରିଛନ୍ତି। ଭୁବନେଶ୍ୱର ପୋଖରୀପୁଟସ୍ଥିତ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ରେ ରହୁଥିବା ସୁଶାନ୍ତ ପରିବେଶ ଉପଯୋଗୀ ବାଉଁଶ, କାଠ ଓ ସୂତା, ରଙ୍ଗ ଆଦିକୁ ବ୍ୟବହାର କରି ତିଆରିଛନ୍ତି ଏକ ସବୁଜ ବୋଇତ। ବୋଇତ ଉପରେ ଓଡ଼ିଆ ଭାଷାରେ ରହିଛି ଏକ ସୁନ୍ଦର ପରିବେଶଧର୍ମୀ ମନଛୁଆଁ ସ୍ଲୋଗାନ୍ 'ଆସ ତିଆରିବା ହେନ୍ତାଳ ବଣ, ଏ ନେଇ ସମସ୍ତେ କରିବା ପଣ, ରହିବା ସୁରକ୍ଷିତ ସଭିଏଁ ଜାଣ'। ଦିନ ଥିଲା ସାଧବ ପୁଅ ବାଲି, ସୁମାତ୍ରା, ଜାଭା, ଶ୍ରୀଲଙ୍କା ଆଦି ଦେଶମାନଙ୍କରେ ନୌବାଣିଜ୍ୟ କରି ରାଜ୍ୟକୁ ନେଇ ଆସୁଥିଲେ ଅନେକ ଧନ, ରତ୍ନ ଇତ୍ୟାଦି। ରାଜ୍ୟ ହେଉଥିଲା ସମୃଦ୍ଧ। ସମ୍ପ୍ରତି ଦ୍ୱୀପ ମଧ୍ୟରେ ରହିଥିବା ଛୋଟ ଛୋଟ ଦେଶଗୁଡ଼ିକ ବିପଦରେ। ବିଶ୍ୱ ଜଳବାୟୁ ପରିବର୍ତନ ଯୋଗୁଁ ପୃଥିବୀ ତାପମାତ୍ରାରେ ଅସ୍ୱାଭାବିକ ପରିବର୍ତନ ସମଗ୍ର ମାନବ ସମାଜ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବାକୁ ଯାଉଛି। ଦ୍ୱୀପ ମଧ୍ୟରେ ରହିଥିବା ସମୃଦ୍ଧିଶାଳୀ ଦେଶ ଏବଂ ସମୁଦ୍ର ଉପକୂଳରେ ରହିଥିବା ଛୋଟ ବଡ଼ ସହର ଏବଂ ଗ୍ରାମଗୁଡ଼ିକ ସମୁଦ୍ର ଗର୍ଭରେ ଲୀନ ହୋଇଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏ ପ୍ରକାର ବିପଦକୁ କେବଳ ପରିବେଶ ସୁରକ୍ଷା ମାଧ୍ୟମରେ ଟାଳି ହେବ ବୋଲି ସୁଶାନ୍ତ କହିଛନ୍ତି। ସାମୁଦ୍ରିକ ଅବକ୍ଷୟ ଏବଂ ବାତ୍ୟାକୁ ରୋକୁଥିବା ହେନ୍ତାଳ ବଣ ହିଁ ଏକମାତ୍ର ସୁରକ୍ଷା କବଚ। ଯେଉଁ ସୁରକ୍ଷା କବଚ ଦିନେ ବାତ୍ୟା, ବନ୍ୟାକୁ ରୋକୁଥିଲା, ସେହି କବଚକୁ ମଜଭୂତ କରିବା ପାଇଁ ବ୍ୟାପକ ହେନ୍ତାଳ ବଣର ଆବଶ୍ୟକତା ରହିଛି। ତେଣୁ ଏ ଦିଗରେ ଜନସଚେତନତା ନିତାନ୍ତ ଆବଶ୍ୟକ ବୋଲି ପବିତ୍ର କାର୍ତିକ ପୂର୍ଣ୍ଣମୀ ଅବସରରେ ବୋଇତରେ ଶ୍ରୀ ସାହୁ ଦେଇଛନ୍ତି ଏହି ନିଆରା ବାର୍ତା। ସୁଶାନ୍ତଙ୍କ ଏହି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି।

# ଉଡ଼ନ୍ତା ପୋଲର ସଠିକ ମରାମତି ଦାବିରେ ଗଣଧାରଣା




ବାଲେଶ୍ୱର,୧୮/୧୧ (ନି.ପ୍ର): ବାଲେଶ୍ୱର ସହରର ପୁରାତନ ତଥା ପ୍ରଥମ ଉଡ଼ନ୍ତା ପୋଲର ସଠିକ ମରାମତି ଦାବିରେ ସିଭିଲ ସୋସାଇଟି ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଫକୀରମୋହନ ଗୋଲେଇଠାରେ ଗୁରୁବାର ଗଣ ଧାରଣା ଅନୁଷ୍ଠିତ ହୋଇଯାଇଛି। ଧାରଣାସ୍ଥଳରେ ବିଭିନ୍ନ ଗଣ ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ରାଜନୈତିକ ଦଳର ନେତୃତ୍ୱ ଏବଂ ସହରର ବୁଦ୍ଧିଜୀବୀମାନେ ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ସୋସାଇଟିର ଉପଦେଷ୍ଟା ବୈଦ୍ୟନାଥ ଷଡ଼ଙ୍ଗୀ, ଲକ୍ଷ୍ମୀଧର ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ବିଧାନ ଚନ୍ଦ୍ର ରାୟ, ଅନସୂୟା ନାୟକ, ଶ୍ରୀନିବାସ ପ୍ରଧାନ, ଅର୍ଚ୍ଚନା ନନ୍ଦୀ, ସୀତାରାମ ପ୍ରଧାନ, ଅଖିଳ କୁମାର ଦାସ, ଅଜିତ କୁମାର ବରାଳ, ପ୍ରତାପ ଚନ୍ଦ୍ର ନାୟକ, ମହମ୍ମଦ ଇସଲାମ, ଜ୍ୟୋସ୍ନା ମହାନ୍ତି, ସୁରମା ମିସ୍ତ୍ରୀ, ବାସନ୍ତି ସାମଲ, ଭରତ ଚନ୍ଦ୍ର ସେଠୀ, ଜଗତଜୀବନ ଦାସ, ସକିଲା ବାନୁ, ଶ୍ୟାମସୁନ୍ଦର ଜେନା, ଭାବଗ୍ରାହୀ ମହାନ୍ତି, ଚିତ୍ରାରାଣୀ ପାତ୍ର, ପରମାନନ୍ଦ ପଣ୍ଡା ଓ ମଧୁସୂଦନ ମହାପାତ୍ର ପ୍ରମୁଖ ଏହି ଧାରଣାରେ ସାମିଲ ହୋଇ ଉଡ଼ନ୍ତା ପୋଲର ସଠିକ ମରାମତି ଦାବି କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ପୋଲର ମରାମତି ପାଇଁ ମଞ୍ଜୁର ହୋଇଥିବା ପ୍ରାୟ ୯କୋଟି ଟଙ୍କାର ସଠିକ ବିନିଯୋଗ କରାଯାଉ ନଥିବା ସେମାନେ ଅଭିଯୋଗ କରିଥିଲେ। ନିମ୍ନଭାଗରେ ମରାମତି କାମ କରାନଯାଇ କେବଳ ଉପରିଭାଗରେ ଲୋକ ଦେଖାଣିଆ ମରାମତି କାର୍ଯ୍ୟ ଚାଲିଛି। ରେଳ ଧାରଣାର ପୂର୍ବପଟରେ ପୋଲ ତଳେ ଥିବା ବ୍ୟବସାୟୀମାନଙ୍କୁ ଉଚ୍ଛେଦ ନ କଲେ ସଠିକ୍ ମରାମତି କାର୍ଯ୍ୟ ହୋଇପାରିବ ନାହିଁ ବୋଲି ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରୀ ସଂସ୍ଥା କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରଶାସନକୁ ଅବଗତ କରିଥିଲେ। ଏନେଇ ବହୁବାର ଲିଖିତ ଭାବେ ମଧ୍ୟ ଜଣାଇଥିଲେ। ଏଥିପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମଧ କେତେକ ମକଦମା ଦାଖଲ କରାଯାଇଥିଲା। ବୃହତ ସ୍ୱାର୍ଥ ଦୃଷ୍ଟିରୁ ପୋଲ ତଳେ ଥିବା ଦୋକାନଗୁଡ଼ିକୁ ଉଚ୍ଛେଦ ପାଇଁ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଦାଲତ ଆଦେଶକୁ ମାନିନେଇ ବହୁ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ବନ୍ଦ କରି ଦେଇଥିଲେ ମଧ ପୋଲ ତଳ ଭାଗରେ ପିଲାର ଓ ସ୍ଲାପ ଗୁଡ଼ିକର ମରାମତି ଆରମ୍ଭ କରାଯାଇ ନାହିଁ। ମରାମତି କାର୍ଯ୍ୟରେ ଅନ୍ତରାୟ ହୋଇଥିବା ପୋଲ ତଳ ବେଆଇନ ନିର୍ମାଣଗୁଡ଼ିକୁ ଭଙ୍ଗାଯାଇ ନାହିଁ। ଏହିଭଳି ମରାମତି କରିବାକୁ ପ୍ରଶାସନର ନିର୍ଦ୍ଦେଶ ଅଛି ନାଁ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ହେଉଛି କିମ୍ବା ଠିକା ସଂସ୍ଥା ନିଜ ଇଚ୍ଛାରେ କରୁଛି ତାହାକୁ ନେଇ ଧାରଣା ସ୍ଥଳରେ ବହୁ ବକ୍ତାମାନେ ପ୍ରଶ୍ନ କରିବା ସହ ବିସ୍ମୟ ପ୍ରକାଶ କରିଥିଲେ।

# ଜାତୀୟ ସଫେଇ କର୍ମଚାରୀ କମିଶନଙ୍କ ଦିନିକିଆ ପାରାଦୀପ ଗସ୍ତ

ପାରାଦୀପ, ୧୮/୧୧ (ନି.ପ୍ର): ଜାତୀୟ ସଫେଇ କର୍ମଚାରୀ କମିସନ୍‌ର ମାନ୍ୟବର ସଦସ୍ୟ ଡ.ପି.ପି.ଭାଭା ଗୁରୁବାର ଦିନ ଦିନିକିଆ ପାରାଦୀପ ବନ୍ଦର ଗସ୍ତରେ ଆସିଥିଲେ । ପାରାଦୀପ ବନ୍ଦର ପ୍ରଶାସନିକ ଭବନରେ ପହଂଚିବା ପରେ ବନ୍ଦରର ସଚୀବ ଡ.ପି.ଏନ୍. ବେହେକର ତାଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ । ଏହା ପରେ ପ୍ରଶାସନିକ ଭବନର ବୋର୍ଡ ରୁମ୍ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ମାନ୍ୟବର ସଦସ୍ୟ ଡ.ଭାଭା ବିଭିନ୍ନ ଟ୍ରେଡ୍ ୟୁନିୟନ ଓ ସଂଘର ସଦସ୍ୟ ଓ କର୍ମକର୍ତ୍ତାମାନଙ୍କ ସହିତ ସଫେଇ କର୍ମଚାରୀମାନଙ୍କ ସଂପର୍କରେ ଆଲୋଚନା କରିଥିଲେ । ଏହା ପରେ ମାନ୍ୟବର ସଦସ୍ୟ ଡ.ଭାଭା ପାରାଦୀପ ବନ୍ଦରର ଅଧକ୍ଷ ପି.ଏଲ୍.ହାରାନାଦ୍ ଏବଂ ବନ୍ଦରର ବିଭାଗୀୟ ମୁଖ୍ୟ ଓ ବରିଷ୍ଠ ଅଧିକାରୀମାନଙ୍କ ସହିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ବନ୍ଦର ଅଧକ୍ଷ ସଫେଇ କର୍ମଚାରୀମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ମାନ୍ୟବର ସଦସ୍ୟ ଡ.ଭାଭା ପାରାଦୀପ ବନ୍ଦର ପକ୍ଷରୁ ସରକାରଙ୍କ ନିର୍ଦ୍ଧାରିତ ସୁବିଧା ସୁଯୋଗ ଦିଆଯାଉଥିବା ଜାଣି ଖୁସି ବ୍ୟକ୍ତ କରିଥିଲେ। ଏହା ପରେ ସେ ପାରାଦୀପ ବନ୍ଦର ପୋତାଶ୍ରୟ ଅଂଚଳ ପରିଦର୍ଶନ କରିଥିଲେ ବୋଲି ପାରାଦୀପ ବନ୍ଦର ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ଜଣାପଡିଛି ।

ପାରାଦୀପ ବନ୍ଦର ନ୍ୟାସ
ପସନ୍ଦିତ ବନ୍ଦର
SAGARMALA
PORT-LED PROSPERITY
ଏକ ଆଇଏସ୍‌ଓ ୯୦୦୧-୨୦୧୫ ପ୍ରମାଣିତ ଓ ଆଇଏସ୍‌ପିଏସ୍ ମାନ୍ୟ ବନ୍ଦର

୧୯ ନଭେମ୍ବର, ୨୦୨୧ ଦିନ
ବନ୍ଦର ଦିବସ
ପାଳନ ଅବସରରେ ସମସ୍ତ ହିତାଧିକାରୀମାନଙ୍କୁ ଶୁଭ ଅଭିନନ୍ଦନ

- ଭାରତର ପୂର୍ବତଟର ସାମୁଦ୍ରିକ ପ୍ରବେଶପଥରେ ଏହାର ଅବସ୍ଥିତି ।
- ଗୋଟିଏ ସ୍ଥଳରେ ସମସ୍ତ ସେବା ଉପଲବ୍ଧ ।
- ପଣ୍ୟ କାରବାର ନିମିତ୍ତ ଆଧୁନିକ ଯନ୍ତ୍ରପାତିର ସୁବ୍ୟବସ୍ଥା ।
- ଦକ୍ଷ ଏବଂ ସୁଲଭ ସେବା ଉପଲବ୍ଧ ।
- ବର୍ତ୍ତମାନ କେପ୍ ସାଇଜ ଜାହାଜ ଅଭ୍ୟନ୍ତରୀଣ ପୋତାଶ୍ରୟ ମଧ୍ୟରେ ଏବଂ ୩,୫୦,୦୦୦ ଡିଡବ୍ଲୁଟି କ୍ଷମତା ବିଶିଷ୍ଟ ଜାହାଜ ସିଙ୍ଗଲ୍ ପଏଣ୍ଟ୍ ମୁରିଂ (ଏସ୍‌ପିଏମ୍)ଠାରେ କାରବାର କରାଯାଉଅଛି ।
- ପାରାଦୀପ ବନ୍ଦରରେ ସାର ପଣ୍ୟର କାରବାର କରାଯାଉଅଛି ।
- ପାର୍ଶ୍ୱ ବ୍ୟବସାୟିକ କ୍ଷେତ୍ର ସହିତ ରେଳ ଓ ସଡ଼କର ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ।
- ଶୁଷ୍କ ପୋତାଶ୍ରୟ (ଡ୍ରାଏ ଡକ୍) ସୁବିଧା ଉପଲବ୍ଧ ।
- କମ୍ପ୍ୟୁଟରଭିତ୍ତିକ କାର୍ଯ୍ୟ ପରିଚାଳନା ସହ ଇଲେକ୍‌ଟ୍ରୋନିକ୍ ଡାଟା ଇଣ୍ଟରଚେଞ୍ଜ (ଇ.ଡି.ଆଇ) ବ୍ୟବସ୍ଥା ଉପଲବ୍ଧ ।
- ଜାହାଜ ଯାତାୟତ ପ୍ରବନ୍ଧନ (ଭି.ଟି.ଏମ୍.ଏସ୍) ବ୍ୟବସ୍ଥା ଉପଲବ୍ଧ ।
- ଆର୍ଥିକବର୍ଷ ୨୦୨୦-୨୧ ରେ ୧୧୪.୫୫ ନିୟୁତ ଟନ୍ ପଣ୍ୟ କାରବାର କରାଯାଇଛି ।
- ୨୦୨୫ ଆର୍ଥିକବର୍ଷରେ ବନ୍ଦରର ପଣ୍ୟ କାରବାର କ୍ଷମତା ୩୬୭ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିବ ।
- ଦେଶର ସମସ୍ତ ବୃହତ ବନ୍ଦରଗୁଡ଼ିକ ମଧ୍ୟରେ ପଣ୍ୟ କାରବାରରେ ପାରାଦୀପ ବନ୍ଦର ନିଜର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି ।
- ସମ୍ଭବତଃ ଦେଶରେ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦରରେ ଭୂମଧ୍ୟସାଗରୀୟ ମୁରିଂ ପଦ୍ଧତିରେ ପଣ୍ୟ ଖଲାସ ପ୍ରକ୍ରିୟା ଆରମ୍ଭ କରାଯାଇଛି ଓ ଏହି ପଦ୍ଧତିରେ ବିନା ବର୍ଥରେ ଜାହାଜରୁ ଖାଇବା ତେଲ ଖଲାସ କରଯାଉଛି ।






paradipport.gov.in www.paradipport.gov.in paradipport

# ଇନରହ୍ୱିଲ ତରଫରୁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ




ଉଦଳା, ୧୮/୧୧ (ନି.ପ୍ର): ଇନରହ୍ୱିଲ ଉଦଳା ଶାଖା ତରଫରୁ ସ୍ଥାନୀୟ ତାରିଣୀ ମନ୍ଦିର ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଇନରହ୍ୱିଲର ଉଦଳା ଶାଖାର ସଭାପତି ଜୟନ୍ତୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂପାଦିକା ମିନାକ୍ଷୀ ପଟ୍ଟନାୟକ, ଏଡ଼ିଟର ପ୍ରମିଳା ପଣ୍ଡା, କୋଷାଧକ୍ଷ ଗୀତାଶ୍ରୀ ରାୟ, ସହସଂପାଦିକା ଦିଗବାଳା ପରିଡ଼ା, ସିସିସି ସୁଜାତା ବିଶ୍ୱାଳ, ସୁବାସିନି ବେହେରା, ମମତା ସାହୁ, ଉର୍ମିଳା ମହାନ୍ତି, ରେଣୁବାଳା ପ୍ରଧାନ, ପ୍ରତିଭା ଘଡ଼େଇ ପ୍ରମୁଖ ଯୋଗ ଦେଇ ମନ୍ଦିରର ଚତୁପାର୍ଶ୍ୱ ଝାଡୁ ମାରି ସଫା କରିଥିଲେ । ଏହା ସହିତ ଆମଦେଶରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସଫଳ କରି ଆମେ ଦେଶ ଗଠନରେ ସହାୟକ ହେବା ବୋଲି ସମସ୍ତେ ମତ ଦେଇଥିଲେ । ଶେଷରେ କୃଷିକ୍ଷେତ୍ରରେ ନିୟୋଜିତ ଶ୍ରମିକ ମାନଙ୍କୁ ପ୍ରସାଦ ବଣ୍ଟନ ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଗଠିତ

ବାରିପଦା,୧୮/୧୧ (ନି.ପ୍ର): ରାଜ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷକ ସଂଘ ଗଠିତ ହୋଇଯାଇଛି । ରାଜ୍ୟ ଶିକ୍ଷକ ସଂଘ ରେଜିଷ୍ଟ୍ରେସନ ହେଲାପରେ ପରେ ବିଭିନ୍ନ ଜିଲ୍ଲାରେ ନୂତନ କମିଟି ଗଠନ ପ୍ରକ୍ରିୟା ଜାରି ରହିଛି । ଆଜିର ଏହି ଶିକ୍ଷକ ସମାବେଶରେ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ସଂପାଦକ ବିଭୁ ପ୍ରସାଦ ସାହୁ, ଉପଦେଷ୍ଟା ସୁରେନ୍ଦ୍ର ରାଉତ, ଉପ ସଭାପତି କେଶବ କର, କୋଷାଧକ୍ଷ ଗୋପାଳ ସେନ, ସଂଗଠନ ସଂପାଦକ ସୁଧାଂଶୁ ମଣ୍ଡଳ ଓ ଶରତ ଚନ୍ଦ୍ର ମହାନ୍ତ ମଞ୍ଚାସୀନ ରହି ଶିକ୍ଷକ ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ । ସାରା ଜିଲ୍ଲାରୁ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ସ୍ଥାନୀୟ ମିଳନଦେବୀ ଆଇ.ଟି.ଆଇ ପରିସରରେ ଏକତ୍ରିତ ହୋଇ ନୂତନ କର୍ମକର୍ତ୍ତା ଚୟନ କରିଥିଲେ । ଜିଲ୍ଲା ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ମଧ୍ୟରେ ସଭାପତି ଶରତ ଚନ୍ଦ୍ର ମହାନ୍ତ, କର୍ଯ୍ୟକାରୀ ସଭାପତି ଅଜିତ ନାରାୟଣ ଭଞ୍ଜଦେଓ, ସଂପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତ, ସଂଗଠନ ସଂପାଦକ ବିଜୟ କୁମାର ମହାନ୍ତ ଓ ମିଡିଆ ସଂଯୋଜକ ମୋହନ କୁମାର ବେହେରା ନିର୍ବାଚିତ ହୋଇଛନ୍ତି । ଆଜିର ଏହି ସମାବେଶରେ ଠାକୁରା ହେମ୍ବ୍ରମ, ବୈକୁଣ୍ଠ ଗିରି, ସତ୍ୟରଞ୍ଜନ ରାଉତ, ମଳୟ କୁମାର ମହାନ୍ତ, ମାନସ ସାହୁ, ରଞ୍ଜନ କୁମାର ନାଏକ, ଅଭିଜିତ ପାତ୍ର, ଶିରିଶ ସାହୁ, ମୀନ କେତନ ସ୍ୱାଇଁ, ମନୋରଞ୍ଜନ ସେଠୀ, ସନ୍ତୋଷ କୁମାର ସେଠୀ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଧ୍ରୁବେନ୍ଦ୍ର ସେଠୀ, ପ୍ରବୀଣ ଆଚାର୍ଯ୍ୟ, ଜଗନ୍ନାଥ ଦାସ, ସନ୍ତୋଷ କୁମାର ଜେନା, ଭରତ ଦାସ, ପ୍ରଭାତୀ ତ୍ରିପାଠୀ, ତପସ୍ୱିନୀ ମିଶ୍ର, ପ୍ରଫୁଲ୍ଲ କୁମାର ମହାନ୍ତ, ଅମୂଲ୍ୟ କୁମାର ଦେହୁରୀ ଓ ଭୀମଚରଣ ସିଂ ପ୍ରମୁଖ ସହଯୋଗ କରିଥିଲେ ।


# କ୍ରୀଡ଼ା ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା

## ବାଲେଶ୍ୱର ମହାବୀର କବାଡ଼ି କ୍ଲବ ଚାମ୍ପିୟନ



ବାଲେଶ୍ୱର,୧୮/୧୧ (ନି.ପ୍ର): ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଜିଲାସ୍ତରୀୟ ପୁରୁଷ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ସଂଘର ସହ-ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ଉଦଘାଟନ ସହ ସମସ୍ତ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ୧୪ ଗୋଟି ଟିମ ଏଥିରେ ଅଂଶଗ୍ରହଣ କରିଥିଲେ। ମାତ୍ର ମହିଳା ଟିମ ସଂଖ୍ୟା କମ ଥିବା କାରଣରୁ ଟ୍ରାଏଲ ଭିତ୍ତିରେ ଖେଳାଳି ଚୟନ କରାଯାଇଥିଲା। ତେବେ ୧୪ ଗୋଟି ପୁରୁଷ ଟିମ ରାତି ୮ଟା ପର୍ଯ୍ୟନ୍ତ ମ୍ୟାଚ ଖେଳିଥିଲେ। ଚିତ୍ତରଂଜନ ପାଶା, ସ୍ୱପ୍ନେନ୍ଦୁ ଆଚାର୍ଯ୍ୟ, ରାମପଦ ସେଠୀ, ଲକ୍ଷ୍ମୀଧର ବେହେରା, ପ୍ରାଣକୃଷ ଦେ, ନିତ୍ୟନୂତନ ଦେ, ଶେଖ ଏହେସାନ, ସଂଧ୍ୟା ମହାପାତ୍ର, କଳ୍ପଲତା ରଥ ପ୍ରମୁଖ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଧୀପ ଦାସ ଓ ବରିଷ୍ଠ ସଭ୍ୟ ସୁକାନ୍ତ କୁମାର ନାୟକ ଯୋଗଦେଇ ଚାମ୍ପିୟନ ଦଳ 'ବାଲେଶ୍ୱରର ମହାବୀର କବାଡ଼ି କ୍ଲବ ଓ ଏବଂ ରନର୍ସ ଅପ ଦଳ ଭୋଗରାଇର ସେଭେନ ଷ୍ଟାର କବାଡ଼ି କ୍ଲବକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। କେଷାଧ୍ୟକ୍ଷ ଅମର କୁମାର ମହାନ୍ତି, ଉପ-ସଭାପତି ମିହିର କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ଜଗଦୀଶ ବେହେରା, ସଂଜୟ କୁମାର ଲେଙ୍କା, ସୁଜୟ କୁମାର ଆଚାର୍ଯ୍ୟ, ନିମାଇ ଚରଣ ରାଉତରାୟ, ବିଷ୍ଣୁ ପ୍ରସାଦ ମହାନ୍ତି, ରବିନ ମିତ୍ର, ଜନ୍ମେଜୟ ଦେ, ଲକ୍ଷ୍ମୀନାରାୟଣ ମିଶ୍ର, କବାଡ଼ି ସଂଘ ଉପ-ସଭାପତି ବୀରେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଏହି ଉଦଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କ୍ରୀଡ଼ା ସଂଘର କବାଡ଼ି ବିଭାଗ ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଚିତ୍ତରଞ୍ଜନ ନାହକଙ୍କ ଡକ୍ଟରେଟ୍ ଲାଭ



ଭୁବନେଶ୍ୱର,୧୮/୧୧ (ନି.ପ୍ର): ଚିତ୍ତରଞ୍ଜନ ନାହକ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ତୁଳନାତ୍ମକ ସାହିତ୍ୟରେ ଗବେଷଣା କରି ପିଏଚ୍‌ଡି ଉପାଧି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଶ୍ରୀଯୁକ୍ତ ନାହକ 'ସସୁମିତ୍ରା ନନ୍ଦନ ପନ୍ତ ଏବଂ ସଚ୍ଚିଦାନନ୍ଦ ରାଉତରାୟ କେ କାବ୍ୟ କି ମାନବତାବାଦୀ ପ୍ରବୃତ୍ତିୟୋଂ କା ତୁଳନାତ୍ମକ ଅଧ୍ୟୟନ' ଶୀର୍ଷକ ଉପରେ ପଶ୍ଚିମବଙ୍ଗ ହିନ୍ଦୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଦାମୋଦର ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗବେଷଣା କରିଥିଲେ । ଉକ୍ତ ଗବେଷଣାତ୍ମକ ନିବନ୍ଧ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ (ଉତ୍ତରପ୍ରଦେଶ)ର ହିନ୍ଦୀ ବିଭାଗର ମୁଖ୍ୟ ତଥା ବରିଷ୍ଠ ପ୍ରଫେସର ଡ. ପବନ ଅଗ୍ରୱାଲ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ବରିଷ୍ଠ ପ୍ରଫେସର ଡ. ମୋହନଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଅଛି । ଡକ୍ଟର ଚିତ୍ତରଞ୍ଜନ ନାହକ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ନିକଟସ୍ଥ ଫୁଲଟା ଗ୍ରାମର ସ୍ୱର୍ଗୀୟ ବୁଧିଆ ନାହକ ଓ ଶ୍ରୀମତୀ ଧୋବୁଣୀ ନାହକଙ୍କ ଜ୍ୟେଷ୍ଠ ପୁତ୍ର ଏବଂ ଶ୍ରୀ ନବଘନ ନାହକ ଓ ଶ୍ରୀମତୀ ସରୋଜିନୀ ନାହକଙ୍କ ଜାମାତା ଅଟନ୍ତି । ସଂପ୍ରତି ଡକ୍ଟର ନାହକ ମିନିରତ୍ନ କମ୍ପାନୀ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ୍) ମୁଖ୍ୟାଳୟର ଜନ ସମ୍ପର୍କ ବିଭାଗରେ ବରିଷ୍ଠ ହିନ୍ଦି ଅନୁବାଦକ ପଦବୀରେ କାର୍ଯ୍ୟରତ । ଏହାର ଶ୍ରେୟ ସେ ନିଜର ମାର୍ଗଦର୍ଶକ ପ୍ରଫେସର ଡ. ଦାମୋଦର ମିଶ୍ର, ଉପ ମହାପ୍ରବନ୍ଧକ (ବିତ୍ତ) ଶ୍ରୀ ଡିକେନ୍ ମେହେରା, ଏମ.ସି.ଏଲର ଜନସମ୍ପର୍କ ବିଭାଗର ସଦସ୍ୟ ଓ ନିଜର ମାତା-ପିତା, ଧର୍ମପତ୍ନୀ ଶ୍ରୀମତୀ ତପସ୍ୱିନୀ ନାହକ, ଭାଇ ଓ ଭଉଣୀଙ୍କୁ ଦେବା ସହ ଭଗବାନ ଶିବ ଶଙ୍କର ଓ ସର୍ବ ଦେବାଦେବୀଙ୍କୁ ଭକ୍ତିପୁତ ପ୍ରାର୍ଥନ ଜଣାଇଛନ୍ତି ।

# ଉଚ୍ଚତର ପ୍ରଶିକ୍ଷଣ ପାଇଁ ବେଙ୍ଗାଲୁରୁ ଗଲେ ୮୮ ଶିକ୍ଷକ

ଭୁବନେଶ୍ୱର,୧୮/୧୧ (ନି.ପ୍ର): ବିଜ୍ଞାନ ଓ କାରିଗରୀ ବିଭାଗ ଆନୁକୂଲ୍ୟରେ ବିଜ୍ଞାନ ଓ ଗଣିତ ବିଷୟରେ ଉଚ୍ଚତର ପ୍ରଶିକ୍ଷଣ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ୮୮ ଜଣ ଶିକ୍ଷକ ବେଙ୍ଗାଲୁରୁ ଯାଇଛନ୍ତି । ସେମାନେ ୨୯ ତାରିଖ ପର୍ଯ୍ୟନ୍ତ ୧୦ ଦିନ ପାଇଁ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ଅଧୀନସ୍ଥ ପ୍ରତିଭା ବିକାଶ କେନ୍ଦ୍ରରେ ପ୍ରଶିକ୍ଷିତ ହେବେ । ରାଜ୍ୟର ବିଭିନ୍ନ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଜ୍ଞାନ ଓ ଗଣିତ ଶିକ୍ଷକ ଭାବେ କାର୍ଯ୍ୟରତ ଏହି ଶିକ୍ଷକମାନେ ନୂତନ ଧାରାରେ ଶ୍ରେଣୀ ପରିଚାଳନା କରିବାର ଦକ୍ଷତା ହାସଲ କରିବା ସହିତ ଶ୍ରେଣୀ ପାଠ୍ୟଦାନରେ ପରୀକ୍ଷା, ସିଦ୍ଧାନ୍ତ ଓ ତତ୍ତ୍ୱର ପ୍ରୟୋଗ କରିପାରିବେ । ଶିକ୍ଷକମାନଙ୍କ ପ୍ରଶିକ୍ଷଣ ନିମନ୍ତେ ସମସ୍ତ ବ୍ୟୟ ବିଜ୍ଞାନ ଓ କାରିଗରୀ ବିଭାଗ ବହନ କରିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟରେ ୧୧୪ ଜଣ ଶିକ୍ଷକ ଏହି ପ୍ରଶିକ୍ଷଣ ନେଇଛନ୍ତି । ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବେଙ୍ଗାଲୁରୁଠାରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ ।

# ଡାଳିକିଆ ବେଶରେ ଦର୍ଶନଦେଲେ ଦାରୁବିଗ୍ରହ

ପୁରୀ,୧୮/୧୧ (ନି.ପ୍ର): ପଞ୍ଚକର ଚତୁର୍ଥଦିବସରେ ଶ୍ରୀଜିଉମାନଙ୍କର ଲକ୍ଷ୍ମୀନୃସିଂହ ବା ଡାଳିକିଆ ବେଶ ଅନୁଷ୍ଠିତ ହୋଇଛି । ଏହି ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିର ପରିସରରେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଦର୍ଶନାର୍ଥୀଙ୍କ ଭିଡ଼ ଲାଗି ରହିଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲ। ତ୍ରିବିକ୍ରମ ବେଶ ଭଳି ଶ୍ରୀଜିଉମାନଙ୍କୁ ବିବିଧ ସ୍ୱର୍ଣ୍ଣ ଅଳଙ୍କାରରେ ମଣ୍ଡିତ କରାଯାଇଥିଲା । ତିନିଠାକୁରଙ୍କ ଶ୍ରୀମସ୍ତକରେ ଲାଗି କରାଯାଇଥିଲା ଭଣ୍ଡୀଚୂଳ, ସ୍ୱର୍ଣ୍ଣକିଆ ଓ ଡାଳି । ଦାରୁବିଗ୍ରହମାନେ ସ୍ୱର୍ଣ୍ଣ ଶ୍ରୀଭୂଜ, ଶ୍ରୀପୟର ଓ ବିଭିନ୍ନ ସୁବର୍ଣ୍ଣମାଳିରେ ସଜ୍ଜିତ ହୋଇଥିଲେ । ସୋଲ, ଜରି ଓ ରଙ୍ଗରେ ତିଆରି ବହୁ ସଂଖ୍ୟକ ଫୁଲ ଠାକୁରମାନଙ୍କର ଶ୍ରୀମସ୍ତକରେ ଶୋଭା ପାଉଥିଲା । ଡାଳିର ମଝିରେ ମଝିରେ ଠିଆ ପାଖୁଡା ଆକୃତିର ସ୍ୱର୍ଣ୍ଣକିଆ ଖଞ୍ଜାଯାଇଥିଲା । ଏହି ବେଶ ଥାଇ ମହାପ୍ରଭୁଙ୍କର ଗୋପାଳବଲ୍ଲଭ, ବାଲଧୂପ ଓ ସକାଳଧୂପ ସଂପନ୍ନ ହୋଇଥିଲା । ଶୃଙ୍ଖଳିତ ଦର୍ଶନ ଲାଗି ମରିଚିକୋଟ ଛକରୁ ବ୍ୟାରିକେଡ କରାଯାଇଥିଲା । ଦର୍ଶନାର୍ଥୀମାନଙ୍କ ଜନସମାଗମକୁ ଆଖି ଆଗରେ ରଖି ଭିଡ଼ ନିୟନ୍ତ୍ରଣ ଓ ଆଇନ୍ ଶୃଙ୍ଖଳା ରକ୍ଷାଲାଗି ୨୯ଜଣ ଇନ୍ସପେକ୍ଟର, ୧୦୨ଜଣ ସବ୍‌ଇନ୍ସପେକ୍ଟର ଓ ଏଏସଆଇ,୪୦ ଜଣ ହାବିଲଦାର ଓ କନଷ୍ଟେବଳ, ୬୫ଜଣ ହୋମଗାର୍ଡ଼ ଏବଂ ୨୦ ପ୍ଲାଟୁନ୍ ଫୋର୍ସଙ୍କୁ ନିୟୋଜିତ କରାଯାଇଥିଲା । ୮ଜଣ ଡିଏସ୍‌ପି ଓ ୩ଜଣ ଅତିରିକ୍ତ ଏସ୍‌ପି ଭିଡ଼ ନିୟନ୍ତ୍ରଣ ଓ ଆଇନ୍ ଶୃଙ୍ଖଳା ପରିସ୍ଥିତିର ତଦାରଖ କରିଥିଲେ। ଆସନ୍ତାକାଲି କାର୍ତ୍ତିକ ପୂର୍ଣ୍ଣିମାରେ ଦାରୁବିଗ୍ରହମାନଙ୍କ ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ହେବ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo